- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-106 ◆FRIDAY ◆09 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୬ ◆ଶୁକ୍ରବାର ◆୦୯ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ପରପାରିରେ 'କ୍ରାନ୍ତିବୀର'

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ

■ନୂଆଦିଲ୍ଲୀ/ଗୋଆ, ୮ ।୧୦ (ଏଜେନ୍ସି): ଭାରତୀୟ ସିନେମା ଜଗତର ଅନ୍ୟତମ ପ୍ରଭାବଶାଳୀ ତଥା ବର୍ଷୀଆନ୍ ଅଭିନେତା ନାନା ପାଟେକର ଆଉ ନାହାନ୍ତି । ଗତକତାଲି ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳେ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ସିନେମା ଜଗତରେ ଶୋକର ଛାୟା ଖେଳିଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ମନ୍ତ୍ରୀ, ନେତା ଓ ଅଭିନେତା ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବା ପରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଗୋଆସ୍ଥିତ ତାଙ୍କ ବାସଭବନକୁ ଡାକ୍ତରୀ ଦଳ ପଠାଯାଇଥିଲା । ପରେ ମଣିପାଲ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସକମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନଥିଲା । ହୃଦ୍‌ଘାତ ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ କୁହାଯାଇଛି । ନାନାଙ୍କ ପୁଅ ମହ୍ଲାର ପାଟେକରଙ୍କ ସୂଚନା ଅନୁଯାୟୀ, ନାନା ରାତିରେ ଅସୁସ୍ଥ ଅନୁଭବ କରୁଥିବା ଜଣାଇଥିଲେ । ଭୋର ପ୍ରାୟ ୪ଟା ସମୟରେ ଡାକ୍ତରୀ ଦଳ ତାଙ୍କ ବାସଭବନରେ ପହଞ୍ଚିବା ବେଳକୁ ସେ ଚେତାଶୂନ୍ୟ ହୋଇସାରିଥିଲେ । ସେଠାରେ ତାଙ୍କୁ ଜରୁରୀକାଳୀନ ଚିକିତ୍ସା ଓ ହୃତ୍‌ପିଣ୍ଡ ମାଲିସ୍ ଦିଆଯାଇଥିଲା । ପରେ ଆମ୍ବୁଲାନ୍ସରେ ହସ୍ପିଟାଲ ▶ପୃଷ୍ଠା-୭

ଆନ୍ କାର୍ସନ୍‌ଙ୍କୁ ସାହିତ୍ୟରେ ନୋବେଲ

■ ଷ୍ଟକହୋମ୍,୮ ।୧୦(ଏଜେନ୍ସି): କାନାଡୀୟ ଲେଖିକା ଆନ୍ କାର୍ସନ୍‌ଙ୍କୁ ୨୦୨୬ ମସିହାର ନୋବେଲ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରାଚୀନ ଗ୍ରୀକ୍ ଓ ରୋମୀୟ ସାହିତ୍ୟ ଏବଂ ପରମ୍ପରାକୁ ନୂଆ ଦୃଷ୍ଟିକୋଣରେ ଉପସ୍ଥାପନ କରିବା ସହ କବିତା, ଗଦ୍ୟ ଓ ନାଟକ ଭଳି ବିଭିନ୍ନ ସାହିତ୍ୟିକ ଧାରାକୁ ଏକାଠି କରି ନୂଆ ଲେଖନ ରୂପ ସୃଷ୍ଟି କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି । ୧୯୫୦ରେ କାନାଡାର ଟରଣ୍ଟୋରେ ଜନ୍ମିତ କାର୍ସନ୍ ୧୯୮୧ରେ ପ୍ରାଚୀନ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଡକ୍ଟରେଟ୍ ଥେସିସ୍

ପ୍ରକାଶ କରିଥିଲେ । ପରେ ସେ କବିତା ରଚନା ସହ ପ୍ରାଚୀନ ଗ୍ରୀକ୍ ସାହିତ୍ୟର ଅନୁବାଦ କରିଛନ୍ତି ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଛନ୍ତି । ଶବ୍ଦର ଉତ୍ପତ୍ତି, ଏହାର ଅର୍ଥ ଏବଂ ସମୟ ସହ ଶବ୍ଦର ଅର୍ଥ କିପରି ବଦଳେ, ତାହା ତାଙ୍କ ଲେଖାର ଏକ ମୁଖ୍ୟ ବିଷୟ । ସେ ଗ୍ରୀକ୍ କବି ସାଫୋ ଏବଂ ନାଟ୍ୟକାର ସୋଫୋକ୍ଲିଜ୍‌ଙ୍କ 'ଇଲେକ୍ଟ୍ରା' ଓ 'ଆଣ୍ଟିଗୋନି' ଭଳି କୃତିର ଅନୁବାଦ ମଧ୍ୟ କରିଛନ୍ତି । ୧୯୮୬ରେ ପ୍ରକାଶିତ 'ଇରୋସ୍ ଦ ବିଟରସ୍ୱିଟ୍' କାର୍ସନ୍‌ଙ୍କୁ ବ୍ୟାପକ ପରିଚିତି ଦେଇଥିଲା । ▶ପୃଷ୍ଠା-୭

ଜ୍ଞାନେଶ ହଟାଅ ଅଭିଯାନ
ରାଜଘାଟରେ ପହଞ୍ଚିଲା ଆନ୍ଦୋଳନ

■ ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ୧୩ କୋଟି ଭୋଟରଙ୍କୁ କାଟି ବିବାଦୀୟ ଏସ୍‌ଆଇଆର୍ ଜରିଆରେ ଦେଶକୁ ଗଣତାନ୍ତ୍ରିକ ସଙ୍କଟ ଭିତରକୁ ଠେଲିଦେଇଥିବା ମୁଖ୍ୟ ନିର୍ବାଚନ

ନରମିଲା ଦିଲ୍ଲୀ ପୁଲିସ; ଇଣ୍ଡିଆ ନେତାଙ୍କୁ ଅଟକାଇଲା ନାହିଁ

'ଯନ୍ତରମନ୍ତର-୨' ପାଇଁ ମାଡ଼ି ଆସୁଛନ୍ତି କକ୍ରୋଚ୍ ଆନ୍ଦୋଳନକାରୀ

ଦିଲ୍ଲୀରେ ପୁଲିସ ଛାଉଣୀ, ୨୬ ହଜାର ଫୋର୍ସ ମୁତୟନ

କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ତାଙ୍କୁ ହଟାଇବା ଲାଗି ଦେଶବ୍ୟାପୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଗତ ତିନି ଦିନ ଧରି ଇଣ୍ଡିଆ ମେଣ୍ଟର ସାଂସଦ ଓ ନେତା-କର୍ମୀ ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ଚଳାଇଥିବା ବେଳେ

ବିରୋଧୀ ସାଂସଦଙ୍କ ଧାରଣା

ଆସନ୍ତା ୧୦ ତାରିଖରେ ଯନ୍ତରମନ୍ତରରେ ଆନ୍ଦୋଳନ କରିବାକୁ କକ୍ରୋଚ୍ ଜନତା ପାର୍ଟିର ଘୋଷଣା ପ୍ରଶାସନର ନିଦ ହଜାଇ ଦେଇଛି । ଯନ୍ତରମନ୍ତର-୨ ଆନ୍ଦୋଳନ ପାଇଁ କକ୍ରୋଚ୍ ପାର୍ଟି କର୍ମୀ ଓ ସମର୍ଥକ ଦିଲ୍ଲୀ ଆଡ଼କୁ ମାଡ଼ି ଆସୁଥିବା ବେଳେ ସେମାନଙ୍କୁ ଅଟକାଇବା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପରିସ୍ଥିତିର ମୁକାବିଲା ଲାଗି ୨୬ ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଛି ।

ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶଙ୍କୁ ହଟାଇବା ଲାଗି ଇଣ୍ଡିଆ ମେଣ୍ଟ ପକ୍ଷରୁ ତିନି ଦିନ ଧରି ବ୍ୟାପକ ଆନ୍ଦୋଳନ ଚଳାଇଛନ୍ତି । ଆଜି ଏହାର ସାଂସଦ ଓ ନେତା ରାଜଘାଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । ତେବେ ଗତ ଦୁଇ ଦିନ ଭଳି ପୁଲିସ ଆଜି ସେମାନଙ୍କୁ ଅଟକାଇ ନଥିଲା । କନ୍ନଟ୍ ପ୍ଲେସ୍‌ରେ ମଧ୍ୟାହ୍ନ ଭୋଜନ ବୈଠକ ପରେ ସେମାନେ ରାଜଘାଟ ଅଭିମୁଖେ ଯାଇଥିଲେ । ସେଠାରେ ସନ୍ଧ୍ୟା ବେଳେ କିଛି ସମୟ ପାଇଁ ଧାରଣା ଦେବାପରେ ଫେରିଯାଇଥିଲେ । ଏହି ପ୍ରତିବାଦ ଧାରଣାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ ସମେତ ରାହୁଲ, ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟି, ଆରଜେଡି, ଉଦ୍ଧବ ସେନା, ଶରଦ ପାୱାରଙ୍କ ସମାଜବାଦୀ ପାର୍ଟି ଓ ଅନ୍ୟ ଦଳର ନେତାମାନେ ସାମିଲ ହୋଇଥିଲେ । ଏହି ଅବସରରେ ସେମାନେ ଘୋଷଣା କରିଥିଲେ ଯେ ଜ୍ଞାନେଶ କୁମାର ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ଆରଏସଏସ୍ ମୁଖ୍ୟଙ୍କ ସହ ମିଶି ଜ୍ଞାନେଶ କୁମାର ଗଣତନ୍ତ୍ରର ହତ୍ୟା କରୁଛନ୍ତି ବୋଲି ରାହୁଲ ତାଙ୍କର ପୁରୁଣା ଅଭିଯୋଗକୁ ଦୋହରାଇଥିଲେ । ତେବେ ଆଜିର ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ▶ପୃଷ୍ଠା-୭

ଓଡ଼ିଶାରେ 'ଇଣ୍ଡିଆ ବ୍ଲକ୍' ବନ୍ଦର ପ୍ରଭାବ

ଅଟକିଲା ଅଖ-ଚକ; ଜୀବନଯାତ୍ରା ପ୍ରଭାବିତ

■ ଭୁବନେଶ୍ୱର,୮ ।୧୦(ସମିସ): ପ୍ରମୁଖ ୪ଟି ଦାବିକୁ ନେଇ ଡକରା ଦିଆଯାଇଥିବା ଓଡ଼ିଶା ବନ୍ଦ ସଫଳ ହୋଇଛି ବୋଲି ଇଣ୍ଡିଆ ମେଣ୍ଟ ଦାବି କରିଛି । ଗୁରୁବାର

ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ 'ଇଣ୍ଡିଆ ବ୍ଲକ'ର କୃତଜ୍ଞତା

ଭୁବନେଶ୍ୱରରେ ଜୋରଦାର ପ୍ରତିବାଦ, ଶତାଧିକ ଗିରଫ

ଲୋକସେବା ଭବନ ଅଭିମୁଖେ ଗଲା ମିଳିତ ପଦଯାତ୍ରା

ସକାଳ ୬ଟାରୁ ଓଡ଼ିଶା ବନ୍ଦ ଡକରା ଯୋଗୁଁ ଇଣ୍ଡିଆ ମେଣ୍ଟ ପକ୍ଷରୁ ସାରା ରାଜ୍ୟରେ ପିକେଟିଂ ଓ ବାଇକ୍ ରାଲି କରାଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଇଣ୍ଡିଆ ମେଣ୍ଟ ସହଯୋଗୀ ଦଳର

ନେତୃବୃନ୍ଦ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ସାରା ରାଜ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଚକା ଜାମ୍ ହୋଇଥିଲା । ଭୁବନେଶ୍ୱରଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଏହି ବନ୍ଦରେ ଇଣ୍ଡିଆ ମେଣ୍ଟର ନେତୃବୃନ୍ଦ ସାମିଲ ହୋଇଥିଲେ । ସକାଳୁ ବିଭିନ୍ନ ଷ୍ଟେସନରେ ରେଳ ରୋକ ସାଙ୍ଗକୁ ଜାତୀୟ ରାଜପଥଗୁଡ଼ିକରେ ଯାନବାହନ ମଧ୍ୟ ଅଟକ ରଖାଯାଇଥିଲା । ଏଥିପାଇଁ ମାଲ୍ ପରିବହନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ସେବା ▶ପୃଷ୍ଠା-୭

ଅକ୍ସିଜେନ୍ ସିଲିଣ୍ଡର ଫାଟି ଜଳିଗଲା ଆମ୍ବୁଲାନ୍ସ; ରୋଗୀ ମୃତ

■ବାରିପଦା/ଉଦଳା, ୮ ।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଗୁରୁବାର

ରାତିରେ ଘଟିଛି ଏକ ହୃଦୟ ବିଦାରକ ତଥା ଭୟାନକ ଅଗ୍ନିକାଣ୍ଡ । ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ହେଉଥିବା ଏକ ଘରୋଇ ବୋଲେରୋ ଆମ୍ବୁଲାନ୍ସରେ ଅଚାନକ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟି ନିଆଁ ଲାଗିଯାଇଛି । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଭିତରେ ଥିବା ରୋଗୀଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ।

ସୂଚନା ମୁତାବକ, ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଅଞ୍ଚଳର ସୁଯୋଗ ବାରିକ ନାମକ ଜଣେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଉଦଳା ମେଡିକାଲରୁ ଭୁବନେଶ୍ୱରର ଏକ ▶ପୃଷ୍ଠା-୭

ବାଣ ବିସ୍ଫୋରଣରେ ବାପ-ପୁଅ ମୃତ

■ ଜଗତସିଂହପୁର, ୮।୧୦ (ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହିଳୋ ଚାନ୍ଦପୁର ଗ୍ରାମରେ ଆଜି ଭୟଙ୍କର ବିସ୍ଫୋରଣ ଘଟି ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି ।

ସୂଚନା ଅନୁସାରେ ଗୁରୁବାର ଦିନ ପ୍ରାୟ ଗୋଟାଏ ସମୟରେ ଚାନ୍ଦପୁର ଗ୍ରାମର ମନୋରଞ୍ଜନ ସ୍ୱାଇଁଙ୍କ ଘରେ ହଠାତ ବିସ୍ଫୋରଣ ଘଟିଥିଲା । ଘର ଭିତରେ ବିଭିନ୍ନ ପ୍ରକାର ବାଣ ରହିଥିବାରୁ କୌଣସି ▶ପୃଷ୍ଠା-୭

ଓଲଟ ପାଲଟ



ଓଡିଶା ସୀମାନ୍ତ କୋଟିଆ ଅଞ୍ଚଳେ
ଆନ୍ଧ୍ର କରେ ଘର ଦ୍ୱାର,
ପଶ୍ଚିମ ବଙ୍ଗଟି ଜବରଦଖଲ
କରିଛି ବିଳାସପୁର ।
ସେ ସ୍ଥାନଟି ଓଡ଼ିଶାର,
ଓଡ଼ିଶା ଖଜଣା ଦେଉଛି ସେପାଇଁ
ଚାଷ ବଙ୍ଗ କୃଷକର ।
ବାଲି ସଇରାତ ଜବରଦଖଲ
କି କରନ୍ତି ସରକାର ??

- ଯାଯାବର

ସିବିଆଇ ଜାଲରେ ନୂଆପଡ଼ା ଏକଲବ୍ୟ ସ୍କୁଲ୍ ପ୍ରଧାନଶିକ୍ଷକ

■ ଭୁବନେଶ୍ୱର, ୮।୧୦(ସମିସ): ସିବିଆଇ ଜାଲରେ ପଡ଼ିଛନ୍ତି ନୂଆପଡ଼ାସ୍ଥିତ ଏକଲବ୍ୟ

ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍ (ଇଏମ୍‌ଆର୍‌ଏସ୍)ର ପ୍ରଧାନଶିକ୍ଷକ । ଜଣେ ଏଏନ୍‌ଏମ୍‌ଙ୍କ ଚାକିରି କାର୍ଯ୍ୟକାଳ ବୃଦ୍ଧି ସୁପାରିସ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ପ୍ରଧାନ ଶିକ୍ଷକ ସି କ୍ରିଷ୍ଣା ମୂର୍ତ୍ତି ନାଇଡୁଙ୍କୁ ଧରିଛି ସିବିଆଇ ।

ସିବିଆଇ ସୂଚନାନୁସାରେ, ନୂଆପଡ଼ାସ୍ଥିତ ଏକଲବ୍ୟ ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍‌ରେ ମିନତି ସାହୁ ଏଏନ୍‌ଏମ୍ ଭାବେ ▶ପୃଷ୍ଠା-୭

ବଜ୍ରପାତରେ ୨ ମହିଳା ମୃତ

■ ରେମୁଣା, ୮।୧୦(ସମିସ): ଗୁରୁବାର ମଧ୍ୟାହ୍ନରେ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତ ଯୋଗୁ ୨ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ରେମୁଣା ବ୍ଲକ ନୂଆପାଢୀ ପଞ୍ଚାୟତର ରସଲପୁର (ବନ୍ଧସାହି)ର ମୁନା ସିଂଙ୍କ ସ୍ତ୍ରୀ ସୋମବାରୀ ସିଂ(୪୫) ଏବଂ ଲିପୁ ସିଂଙ୍କ ସ୍ତ୍ରୀ ସୁକାନ୍ତି ସିଂ(୩୩) ଗ୍ରାମ ନିକଟ ଧାନବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା । ଉଭୟ ଧାନ ବିଲରେ ଟଳି ପଡ଼ିଥିଲେ । ସେମାନଙ୍କୁ ଉଦ୍ଧାର କରି ଗ୍ରାମବାସୀ ସ୍ଥାନୀୟ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ । ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି । ▶ପୃଷ୍ଠା-୭

ଦିନକରେ ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

ଗାଡ଼ି ଧକ୍କାରେ ଦମ୍ପତି ମୃତ; ଶବ ରଖି ରାସ୍ତା ଅବରୋଧ

■ ଖଡ଼ିଆଳ,୮।୧୦(ସମିସ): ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଡ଼ମହେଶ୍ୱର ଛକ

ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ମୃତକ କୋମନା ବ୍ଲକ ବିରୁନପଦର ଗ୍ରାମର କର୍ପୁରଚନ ପଟେଲ (୫୫) ଏବଂ ତାଙ୍କ ସ୍ତ୍ରୀ ମନ୍ଦାକିନୀ ପଟେଲ (୫୦) ।

ସୂଚନା ଅନୁସାରେ, ଉଭୟ ସ୍ୱାମୀ-ସ୍ତ୍ରୀ ବୁଧବାର ପାରିବାରିକ କାମରେ ଖଡ଼ିଆଳ ବ୍ଲକ କୋଟିପଦର ଗ୍ରାମକୁ ଆସିଥିଲେ । ସେଠାରେ ଗୋଟିଏ ଦିନ ରହିବା ପରେ ଗୁରୁବାର ପାହାନ୍ତିଆରୁ ଏକ ସୁପର ଏକ୍ସଏଲ ଯୋଗେ ଗାଁକୁ ଫେରୁଥିଲେ । ଏହି ସମୟରେ ଖଡ଼ିଆଳ ବଡ଼ମହେଶ୍ୱରଠାରେ ଏକ ▶ପୃଷ୍ଠା-୭

ରେଳ ଓଭରବ୍ରିଜ୍ ବଡିଖୁଣ୍ଟରେ ପିଟିହୋଇ ଦୁଇ ବାଇକ୍‌ଆରୋହୀ ମୃତ

■ ପୁରୀ,୮।୧୦(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ସମଯାଜପୁର ବ୍ରିଜ୍ ନିକଟରେ ଗୁରୁବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଦ୍ୱୟ ଜଗତସିଂହପୁର ଅଞ୍ଚଳର ଦେବୀ ଲକ୍ଷ୍ମୀ ନାରାୟଣ ଦାସ ଓ ସୁଦୀପ୍ତ କୁମାର ଜେନା ବୋଲି ଜଣାପଡ଼ିଛି ।

ପୁଲିସ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୪ଟା ସମୟରେ ଉଭୟ ଏକ ବାଇକ୍ ଯୋଗେ ପୁରୀରୁ ସାକ୍ଷୀଗୋପାଳ ଅଭିମୁଖେ ଯାଉଥିଲେ । ସମଯାଜପୁର ବ୍ରିଜ୍ ନିକଟରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ▶ପୃଷ୍ଠା-୭



ପୃଥିବୀର ଅଧିକାଂଶ ଅଞ୍ଚଳରେ ଅସ୍ୱାଭାବିକ ଉତ୍ତାପ

ଉଗ୍ର ହେଉଛି 'ସୁପର୍-ଡୁପର୍ ଏଲ୍ ନିନୋ'

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ବଢ଼ାଇଛି ତୀବ୍ର ହେଉଥିବା 'ଏଲ୍ ନିନୋ'। ପାଣିପାଗ ବିଶେଷଜ୍ଞମାନେ ଏହା ଅଭୂତପୂର୍ବ ସ୍ତର ଆଡ଼କୁ ଯାଉଥିବା ନେଇ ସତର୍କ କରିଛନ୍ତି। ଜାତିସଂଘର ପାଣିପାଗ ଓ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ ମଧ୍ୟ ଚଳିତ ବର୍ଷର ଏଲ୍ ନିନୋ ୧୯୫୦ ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ ବୋଲି ଆକଳନ କରିଛି। ବିଶେଷଜ୍ଞଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରରେ ସଞ୍ଚିତ ବିପୁଳ ତାପ ବାୟୁମଣ୍ଡଳକୁ ମୁକ୍ତ ହେବା ଯୋଗୁଁ ପୃଥିବୀର ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଦେଖାଦେଇପାରେ। ଜଳବାୟୁ ବିଶେଷଜ୍ଞ ରାୟାନ୍ ମାଉ ଏକ ଜଳବାୟୁ ମାନଚିତ୍ର ସେୟାର କରି ପୃଥିବୀର ପ୍ରାୟ ସମଗ୍ର ଅଞ୍ଚଳ ଲାଲ ରଙ୍ଗରେ ଦେଖାଯାଉଥିବା ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ, ଶୀତ ଋତୁ ପର୍ଯ୍ୟନ୍ତ ଏଲ୍ ନିନୋ ଅତ୍ୟଧିକ ଶକ୍ତିଶାଳୀ ରହିପାରେ।

ବିଶ୍ୱ ପାଣିପାଗ ସଂଗଠନର ଆକଳନ ଅନୁସାରେ, ଏଲ୍ ନିନୋ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ। ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ କେନ୍ଦ୍ରୀୟ ଓ ପୂର୍ବ ଉଷ୍ମ ପ୍ରଶାନ୍ତ ମହାସାଗରର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୭ ଡିଗ୍ରୀ ସେଲସିୟସ୍ ଅଧିକ ହୋଇପାରେ ବୋଲି ଆକଳନ କରାଯାଇଛି। ଏହା ଏଲ୍ ନିନୋର ତୀବ୍ରତା ସମ୍ପର୍କରେ ଚିନ୍ତା ବଢ଼ାଇଛି। ଅନ୍ୟ ଜଣେ ଜଳବାୟୁ ବୈଜ୍ଞାନିକ ଜେକ୍ ହାଉସଫାଦର କହିଛନ୍ତି ଯେ, ଏଲ୍ ନିନୋର ପ୍ରଭାବ ଏବେ ଅଜଣା ସୀମା ଆଡ଼କୁ ବଢ଼ୁଛି। ନିନୋ-୩.୪ ଅଞ୍ଚଳର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୪ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିବା ସେ ଉଲ୍ଲେଖ କରିଛନ୍ତି। ପାଣିପାଗ ବିଶେଷଜ୍ଞ ଲିଓନ୍ ସିମନ୍ସ ଏହାକୁ 'ସୁପର୍-ଡୁପର୍ ଏଲ୍ ନିନୋ' ବୋଲି ବର୍ଣ୍ଣନା କରିଛନ୍ତି। ଏଲ୍ ନିନୋ ହେଉଛି ପ୍ରାକୃତିକ ଭାବେ ଘଟୁଥିବା ଏଲ୍ ନିନୋ-ସଦର୍ଣ୍ଣ ଅସିଲେସନ୍ ଚକ୍ରର ଉଷ୍ମ ପର୍ଯ୍ୟାୟ। ଏହା ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗକୁ ପ୍ରଭାବିତ କରେ। ଏହାର ପ୍ରଭାବରେ ବିଶ୍ୱ ତାପମାତ୍ରା ବଢ଼ିବା ସହ ବର୍ଷାର ଧାରାରେ ବଡ଼ ପରିବର୍ତ୍ତନ ଘଟିପାରେ। କେତେକ ଅଞ୍ଚଳରେ ମରୁଡ଼ି ଓ ଅନ୍ୟ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହେବାର ଆଶଙ୍କା ରହିଥାଏ। ଏହି ପ୍ରଭାବ ମାନବସୃଷ୍ଟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ତୀବ୍ର କରିପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ ଚେତାବନୀ ଦେଇଛି। ଏହି ମଧ୍ୟରେ ଚିକାଗୋ ବିଶ୍ୱବିଦ୍ୟାଳୟର 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍'ର ଗବେଷକମାନେ ଆକଳନ କରିଛନ୍ତି ଯେ, ଚଳିତ ବର୍ଷର ତୀବ୍ର ଏଲ୍ ନିନୋ ଯୋଗୁଁ ୨୦୨୬ ଜୁନ୍‌ରୁ ୨୦୨୭ ଫେବୃଆରୀ ମଧ୍ୟରେ ବିଶ୍ୱବ୍ୟାପୀ ୪ ଲକ୍ଷ ୫୧ ହଜାର ପର୍ଯ୍ୟନ୍ତ ଅତିରିକ୍ତ ମୃତ୍ୟୁ ଘଟିପାରେ।



ଜ୍ଞାନେଶ-ବିରୋଧୀ ଗର୍ଜନ: ଦିଲ୍ଲୀରୁ ବେଙ୍ଗାଲୁରୁ ଯାଏଁ

ବେଙ୍ଗାଲୁରୁ, ୮ ।୧୦(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବାତିଲ ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀରୁ ଆରମ୍ଭ କରି ବେଙ୍ଗାଲୁରୁ ପର୍ଯ୍ୟନ୍ତ ଆଜି ଆନ୍ଦୋଳନକାରୀ ଗର୍ଜନ କରିଛନ୍ତି। ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ନେତାମାନେ ଶୋଭାଯାତ୍ରାରେ ଯାଇ ରାଜଘାଟରେ ଧାରଣା ଦେଇଥିବା ବେଳେ ବେଙ୍ଗାଲୁରୁରେ କକ୍ରୋଚ୍ ପାର୍ଟି ଶକ୍ତି ପ୍ରଦର୍ଶନ କରିଛି।

ବେଙ୍ଗାଲୁରୁରେ ସିଜେପିର ବିକ୍ଷୋଭରେ ଯୋଗଦେଲେ ଧ୍ରୁବ ରାଠୀ, ପ୍ରକାଶ ରାଜ

ବେଙ୍ଗାଲୁରୁର ଫ୍ରିଡମ୍ ପାର୍କରେ ଆଜି ଅନୁଷ୍ଠିତ କକ୍ରୋଚ ଜନତା ପାର୍ଟି (ସିଜେପି) ବିକ୍ଷୋଭରେ ୟୁଟ୍ୟୁବର ଧ୍ରୁବ ରାଠୀ ଓ ଅଭିନେତା ପ୍ରକାଶ ରାଜ ମଧ୍ୟ ସାମିଲ ହୋଇଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ବିକ୍ଷୋଭରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଦିପକେ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କୁ ନେଇ ଅଭିଯୋଗ କରିବା ସହ 'ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବାତିଲ କର' ଦାବି ଉଠାଇଥିଲେ। 'ଏକ ଦେଶ, ଏକ ନିର୍ବାଚନ' ନାରା ପଛରେ 'ଏକ ଦେଶ, ଏକ ଦଳ'ର ଉଦ୍ଦେଶ୍ୟ ରହିଥିବା ସେ ଅଭିଯୋଗ କରିଥିଲେ। ଏହା ସହ ସେ ବିଜେପି ଓ କଂଗ୍ରେସ ମଧ୍ୟରେ ୨୦୨୪ ନିର୍ବାଚନର ଭୋଟ ବ୍ୟବଧାନକୁ ନେଇ ମଧ୍ୟ ମତ ରଖିଥିଲେ। ଅଭିନେତା ପ୍ରକାଶ ରାଜ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ପୂର୍ବରୁ ନୂଆ ଭୋଟରଙ୍କ ନାମ ଯୋଡ଼ିବା ପାଇଁ ଅଧିକାରୀମାନେ ଘରକୁ ଘର ବୁଲୁଥିଲେ। ଏବେ ନାମ ତାଲିକାରୁ ବାଦ ନପଡ଼ିବା ପାଇଁ ଭୋଟରଙ୍କୁ ଅଧିକାରୀଙ୍କ ନିକଟରେ ଅନୁରୋଧ କରିବାକୁ ପଡୁଛି। ପ୍ରକାଶ ରାଜ ଦାବି କରିଥିଲେ ଯେ, ଏହି ଆନ୍ଦୋଳନ କେବଳ ମୁଖ୍ୟ ନିର୍ବାଚନ କମିସନରଙ୍କ ପଦତ୍ୟାଗ ପାଇଁ ନୁହେଁ। ତାଙ୍କ ଦାବି ହେଉଛି ସଂଶୋଧନ ପ୍ରକ୍ରିୟା ବନ୍ଦ କରିବା ଏବଂ ଜ୍ଞାନେଶ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିବା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ। ସିଜେପି ପକ୍ଷରୁ ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରାଯିବାକୁ ଘୋଷଣା ହୋଇଛି। ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଆୟୋଗର ଦୁଇ ନିର୍ବାଚନ କମିସନର ପୂର୍ବରୁ କିଛି ନିଷ୍ପତ୍ତି ଉପରେ ଆପତ୍ତି ଉଠାଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ବିକ୍ଷୋଭ ଆନ୍ଦୋଳନରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ସାମିଲ ହୋଇଥିଲେ।

ଦିଲ୍ଲୀ

ବେଙ୍ଗାଲୁରୁ

ଦିଲ୍ଲୀ ଯନ୍ତରମନ୍ତରରେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଆନ୍ଦୋଳନ ସଂପର୍କରେ କକ୍ରୋଚ୍ ନେତା କହିଛନ୍ତି ଯେ ସେଠାରେ ଧାରଣା ଦେବାଲାଗି କୌଣସି ଅନୁମତିର ଦରକାର ନାହିଁ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଯନ୍ତରମନ୍ତର ଉଦ୍ଦିଷ୍ଟ ଏବଂ ଏଥିଲାଗି ଦିଲ୍ଲୀର ପୁଲିସ ପ୍ରଶାସନକୁ ଜଣାଇ ଦିଆଯାଇଛି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଯନ୍ତରମନ୍ତରରେ ଆନ୍ଦୋଳନ ହେବ ଏବଂ ଏହାକୁ କେହି ଅଟକାଇ ପାରିବେ ବୋଲି ସେମାନେ କହିଛନ୍ତି। ଆନ୍ଦୋଳନରେ ସାମିଲ ହେବାଲାଗି ଟ୍ରେନ ଓ ବିମାନରେ ଦିଲ୍ଲୀ ଆସିବା ଲାଗି ସେମାନେ ସମର୍ଥକମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

ଇତିମଧ୍ୟରେ ଯନ୍ତରମନ୍ତରରେ ଆନ୍ଦୋଳନ ଲାଗି ପୁଲିସ ଅନୁମତି ଦେଉନଥିବାରୁ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି। ଯନ୍ତରମନ୍ତରରେ ଆନ୍ଦୋଳନ ଲାଗି ଅନୁମତି ଦେବାପାଇଁ ହୋଇଥିବା ଏହି ପିଟିସନକୁ ବିଚାର ପାଇଁ ଗ୍ରହଣ କରାଯାଇଛି। ଆସନ୍ତାକାଲି ଏହା ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ଦିଲ୍ଲୀ ହାଇକୋର୍ଟ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ଅକ୍ଟୋବର ୧୦ରେ ଦିଲ୍ଲୀର ଜନ୍ତରମନ୍ତରରେ ପ୍ରସ୍ତାବିତ କ।କ୍ରୋଚ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନରେ ଯୋଗ ଦେଇପାରନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ତେବେ ଏନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବା ସେ କହିଛନ୍ତି। ଗୁରୁବାର ଦିଲ୍ଲୀ ଯିବା ପୂର୍ବରୁ ମମତା କହିଛନ୍ତି, ଆୟୋଜକଙ୍କ ଅନୁରୋଧ ଓ ବ୍ୟାପକ ଆନ୍ଦୋଳନ ପରିପ୍ରେକ୍ଷୀରେ ସେ ଯୋଗଦେବା କଥା ବିଚାର କରୁଛନ୍ତି। ପଶ୍ଚିମବଙ୍ଗର ଭୋଟର ତାଲିକା ସଂଶୋଧନ ଓ ନିର୍ବାଚନ ପ୍ରକ୍ରିୟାକୁ ନେଇ ସେ ନିର୍ବାଚନ କମିସନ ଏବଂ ବିଜେପି ବିରୋଧରେ ଅନିୟମିତତାର ଅଭିଯୋଗ ମଧ୍ୟ ଉଠାଇଛନ୍ତି। ଅକ୍ଟୋବର ୬ରେ ଦିଲ୍ଲୀରେ ହୋଇଥିବା ବିରୋଧ ପ୍ରଦର୍ଶନ ସମୟରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସହ ପୁଲିସର ବ୍ୟବହାରକୁ ନେଇ ମଧ୍ୟ ମମତା ଆପତ୍ତି ଜଣାଇଛନ୍ତି। ଏହି ପ୍ରସଙ୍ଗରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ସହ ଦେଶର ବିଭିନ୍ନ ଦଳର ନେତାଙ୍କ ସମର୍ଥନ ଲୋଡ଼ିବେ ବୋଲି କହିଛନ୍ତି।

କମିସନ ଚୁପ୍: ବିଜେପି ପରେ ଅଣ୍ଟା ଭିଡ଼ିଲେ ପୂର୍ବତନ ବିଚାରପତି

ନୂଆଦିଲ୍ଲୀ, ୮ ।୧୦(ଏଜେନ୍ସି): ନିର୍ବାଚନ ଆୟୋଗ ଓ ଅନ୍ୟ ସାମ୍ବିଧାନିକ ସଂସ୍ଥା ବିରୋଧରେ ଉଠୁଥିବା ଅଭିଯୋଗକୁ ନେଇ ୪୨ ଜଣ ପୂର୍ବତନ ବିଚାରପତି ଉଦ୍‌ବେଗ ପ୍ରକାଶ କରିଛନ୍ତି। 'ଭୋଟ ଚୋରି' ଭଳି ଅଭିଯୋଗ ପାଇଁ ଠୋସ୍ ପ୍ରମାଣ ଦେବା ଆବଶ୍ୟକ ବୋଲି ସେମାନେ ଏକ ଖୋଲା ଚିଠିରେ କହିବା ସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)କୁ ସମର୍ଥନ କରିଛନ୍ତି। ଏହି ଚିଠିରେ ପୂର୍ବତନ ବିଚାରପତିମାନେ କହିଛନ୍ତି ଯେ, ନିର୍ବାଚନ ଆୟୋଗ ବିରୋଧରେ ଗୁରୁତର ଅଭିଯୋଗ ଆଣାଯାଉଛି, କିନ୍ତୁ 'ଭୋଟ ଚୋରି' ଦାବିକୁ ସମର୍ଥନ କରିବା ପାଇଁ ଠୋସ୍ ପ୍ରମାଣ ସାର୍ବଜନୀନ କରାଯାଇନାହିଁ। ଏସ୍‌ଆଇଆର୍‌କୁ ନେଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ବିଚାରାଧୀନ ରହିଛି। ଅକ୍ଟୋବର ୪ରେ ଏକ କାର୍ଯ୍ୟକ୍ରମରେ ବସିଥିବା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ କହିଥିଲେ ଯେ, ଲକ୍ଷ ଲକ୍ଷ ନାଗରିକଙ୍କୁ ଭୋଟ ଦେବା ଅଧିକାରରୁ ବଞ୍ଚିତ କରୁଥିବା ଯେକୌଣସି ପ୍ରକ୍ରିୟା ମୌଳିକ ଭାବେ ଅନିୟମିତ ବୋଲି ବିବେଚିତ ହୋଇପାରେ। ଅନ୍ୟପକ୍ଷରେ, ପୂର୍ବତନ ସିଜେଆଇ ଜଷ୍ଟିସ୍ ବିଆର୍ ଗଭାଇ କହିଥିଲେ ଯେ, ବିଚାରାଧୀନ ମାମଲା ଉପରେ ବସିଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ସାର୍ବଜନୀନ ମନ୍ତବ୍ୟ ନ୍ୟାୟିକ ଶିଷ୍ଟାଚାର ସହ ସମଞ୍ଜସ ନୁହେଁ। ନିର୍ବାଚନ କମିସନର ନିଯୁକ୍ତି ସମ୍ପର୍କିତ ନୂଆ ଆଇନର ବୈଧତା ମଧ୍ୟ ସୁପ୍ରିମକୋର୍ଟରେ ବିଚାରାଧୀନ। ଅକ୍ଟୋବର ୫ରେ ଅଦାଲତ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ମନା କରିଥିଲେ ମଧ୍ୟ ନିର୍ବାଚନ ଆୟୋଗକୁ ନୋଟିସ୍ ଜାରି କରି ଜବାବ ମାଗିଥିଲେ। ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତି ବିନା ନିଆଯାଇଥିବା ପ୍ରମାଣିତ ହେଲେ ସେଗୁଡ଼ିକୁ ପ୍ରତ୍ୟାହାର କରାଯାଇପାରେ ବୋଲି ଅଦାଲତ କହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଏସ୍‌ଆଇଆର୍ ସମର୍ଥନରେ ୪୨ ଜଣଙ୍କ ଖୋଲା ଚିଠି



ଛାତ୍ରଙ୍କ କଥା ଶୁଣନ୍ତୁ, ଲାଠିଚାର୍ଜ ସମାଧାନ ନୁହେଁ: ଯୋଶୀ

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଛାତ୍ରଛାତ୍ରୀଙ୍କ ଯୁକ୍ତିସଙ୍ଗତ ଓ ନ୍ୟାୟସଙ୍ଗତ ଦାବିକୁ ସହାନୁଭୂତିର ସହ ଶୁଣିବା ଉଚିତ। ଛାତ୍ର ଆନ୍ଦୋଳନର ମୁକାବିଲା ପାଇଁ ଲାଠିଚାର୍ଜ କିମ୍ବା ବଳପ୍ରୟୋଗ ଉପଯୁକ୍ତ ପଦକ୍ଷେପ ନୁହେଁ ବୋଲି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହୋଇଥିବା ୨୧ତମ ଫିକି ଉଚ୍ଚଶିକ୍ଷା ସମ୍ମିଳନୀରେ ଯୋଗଦେଇ ଯୋଶୀ ଶିକ୍ଷା ବ୍ୟବସ୍ଥାର ଭୂମିକା ଉପରେ ମତ ରଖିଥିଲେ। ସେ କହିଥିଲେ, ଭାରତୀୟ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ମଣିଷର ଭୌତିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା। ସାମ୍ବାଦିକଙ୍କ ପ୍ରଶ୍ନରେ ସେ କହିଥିଲେ, ଛାତ୍ରମାନେ ଆମ ପିଲା। ସେମାନଙ୍କର ସମସ୍ୟା ଥିଲେ ପ୍ରଥମେ ତାହା ଶୁଣିବା ଆବଶ୍ୟକ। ଲାଠି ବ୍ୟବହାର କରି ସମସ୍ୟାର ସମାଧାନ କରାଯାଇପାରିବ ନାହିଁ। ସମ୍ମିଳନୀରେ ଯୋଶୀ 'ଏଆଇ ଯୁଗ ପାଇଁ ଭାରତୀୟ ଉଚ୍ଚଶିକ୍ଷାର ପ୍ରସ୍ତୁତି' ଶୀର୍ଷକ ରିପୋର୍ଟ ମଧ୍ୟ ଉନ୍ମୋଚନ କରିଥିଲେ।

ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୪ ମୃତ

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ମାଛ ବଜାର ନିକଟରେ ଏକ ୪ ମହଲା କୋଠା ଭୁଶୁଡ଼ି ୪ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଧ୍ୱଂସାବଶେଷ ମଧ୍ୟରୁ ଆଉ ଜଣଙ୍କ ମୃତଦେହ ଉଦ୍ଧାର ପରେ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଜଣେ ପ୍ରାୟ ୪ ମାସର ଗର୍ଭବତୀ ମହିଳା ଓ ୨ ଶିଶୁ ଅଛନ୍ତି। ବୁଧବାର ଅପରାହ୍ଣ ପ୍ରାୟ ୩ଟା ୧୦ରେ ଇଦ୍‌ଗାହ ମସଜିଦ ନିକଟସ୍ଥ ଏହି କୋଠା ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଘଟଣା ସମୟରେ ପ୍ରଥମ ମହଲାରେ ଗୋଟିଏ ପରିବାରର ୪-୫ ଜଣ ସଦସ୍ୟ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷରୁ ୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଆହତ ୮ ଜଣଙ୍କୁ ରାଜୀବ ଗାନ୍ଧୀ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୁଲିସ, ଦମକଳ, ଏମ୍‌ସିଡି ଓ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରାୟ ୪୦-୫୦ ବର୍ଷ ପୁରୁଣା ଏହି କୋଠାର ତଳ ମହଲାରେ ଦୋକାନ ଥିବା ଜଣାପଡ଼ିଛି। ଘଟଣାସ୍ଥଳ ଆଖପାଖ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିବାରୁ ଲୋକଙ୍କୁ ଅଞ୍ଚଳକୁ ନଯିବାକୁ ପୁଲିସ ପରାମର୍ଶ ଦେଇଛି। ମଙ୍ଗଳବାର ରାତିରେ ଉତ୍ତରାଖଣ୍ଡରେ ଭୂକମ୍ପ ପରେ ଦିଲ୍ଲୀ-ଏନ୍‌ସିଆର୍‌ରେ ଅନୁଭୂତ ହୋଇଥିବା କମ୍ପନ ଯୋଗୁଁ କୋଠାରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ କୋଠା ଭୁଶୁଡ଼ିବାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଅଧିକାରୀମାନେ କହିଛନ୍ତି।

ସାଉଦି ବିମାନବନ୍ଦରରେ ହୁତି ଆକ୍ରମଣ; ୩ ମୃତ

ରିୟାଦ,୮ ।୧୦(ଏଜେନ୍ସି): ସାଉଦି ଆରବର ଦୁଇଟି ପ୍ରମୁଖ ବିମାନବନ୍ଦରକୁ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଓ ୩୬ ଜଣ ଆହତ ହୋଇଛନ୍ତି। ସାଉଦି ସାଧାରଣ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଅକ୍ଟୋବର ୬ ଓ ୭ରେ ଅଭା ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ରିୟାଦର କିଙ୍ଗ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲକ୍ଷ୍ୟ କରି ଆକ୍ରମଣ ହୋଇଥିଲା। ହୁତି ସଂଗଠନ ଉଭୟ ଆକ୍ରମଣର ଦାୟିତ୍ୱ ନେଇଛି। ଅଭା ବିମାନବନ୍ଦରରେ ମୋରୋକ୍କୋ ଓ ଆଲଜେରିଆର ଦୁଇ ମହିଳା ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। କିଙ୍ଗ ଖାଲିଦ୍ ବିମାନବନ୍ଦରରେ ସୁଦାନର ଜଣେ ନାଗରିକଙ୍କ ମୃତ୍ୟୁ ଓ ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି। ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି ଦାବି କରିଛନ୍ତି ଯେ, କିଙ୍ଗ ଖାଲିଦ୍ ବିମାନବନ୍ଦର ସହ ରାବିଘ୍‌ସ୍ଥିତ ଆରାମକୋ ତୈଳ ବିଶୋଧନାଗାର, ଅଭା ବିମାନବନ୍ଦର ଓ ଅନ୍ୟାନ୍ୟ ସାମରିକ ଠିକଣାକୁ ଡ୍ରୋନ୍ ଓ କ୍ଷେପଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଆରାମକୋ ବିଶୋଧନାଗାରରେ ଅଗ୍ନିକାଣ୍ଡ ଘଟିଥିବା ମଧ୍ୟ ସେ ଦାବି କରିଛନ୍ତି। ଏହାର ପ୍ରତିଜବାବରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ୟେମେନ୍‌ରେ ହୁତିଙ୍କ ୮୦ରୁ ଅଧିକ ସାମରିକ ଠିକଣା ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ରିୟାଦ ଉପରେ ଆକ୍ରମଣ ପାଇଁ ବ୍ୟବହୃତ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ମଞ୍ଚକୁ ସାନାରେ ଧ୍ୱଂସ କରାଯାଇଥିବା ମେଣ୍ଟ ପକ୍ଷରୁ କୁହାଯାଇଛି। ଏହି ଘଟଣା ମଧ୍ୟରେ ୟେମେନ୍‌ରେ ହୁତି ଓ ସରକାରୀ ବାହିନୀ ମଧ୍ୟରେ ସଂଘର୍ଷ ମଧ୍ୟ ତୀବ୍ର ହୋଇଛି। ସାଉଦି ସମର୍ଥିତ ୟେମେନ୍ ସେନା ଅକ୍ଟୋବର ୫ରେ ପ୍ରତିଆକ୍ରମଣ ଆରମ୍ଭ କରି ବାବ୍ ଅଲ୍-ମାନ୍ଦେବ୍ ନିକଟ ଧୁବାବ୍ ସମେତ କେତେକ ଅଞ୍ଚଳ ପୁନଃଦଖଲ କରିଥିବା ଦାବି କରିଛି। ହୁତି ପକ୍ଷରୁ ମଧ୍ୟ ସରକାରୀ ବାହିନୀର ୧୧ଟି ଠିକଣାକୁ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଥିବା ଦାବି କରାଯାଇଛି। ସୁରକ୍ଷା ପରିସ୍ଥିତି ଦୃଷ୍ଟିରୁ ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ରିୟାଦ ଯାଉଥିବା ଏବଂ ଆସୁଥିବା ବିମାନ ଅକ୍ଟୋବର ୧୦ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ପ୍ରଭାବିତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କିମ୍ବା ବିନା ଶୁଳ୍କରେ ଯାତ୍ରା ପୁନଃନିର୍ଦ୍ଧାରଣ ସୁବିଧା ଦିଆଯିବ।

ୟେମେନ୍‌ରେ ୮୦ରୁ ଅଧିକ ହୁତି ଠିକଣା ଉପରେ ସାଉଦି ମେଣ୍ଟର ପ୍ରତିଆକ୍ରମଣ

ଲକ୍ଷ୍ନୌରେ ଭୀଷଣ ବର୍ଷା; ମଲ୍‌ରେ ପଶିଲା ପାଣି

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଉତ୍ତର ଭାରତରେ ପୁଣି ବିଗିଡ଼ିଛି ପାଣିପାଗ। ଉତ୍ତରପ୍ରଦେଶର ଲକ୍ଷ୍ନୌ ୫ଟି ସହରରେ ଗୁରୁବାର ସକାଳଠାରୁ ବର୍ଷା ଲାଗି ରହିଛି। ଲକ୍ଷ୍ନୌ, ବାରାବଙ୍କି, ସୀତାପୁର ଓ ସୁଲତାନପୁରରେ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଗୋମତୀ ନଦୀର ଜଳସ୍ତର କ୍ରମାଗତ ଦଶମ ଦିନ ପାଇଁ ବଢ଼ିଚାଲିଥିବା ବେଳେ ପ୍ଲାସିଓ ମଲ୍ ଚାରିପାଖରେ ବର୍ଷାଜଳ ଜମିଯାଇଛି। ଉତ୍ତରପ୍ରଦେଶର ୪୨ଟି ଜିଲ୍ଲାରେ ଆଜି ବର୍ଷା ନେଇ ସତର୍କତା ଜାରି ହୋଇଛି। ଲଗାଣ ବର୍ଷା ଓ ନଦୀଜଳ ବୃଦ୍ଧି ଯୋଗୁଁ କେତେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ବିହାରର ୨୬ଟି ଜିଲ୍ଲା ପାଇଁ ବର୍ଷା ସହ ବଜ୍ରପାତର ଆଶଙ୍କା ଥିବାରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ, ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬୬ଟି ଗାଁ ଏବେ ବି ବନ୍ୟା ପ୍ରଭାବିତ ରହିଛି। ବନ୍ୟା ଯୋଗୁଁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଉତ୍ତରାଖଣ୍ଡର ୮ଟି ଜିଲ୍ଲାରେ ବୁଧବାର ବର୍ଷା ସହ ଜୋରଦାର ପବନ ବହିଥିଲା। ସରିଗାଡ଼ ନିକଟରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରୀ ଜାତୀୟ ରାଜପଥ ଅବରୋଧ ହୋଇଛି। ଚମୋଲିରେ ପ୍ରବଳ ତୁଷାରପାତ ଯୋଗୁଁ ହେମକୁଣ୍ଡ ସାହିବ ଅଞ୍ଚଳ ବରଫରେ ଆଚ୍ଛାଦିତ ହୋଇଛି। ସେପଟେ ହିମାଚଳପ୍ରଦେଶର ଶିମ୍ଲାର ସଞ୍ଜୌଲି-ଢଲ୍ଲୀ ବାଇପାସ୍ ନିକଟରେ ଭୂସ୍ଖଳନ ଘଟିଥିବା ବେଳେ ଏକ କାର୍ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଛତିଶଗଡ଼ର ଦୁର୍ଗରେ ମଧ୍ୟ ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ କୁଆପଥର ବର୍ଷା ହୋଇଥିଲା। ରାଜସ୍ଥାନରେ ଅକ୍ଟୋବର ୧୨ ପରେ ରାତିର ତାପମାତ୍ରା କମିବା ସହ ପାଗ ଥଣ୍ଡା ହେବାର ଆଶଙ୍କା ରହିଛି। ଅକ୍ଟୋବର ୧୧ ଓ ୧୨ ତାରିଖରେ ପଶ୍ଚିମା ଝଡ଼ର ପ୍ରଭାବରେ ରାଜ୍ୟର ଉତ୍ତର-ପଶ୍ଚିମ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇପାରେ। ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା, ବନ୍ୟା, ଭୂସ୍ଖଳନ ଓ ତୁଷାରପାତ ଯୋଗୁଁ ପାଣିପାଗରେ ବଡ଼ ପରିବର୍ତ୍ତନ ଦେଖାଦେଇଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ପ୍ରଶାସନ ପକ୍ଷରୁ ସତର୍କତା ଜାରି ରଖାଯାଇଛି।

ୟୁପିର ୪୨ ଜିଲ୍ଲାକୁ ବର୍ଷା ସତର୍କତା, ବିହାରର ୪୬୬ ଗାଁ ବନ୍ୟାଘେରରେ

ପୁଣି ଅନ୍ତର୍ଜାତୀୟ ମଞ୍ଚରେ ଭିକେ ପାଣ୍ଡିଆନ

ହାର୍ଭାର୍ଡ କେନେଡି ସ୍କୁଲରେ ସାର୍ବଜନୀନ ନୀତି ଓ ଶାସନ ଉପରେ ଆଲୋଚନା

ଓଡ଼ିଶାର ପ୍ରଶାସନିକ ରୂପାନ୍ତର ଅଭିଜ୍ଞତା ଓ ୫-ଟି ଉପକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୮।୧୦ (ସମିସ): ପୁଣିଥରେ ଆନ୍ତର୍ଜାତୀୟ ମଞ୍ଚରେ ଚର୍ଚ୍ଚାର ପରିଧିରେ ରହିଛନ୍ତି ପୂର୍ବତନ ଆଇଏଏସ୍ ତଥା ପୂର୍ବ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ। ଆମେରିକାର ହାର୍ଭାର୍ଡ କେନେଡି ସ୍କୁଲରେ ସାର୍ବଜନୀନ ନୀତି ଓ ଏକ ଉତ୍ତରଦାୟୀ ପ୍ରଶାସନରେ '୫-ଟି' ଉପକ୍ରମ ସମ୍ପର୍କରେ ଆଭିମୁଖ୍ୟ ଉପସ୍ଥାପନ କରିଛନ୍ତି। ଅକ୍ଟୋବର ୬ରେ ହାର୍ଭାର୍ଡ କେନେଡି ସ୍କୁଲରେ ପ୍ରଫେସର ଜେଫ୍ରି ଲିବମ୍ୟାନଙ୍କ ସହ ପାଣ୍ଡିଆନ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା କରିଛନ୍ତି। ଏହି ଅବସରରେ ସାର୍ବଜନୀନ ନୀତି, ଶାସନ ବ୍ୟବସ୍ଥା, ପ୍ରଶାସନିକ ନବସୃଜନ ଏବଂ ତୃଣମୂଳସ୍ତରରେ ସରକାରୀ ସେବା ପହଞ୍ଚାଇବା ଭଳି ବିଷୟ ଆଲୋଚନାରେ ସ୍ଥାନ ପାଇଥିବା ଜଣାପଡ଼ିଛି। ଓଡ଼ିଶାରେ ପ୍ରଶାସନିକ ସଂସ୍କାର ଓ ଏକ ଉତ୍ତରଦାୟୀ ସରକାରୀ ବ୍ୟବସ୍ଥା କାର୍ଯ୍ୟାନ୍ୱୟନରେ ତାଙ୍କ ଅଭିଜ୍ଞତା ମଧ୍ୟ ଏହି ଆଲୋଚନାରେ ସ୍ଥାନ ପାଇଛି।

ଓଡ଼ିଶାରେ ଜଣେ ପ୍ରଶାସନିକ ଅଧିକାରୀ ଭାବରେ ଶ୍ରୀ ପାଣ୍ଡିଆନଙ୍କ ପ୍ରଶାସନିକ ଭୂମିକା ସହ ୫ଟି ଉପକ୍ରମ ବିଶେଷ ଭାବେ ଜଡ଼ିତ । '୫ଟି'ର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରଯୁକ୍ତି, ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ସମୟସୀମା ଓ ରୂପାନ୍ତରଣକୁ ପ୍ରଶାସନିକ କାର୍ଯ୍ୟଧାରାରେ ସାମିଲ କରିବା। ଏହା ମାଧ୍ୟମରେ ସରକାରୀ ସେବା ପ୍ରଦାନରେ ପ୍ରଯୁକ୍ତିର ବ୍ୟବହାର, ଅଭିଯୋଗର ତ୍ୱରିତ ସମାଧାନ ଏବଂ ବିଭିନ୍ନ ବିଭାଗର କାର୍ଯ୍ୟକୁ ଅଧିକ ସମୟବଦ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କ୍ରୀଡ଼ା, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ର, ଧାର୍ମିକ ପ୍ରତିଷ୍ଠାନର ରୂପାନ୍ତରଣ ସହ ଐତିହ୍ୟସ୍ଥଳୀର ବିକାଶ ଏବଂ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ଏହି ପ୍ରଶାସନିକ ମଡେଲ୍‌ର ପ୍ରୟୋଗ ହୋଇଥିଲା। ମୋ ସ୍କୁଲ୍ ଅଭିଯାନ ମାଧ୍ୟମରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଧାର, ସ୍ମାର୍ଟ କ୍ଲାସ୍‌ରୁମ୍, ବିଜ୍ଞାନାଗାର, କ୍ରୀଡ଼ା ଓ ଅନ୍ୟାନ୍ୟ ସୁବିଧାର ବିକାଶକୁ ଗୁରୁତ୍ୱ ମିଳିଥିଲା। ଏହା ସହ ବିଭିନ୍ନ ଜିଲ୍ଲା ଓ ସହରରେ ସରକାରୀ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ରୂପାନ୍ତରଣ କାର୍ଯ୍ୟ ମଧ୍ୟ ଆଗକୁ ବଢ଼ିଥିଲା। 'ମୋ ସରକାର' ମାଧ୍ୟମରେ ତୃଣମୂଳସ୍ତରରେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇଥିଲା। 'ମୋ ସରକାର' ଓ ୫ଟି ଭଳି ପଦକ୍ଷେପ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହା ଉପରେ ଫିଡ୍‌ବ୍ୟାକ୍ ନେବା ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱ ବଢ଼ାଇବା ଉପରେ ଜୋର ଦିଆଯାଇଥିଲା। ଏହି ପ୍ରଶାସନିକ ପଦକ୍ଷେପଗୁଡ଼ିକ ଓଡ଼ିଶାରେ ସରକାରୀ ସେବା ଓ ଭିତ୍ତିଭୂମିର ରୂପାନ୍ତର ସହ ଜଡ଼ିତ ଥିଲା।

ଚଳିତ ବର୍ଷ ଜୁଲାଇରେ ଭୂମିକମ୍ପରେ ପ୍ରଭାବିତ ଭେନେଜୁଏଲା ଗସ୍ତ କରି ପାଣ୍ଡିଆନ ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର, ରିଲିଫ୍, ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଅଞ୍ଚଳ ବୁଲିବା ସହ ଉଦ୍ଧାରକାରୀ ଦଳ, ଅଧିକାରୀ ଓ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଭେନେଜୁଏଲାର ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍‌ଙ୍କ ସହ ମଧ୍ୟ ତାଙ୍କର ସାକ୍ଷାତ ହୋଇଥିଲା। ଏହି ସମୟରେ ଓଡ଼ିଶା ଓ ଭାରତର ବିପର୍ଯ୍ୟୟ ପରିଚାଳନା ଅଭିଜ୍ଞତା ସମ୍ପର୍କରେ ସେ ଅବଗତ କରାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ବିଶେଷକରି ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାର ଆଗୁଆ ସତର୍କ ସୂଚନା, ବ୍ୟାପକ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳ ବ୍ୟବସ୍ଥା ଏବଂ ତୃଣମୂଳସ୍ତରରେ ପ୍ରସ୍ତୁତିକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା ହୋଇଆସିଛି। ୧୯୯୯ ମହାବାତ୍ୟା ପରେ ଓଡ଼ିଶା ଏହି କ୍ଷେତ୍ରରେ ନିଜର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିଥିଲା। ଭେନେଜୁଏଲାରେ ଏହି ଅଭିଜ୍ଞତାର ଆଦାନପ୍ରଦାନ ପରେ ଏବେ ହାର୍ଭାର୍ଡରେ ଶାସନ ଓ ସାର୍ବଜନୀନ ନୀତି ଉପରେ ଆଲୋଚନା ତାଙ୍କର ପ୍ରଶାସନିକ ଅଭିଜ୍ଞତାକୁ ପୁଣି ଆନ୍ତର୍ଜାତୀୟ ଚର୍ଚ୍ଚାର ପରିସରକୁ ଆଣିଛି।

ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ପାଇଁ 'ପ୍ରୟାସ'

ସମସ୍ୟା ଚିହ୍ନଟ ଓ ସମାଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର,୮।୧୦(ସମିସ): ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ପାଇଁ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି। ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁଁ ଷ୍ଟଣ୍ଟିଂ ଏବଂ ୱେଷ୍ଟିଂ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ମା' ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବହୁବିଧ ଉନ୍ନତି ପରିଲକ୍ଷିତ ହୋଇପାରିବ। ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ଏଥିସହିତ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ମାନ ବୃଦ୍ଧି ପାଇବ ବୋଲି ଆଶାପୋଷଣ ମଧ୍ୟ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଅତ୍ୟାଚାରର ଶେଷ ପରିଣତି ମୃତ୍ୟୁ

ସ୍ୱାମୀ ହତ୍ୟା ଅଭିଯୋଗରେ ସ୍ତ୍ରୀ, ପୁଅ ଓ ଝିଅ ଅଟକ

- ନିଶାସକ୍ତ ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ଥିଲେ ପରିବାର
- ଶୋଇଥିବା ବେଳେ ହତ୍ୟା ଅଭିଯୋଗ

କେନ୍ଦ୍ରାପଡ଼ା/ଆଳି,୮।୧୦(ସମିସ): ଦୀର୍ଘଦିନର ପାରିବାରିକ ହିଂସାର ଅଭିଯୋଗ ଶେଷରେ ଭୟଙ୍କର ପରିଣତି ନେଇଛି। ନିଶାସକ୍ତ ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ସ୍ତ୍ରୀ, ପୁଅ ଓ ଝିଅ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଥିବାବେଳେ ପୁଲିସ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ଅଟକ ରଖି ତଦନ୍ତ କରୁଛି। ଆଳି ବ୍ଲକ ଅନ୍ତର୍ଗତ ଚଣ୍ଡିଆଗଡ଼ି ପଞ୍ଚାୟତର ମାଳପାଟଣା ଗ୍ରାମରେ ଘଟିଥିବା ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତକ ନିରଞ୍ଜନ ସାହୁ। ସେ ପେସାରେ ଜଣେ ଚାଳକ ଥିଲେ। ପୂର୍ବରୁ ଆମ୍ବୁଲାନ୍ସ ଚାଳକ ଭାବେ କାମ କରୁଥିବା ନିରଞ୍ଜନ ନିଶାସକ୍ତ ହୋଇପଡ଼ିବାରୁ କାମ ହରାଇଥିବା ପରିବାର ପକ୍ଷରୁ କୁହାଯାଇଛି। ପରେ ବିଭିନ୍ନ ଗାଡ଼ି ଚଳାଇ ଜୀବିକା ନିର୍ବାହ କରୁଥିଲେ। ହେଲେ ନିଶା ଅଭ୍ୟାସ ଯୋଗୁଁ ପରିବାରରେ ଅଶାନ୍ତି ଲାଗି ରହୁଥିବା ଅଭିଯୋଗ ହୋଇଛି।

ପରିବାରର ସୂଚନା ଅନୁଯାୟୀ, ନିରଞ୍ଜନ ପ୍ରାୟ ପ୍ରତିଦିନ ମଦ୍ୟପାନ କରି ଘରକୁ ଫେରୁଥିଲେ। ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ମନୋରମା ସାହୁ ଓ ପିଲାଙ୍କୁ ମାରଧର କରିବା ସହ ନିର୍ଯାତନା ଦେଉଥିଲେ। ଅତ୍ୟାଚାର ସହି ନ ପାରି ବଡ଼ ଝିଅ ଘର ଛାଡ଼ି ଚାଲିଯାଇଛି। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଭଲ ନଥିଲା। ସ୍ୱାମୀଙ୍କ ଉପରେ ନିର୍ଭର ନ କରି ମନୋରମା ନିକଟସ୍ଥ ଏକ ହୋଟେଲରେ ବାସନ ମାଜି ପରିବାର ଚଳାଉଥିଲେ। ସେହି ରୋଜଗାରରେ ସାନ ଝିଅର ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଥିବାବେଳେ ପୁଅ ଅର୍ଥାଭାବରୁ ପାଠପଢ଼ା ଛାଡ଼ି କାମଧନ୍ଦା କରୁଥିବା ଜଣାପଡ଼ିଛି। ପାରିବାରିକ ନିର୍ଯାତନା ନେଇ ବର୍ଷକ ତଳେ ମନୋରମା ଆଳି ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ନିରଞ୍ଜନଙ୍କୁ ପ୍ରାୟ ୬ ମାସ ଜେଲ୍ ମଧ୍ୟ ଯିବାକୁ ପଡ଼ିଥିଲା। ଜେଲରୁ ଫେରିବା ପରେ ତାଙ୍କ ବ୍ୟବହାର ଆହୁରି ହିଂସ୍ର ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ଦିନ ରାତିରେ ମଧ୍ୟ ନିରଞ୍ଜନ ମଦ୍ୟପାନ କରି ଘରକୁ ଆସି ସ୍ତ୍ରୀ ଓ ପିଲାଙ୍କୁ ମାରଧର କରିଥିଲେ। ପରେ ନିଶାସକ୍ତ ଅବସ୍ଥାରେ ଶୋଇପଡ଼ିଥିବାବେଳେ ମନୋରମା ଓ ତାଙ୍କ ପୁଅ-ଝିଅ ମିଶି ତାଙ୍କୁ ହତ୍ୟା କରିଥିବା ନେଇ ପୁଲିସ ତଦନ୍ତ କରୁଛି। ମନୋରମା ନିଜେ ଥାନାରେ ଘଟଣା ସମ୍ପର୍କରେ ସ୍ୱୀକାରୋକ୍ତି ଦେଇଥିବା ଜଣାପଡ଼ିଛି। ହତ୍ୟା ପରେ ନିରଞ୍ଜନଙ୍କ ମୃତଦେହ ଘର ସମ୍ମୁଖରେ ପଡ଼ିଥିବା ଅବସ୍ଥାରେ ମିଳିଥିଲା। ଖବର ପାଇ ଆଳି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ଓ ପ୍ରମାଣ ସଂଗ୍ରହ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନିରଞ୍ଜନଙ୍କ ବାପା ନିଜ ପୁଅର ମୃତ୍ୟୁ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି। ଆଳି ପୁଲିସ ମୃତକଙ୍କ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ଥାନାରେ ରଖି ପଚରାଉଚରା କରୁଛି।

ମେଲାଣି ନେଲା ମୌସୁମୀ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶାରୁ ମେଲାଣି ନେଇଛି ମୌସୁମୀ। ଗୁରୁବାର ଓଡ଼ିଶାର ବରଗଡ଼, ସୁନ୍ଦରଗଡ଼, ଓ ଝାରସୁଗୁଡ଼ା ଜିଲ୍ଲାର କିଛି ଅଞ୍ଚଳରୁ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମହାରାଷ୍ଟ୍ରର ସମସ୍ତ ଅଞ୍ଚଳରୁ ଆଜି ସୁଦ୍ଧା ମୌସୁମୀ ବାୟୁ ସମ୍ପୂର୍ଣ୍ଣ ରୂପେ ଅପସାରିତ ହୋଇଯାଇଛି। ଏହା ସହିତ ଓଡ଼ିଶା, ଗୋଆ, କର୍ଣ୍ଣାଟକ ଓ ତେଲେଙ୍ଗାନାର କେତେକ ଅଞ୍ଚଳ ଏବଂ ଝାଡ଼ଖଣ୍ଡ ଓ ଛତିଶଗଡ଼ର ଆଉ କିଛି ଅଂଶରୁ ମୌସୁମୀ ବିଦାୟ ନେଇଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ପୂର୍ବ ଭାରତ ଏବଂ ଉତ୍ତର ଉପଦ୍ୱୀପର ଆଉ କିଛି ଅଂଶ ଏବଂ ଉତ୍ତର-ପୂର୍ବ ଭାରତର ଅନେକ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ରହିଛି। ଏହା ଫଳରେ ଆଗାମୀ ଦିନରେ ଏହିସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଜୁନ୍ ୧୨ ତାରିଖରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଥିଲା। ପ୍ରଥମେ ଉପକୂଳ ଓ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଏହା ରାଜ୍ୟର ଅନ୍ୟ ଅଞ୍ଚଳକୁ ଅଗ୍ରସର ହୋଇଥିଲା ଏବଂ ଜୁନ୍ ୨୩ ସୁଦ୍ଧା ସମଗ୍ର ଓଡ଼ିଶାକୁ ମୌସୁମୀ ଆବରଣ କରିଥିଲା। ସାଧାରଣତଃ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ମଧ୍ୟଭାଗରୁ ଉତ୍ତର-ପଶ୍ଚିମ ଭାରତରୁ ଆରମ୍ଭ ହୋଇଥାଏ। ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଓଡ଼ିଶା ଛାଡ଼ିଥାଏ। ଆଇଏମ୍‌ଡି ମାନଦଣ୍ଡ ଅନୁଯାୟୀ, ବର୍ଷା କମିବା, ବାୟୁମଣ୍ଡଳର ଆର୍ଦ୍ରତା ହ୍ରାସ ଏବଂ ଶୁଖିଲା ପାଗ ଆଦିକୁ ଭିତ୍ତି କରି ମୌସୁମୀ ପ୍ରତ୍ୟାବର୍ତ୍ତନ ଘୋଷଣା କରାଯାଏ। ପ୍ରାୟ ୪ ମାସ ଧରି ଓଡ଼ିଶାରେ ରହିବା ପରେ ଏବେ ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେବା ଆରମ୍ଭ କରିଛି। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥିଲେ ମଧ୍ୟ କିଛି ଅଞ୍ଚଳରେ ଆସନ୍ତା ୨-୩ ଦିନରେ କାଁ ଭାଁ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି।

ଦୁର୍ଗମ ଅଞ୍ଚଳର ଦୁଃଖଦ ଚିତ୍ର

ଅନ୍ଧାର ରାତିରେ ଇନ୍ଦ୍ରାବତୀ ପାରିହେଲା ମୃତଦେହ

ଅକାତକାତ ପାଣିରେ ୭କିମି ଡଙ୍ଗାରେ ନେଲେ ଶବ

ଥୁଆମୂଳ ରାମପୁର,୮।୧୦(ସମିସ): ଜୀବନଜୀବିକା ପାଇଁ ଯେଉଁଠି ଲୋକଙ୍କୁ ଡଙ୍ଗା ଉପରେ ଭରସା କରିବାକୁ ପଡୁଛି, ମୃତ୍ୟୁ ପରେ ଶେଷ ଯାତ୍ରା ପାଇଁ ବି ସେହି ଡଙ୍ଗା ହିଁ ଏକମାତ୍ର ଭରସା। ଇନ୍ଦ୍ରାବତୀ ଜଳଭଣ୍ଡାର ଘେରା ଦୁର୍ଗମ ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଗୁରୁବାର ସନ୍ଧ୍ୟାରେ। ଅନ୍ଧାର ରାତିରେ ଇନ୍ଦ୍ରାବତୀର ଅଗଭୀର ପାଣିରେ ୭କିମି ଧରି ଡଙ୍ଗାରେ ପରିବାର ଲୋକେ ବୋହି ନେଇଥିଲେ ଆତ୍ମୀୟଙ୍କ ମୃତଦେହ।

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମାଳିଗାଁ ପଞ୍ଚାୟତର ଦୁର୍ଗମ ସୂର୍ଯ୍ୟଗଡ଼ ଗ୍ରାମର ଗୁରୁଧର ଟାକ୍ରିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ପରିବାର ଲୋକେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଉଷାପଡ଼ାସ୍ଥିତ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲ ନିଆଯାଇଥିଲା। ସେଠାରେ ମଧ୍ୟ ଗୁରୁଧରଙ୍କୁ ଫେରାଇ ଦିଆଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଗୁରୁବାର ଏକ ଅଟୋ ଯୋଗେ ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ା ଦେଇ ତାଙ୍କୁ ଘରକୁ ଆଣୁଥିବା ବେଳେ ଖାତିଗୁଡ଼ା ନିକଟରେ ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ସେହି ଅଟୋରେ ଇନ୍ଦ୍ରାବତୀ ଜଳଭଣ୍ଡାର କୂଳର ଲୁଦୁକୁଡ଼ି ଘାଟକୁ ଅଣାଯାଇଥିଲା। ସେତେବେଳକୁ ସନ୍ଧ୍ୟା ହୋଇସାରିଥିଲା। ତା'ପରେ ଆରମ୍ଭ ହୋଇଥିଲା ଆଉ ଏକ ବିପଦପୂର୍ଣ୍ଣ ଯାତ୍ରା। ପ୍ରାୟ ୭ କିମି ଡଙ୍ଗାରେ ପାର ହୋଇ ମୃତଦେହକୁ କଣାସୁକୁଲି ଘାଟକୁ ନିଆଯାଇଥିଲା। କିଟିକିଟି ଅନ୍ଧାର ରାତିରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଅକାତକାତ ପାଣି ଭିତରେ ମୃତଦେହ ନେଇ ଡଙ୍ଗା ଚାଲିବାର ଦୃଶ୍ୟ ଥିଲା ଅତ୍ୟନ୍ତ ମାର୍ମିକ। କଣାସୁକୁଲି ଘାଟରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ଝୋଡିଆ ଓ ସମିତି ସଭ୍ୟ ବଳଦେବ ଗୌଡ ସୂଚନା ପାଇ କଣାସୁକୁଲି ଘାଟକୁ ପହଞ୍ଚିଥିଲେ। ଏହି ଯାତ୍ରାରେ ଗୁରୁଧରଙ୍କ ସ୍ତ୍ରୀ ପ୍ରତିମା ଓ ସାନ ଭାଇ ମଧ୍ୟ ସାଥିରେ ଥିଲେ। ଇନ୍ଦ୍ରାବତୀ ଜଳଭଣ୍ଡାର ଏହି ଅଞ୍ଚଳ ପାଇଁ ଆଶୀର୍ବାଦ ହେବା କଥା; କିନ୍ତୁ ଜଳଭଣ୍ଡାର ଘେରା ଦୁର୍ଗମ ଗାଁଗୁଡ଼ିକ ପାଇଁ ଅଭିଶାପ ପାଲଟିଛି।

ଏବିଭିପି ସଂଗଠନ ନ ଥିବା ଶିକ୍ଷାନୁଷ୍ଠାନରେ ନିର୍ବାଚନ ବନ୍ଦ

୨୦୬ କଲେଜରେ ହେବନି ଛାତ୍ରସଂସଦ ନିର୍ବାଚନ

ସରକାର ଓ ଉଚ୍ଚଶିକ୍ଷା ବିଭାଗକୁ ଘେରିଲେ ବିରୋଧୀ ଛାତ୍ର ସଂଗଠନ

ଭୁବନେଶ୍ୱର, ୮ ।୧୦(ସମିସ): ରାଜ୍ୟର ୨୦୦ରୁ ଉର୍ଦ୍ଧ୍ୱ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ । ଏହି କଲେଜଗୁଡ଼ିକରେ ବିଜେପିର ଛାତ୍ର ଶାଖା କୁହାଯାଉଥିବା ଏବିଭିପିର ସଙ୍ଗଠନ ନ ଥିବାରୁ ସେଠାରେ ନିର୍ବାଚନ ପରିବର୍ତ୍ତ ମନୋନୟ ପଦ୍ଧତିରେ ଛାତ୍ର ୟୁନିୟନ ଗଠନ ପାଇଁ ନିଷ୍ପତ୍ତି ହୋଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗକୁ ବିରୋଧୀ ଛାତ୍ରଗୋଷ୍ଠୀ ତୀବ୍ର ସମାଲୋଚନା କରିଛନ୍ତି । ଛାତ୍ରଛାତ୍ରୀଙ୍କ ମତାମତ ବିନା କେଉଁ ଆଧାରରେ ଏପରି ନିଷ୍ପତ୍ତି ନିଆଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ସରକାର ସମର୍ଥିତ ଛାତ୍ର ସଂଗଠନର ସଦସ୍ୟଙ୍କୁ ମନୋନୀତ କରିବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ବିରୋଧୀ ଦଳର ଛାତ୍ର ସଂଗଠନ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ପୁରୀସ୍ଥିତ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରିଥିବା କୁହାଯାଉଛି । ଏଠାରେ ନିର୍ବାଚନ ବଦଳରେ ଛାତ୍ର ସଂସଦ ପାଇଁ ପିଲାଙ୍କୁ ମନୋନୟନ କରାଯିବ। ଅନୁରୂପ ଭାବେ ୨୦୦ରୁ ଅଧିକ ମହାବିଦ୍ୟାଳୟରେ ନିର୍ବାଚନ କରା ନ ଯାଇ ମନୋନୟନ ମାଧ୍ୟମରେ ଛାତ୍ରନେତା ଚୟନ କରାଯିବ। ନିର୍ବାଚନରୁ ଦୂରେଇ ରହୁଥିବା ମହାବିଦ୍ୟାଳୟଗୁଡ଼ିକ ମଧ୍ୟରେ ଅଧିକାଂଶ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ରହିଛନ୍ତି। ସରକାରଙ୍କ ଚାପ ଓ ଧମକ ଯୋଗୁଁ ଏହି କଲେଜଗୁଡ଼ିକ ନିର୍ବାଚନରୁ ବିମୁଖ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି।

ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ସରକାରୀ ଦଳ ସମର୍ଥିତ ଛାତ୍ର ସଂଗଠନର ଖାତା ଖତିଆନ୍ ନ ଥିବା ଶିକ୍ଷାନୁଷ୍ଠାନରେ ସରକାର ନିର୍ବାଚନ ନ କରିବା ପାଇଁ ଆଗୁଆ ନିଷ୍ପତ୍ତି ନେଇଗଲେ। ଅର୍ଥାତ୍ ପ୍ରାୟ ୫୦ ପ୍ରତିଶତ ଶିକ୍ଷାନୁଷ୍ଠାନରେ ସରକାର ପରାଜୟ ସ୍ୱୀକାର କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ କଳା ନିଷ୍ପତ୍ତି। ସେହିପରି ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ନିର୍ବାଚନର କୌଣସି ବିକଳ୍ପ ନାହିଁ। ସରକାରୀ ଦଳର ପୃଷ୍ଠପୋଷକତାରେ ଲଢୁଥିବା ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କୁ ସିଲେକ୍ସନ୍ ମାଧ୍ୟମରେ ଚୟନ କରିବାକୁ ଗଳାବାଟ ପ୍ରସ୍ତୁତ କରାଯାଇଛି। ସାଧାରଣ ନିର୍ବାଚନରେ ଯଦି ସିଲେକ୍ସନ୍ କରାଯାଇପାରୁ ନାହିଁ, ତେବେ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ କାହିଁକି? ଏବିଭିପିର ସଂଗଠନ ନ ଥିବା ଶିକ୍ଷାନୁଷ୍ଠାନରେ ଏପରି ନିଷ୍ପତ୍ତି ନିଆଯାଇଛି, ଯାହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଆଜି ନାମାଙ୍କନ

ଭୁବନେଶ୍ୱର, ୮ ।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନ ସରଗରମ ରହିଛି। ଆଜି ଓଡ଼ିଶା ବନ୍ଦ ଡାକରା ସତ୍ତ୍ୱେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ନାମାଙ୍କନ ଦାଖଲ କରିବା ପାଇଁ ଫର୍ମ କିଣିଛନ୍ତି। ଶୁକ୍ରବାର ନାମାଙ୍କନ ଦାଖଲ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ଗୋଟିଏ ଦିନରେ ନାମାଙ୍କନ ଦାଖଲ ସମେତ ନାମାଙ୍କନପତ୍ର ଯାଞ୍ଚ ଏବଂ ବୈଧ ପ୍ରାର୍ଥୀ ତାଲିକା ପାଇବାର ଥିବାରୁ ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଦିନ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିବେ। ଏଥିପାଇଁ ଆଜି କିଛି ଛାତ୍ରଛାତ୍ରୀ ଫର୍ମ କିଣିଛନ୍ତି। ଆସନ୍ତାକାଲି ମଧ୍ୟ ନାମାଙ୍କନ ପାଇଁ ଫର୍ମ କିଣିପାରିବେ। ନାମାଙ୍କନ ଦାଖଲ ସରିବା ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ।

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ମାନସ ରଞ୍ଜନ ମଲ୍ଲିକ

ପୂର୍ବତନ ବିଧାୟକ, ଧାମନଗର ଓ 'ସକାଳ'ର ପୂର୍ବତନ ସମ୍ପାଦକ

ଆବିର୍ଭାବ: ୧୮.୦୪.୧୯୫୫

ତିରୋଧାନ: ୦୯.୧୦.୨୦୧୨

ଆପଣଙ୍କ ଅକ୍ଷୟ ପ୍ରତିଭା, ଉଜ୍ଜ୍ୱଳ ବ୍ୟକ୍ତିତ୍ୱ, ସାମାଜିକ କୃତି, ତ୍ୟାଗପୂତ ସେବା, ନିଷ୍ଠାପର, ରାଜନୈତିକ ବ୍ୟକ୍ତିତ୍ୱ ଆପଣଙ୍କୁ ଧାମନଗର ତଥା ଭଦ୍ରକ ମାଟିରେ ସବୁବେଳେ ଇତିହାସ ପୁରୁଷ ଭାବେ ଚିର ସ୍ମରଣୀୟ କରିବ।

ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି

ହସନାବାଦ, ଧୁଷୁରି, ଭଦ୍ରକ

ଗୁପଚୁପ୍ ନାଁରେ ରୋଗ ବିକ୍ରି

ଭୁବନେଶ୍ୱରରେ ଚଢ଼ଉ, ବାଲେଶ୍ୱରରେ କେବେ?

ବାଲେଶ୍ୱର, ୮।୧୦(ସମିସ):

ପାଟିକୁ ଭଲ ଲାଗୁଥିବା ଗୁପଚୁପ୍ ଏବେ ଜନସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ହେଉନାହିଁ ତ? ସହରର ଗଳିକନ୍ଦିଠାରୁ ଆରମ୍ଭ କରି ପ୍ରମୁଖ ଛକ ପର୍ଯ୍ୟନ୍ତ ଗୁପଚୁପ୍ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗୁଛି। ହେଲେ ଏହି ଲୋକପ୍ରିୟ ଖାଦ୍ୟ କେଉଁ ପରିବେଶରେ ପ୍ରସ୍ତୁତ ହେଉଛି, ପାଣି ଓ ଅନ୍ୟାନ୍ୟ ସାମଗ୍ରୀର ମାନ କ'ଣ, ପ୍ରସ୍ତୁତି ସ୍ଥାନରେ ପରିଚ୍ଛନ୍ନତା ରହୁଛି କି ନାହିଁ, ତାହା ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଭୁବନେଶ୍ୱରରେ ଗୁପଚୁପ୍ ପ୍ରସ୍ତୁତି ଓ ବିକ୍ରି ସ୍ଥଳରେ ଯାଞ୍ଚ ସମୟରେ ଅସ୍ୱାସ୍ଥ୍ୟକର ପରିବେଶ ସାମ୍ନାକୁ ଆସିବା ପରେ ଏହି ପ୍ରସଙ୍ଗ ଆହୁରି ଚର୍ଚ୍ଚାକୁ ଆସିଛି। ଫଳରେ ବାଲେଶ୍ୱରରେ ମଧ୍ୟ ଏଭଳି ଖାଦ୍ୟ ବିକ୍ରି ଓ ପ୍ରସ୍ତୁତି ସ୍ଥଳରେ ତୁରନ୍ତ ଯାଞ୍ଚ କରାଯିବା ନେଇ ଦାବି ଜୋର ଧରିଛି।

ପ୍ରକାଶ ଥାଉ କି, ବାଲେଶ୍ୱର ସହରରେ ଗୁପଚୁପ୍ କହିଲେ ଏଡିଏମ୍ ଛକ ଅନ୍ୟତମ ପ୍ରମୁଖ ସ୍ଥାନ ଭାବେ ପରିଚିତ। ସନ୍ଧ୍ୟା ହେଲେ ଏଠାରେ ଗୁପଚୁପ୍ ଖାଇବା ପାଇଁ ଲୋକଙ୍କ ଗହଳି ଜମୁଥିଲା। ପାଣି ଗୁପଚୁପ୍ ଠାରୁ ଆରମ୍ଭ କରି ଶୁଖିଲା ଗୁପଚୁପ୍ ଓ ଦହି ଗୁପଚୁପ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଖାଦ୍ୟ ଲୋକେ ଖାଇଥାନ୍ତି। ସହରବାସୀଙ୍କ ସମେତ ବାହାରୁ ଆସୁଥିବା ଲୋକମାନେ ମଧ୍ୟ ଏଠାରେ ଗୁପଚୁପ୍ ଖାଇବାକୁ ପସନ୍ଦ କରନ୍ତି। ତେବେ ପ୍ରଶ୍ନ ଉଠୁଛି ଏତେ ଲୋକପ୍ରିୟ ଖାଦ୍ୟର ସୁରକ୍ଷା ଯାଞ୍ଚ କେତେ ନିୟମିତ ହେଉଛି? ଗୁପଚୁପ୍‌ରେ ବ୍ୟବହୃତ ପାଣି କେଉଁଠୁ ଆସୁଛି? ପାଣିର ଗୁଣବତ୍ତା ପରୀକ୍ଷା ହେଉଛି କି? ଗୁପଚୁପ୍‌ର ମସଲା, ଆଳୁ, ଚଟଣି, ଦହି ଓ ଅନ୍ୟାନ୍ୟ ଉପକରଣ କେତେ ପରିଚ୍ଛନ୍ନ ଭାବେ ରଖାଯାଉଛି? ଖାଦ୍ୟ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନେ ଆବଶ୍ୟକ ସ୍ୱଚ୍ଛତା ନିୟମ ମାନୁଛନ୍ତି କି? ଏସବୁ ଦିଗରେ ଯାଞ୍ଚ ହେବା ଜରୁରୀ ହୋଇପଡ଼ିଛି। ଏପଟେ କିଛି ମାସ ହେଲା ଏଡିଏମ୍ ଛକରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଗୁପଚୁପ୍ ବିକ୍ରି ହେଉଛି। ଗୁପଚୁପ୍ ପରି ଖୋଲାରେ ବିକ୍ରି ହେଉଥିବା ଖାଦ୍ୟରେ ପରିଚ୍ଛନ୍ନତାର ସାମାନ୍ୟ ଅବହେଳା ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିପାରେ। ସହରରେ ଅନେକ ଲୋକ ପ୍ରତିଦିନ ଗୁପଚୁପ୍ ଖାଉଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉଛି କି ନାହିଁ, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଭୁବନେଶ୍ୱରରେ ଚଢ଼ାଉ ପରେ ଯଦି ଅସ୍ୱାସ୍ଥ୍ୟକର ପରିବେଶର ଚିତ୍ର ସାମ୍ନାକୁ ଆସିପାରୁଛି, ତେବେ ବାଲେଶ୍ୱରରେ ମଧ୍ୟ ଏଭଳି ଯାଞ୍ଚ କରିବାରେ ବିଭାଗ ପଛକୁ କାହିଁକି? କେବଳ କୌଣସି ଅଭିଯୋଗ ଆସିଲେ ହିଁ ଚଢ଼ାଉ ହେବ ନା ଆଗୁଆ ପଦକ୍ଷେପ ନିଆଯିବ, ଏହା ମଧ୍ୟ ଏବେ ଚର୍ଚ୍ଚାର ବିଷୟ। ସହରବାସୀଙ୍କ ମତରେ, ଯେଉଁମାନେ ନିୟମ ମାନି ସ୍ୱଚ୍ଛ ଓ ସୁରକ୍ଷିତ ଖାଦ୍ୟ ବିକ୍ରି କରୁଛନ୍ତି, ସେମାନଙ୍କୁ ପ୍ରୋତ୍ସାହନ ମିଳିବା ଦରକାର। କିନ୍ତୁ ନିୟମ ଉଲ୍ଲଂଘନ କରି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କିମ୍ବା ବିକ୍ରି କରାଯାଉଥିଲେ, ସେଥିରେ କଠୋର ଯାଞ୍ଚ ଓ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ତେଣୁ ଏବେ ନଜର ବାଲେଶ୍ୱର ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକା ଉପରେ। ସହରର ପ୍ରମୁଖ ଗୁପଚୁପ୍ ବିକ୍ରି ସ୍ଥଳରେ ଯୁଗ୍ମ ଯାଞ୍ଚ କରାଯିବ କି? ଗୁପଚୁପ୍ ପ୍ରସ୍ତୁତ ହେଉଥିବା ସ୍ଥାନଗୁଡ଼ିକରେ ଚଢ଼ଉ କରି ପାଣି, ଖାଦ୍ୟ ଉପକରଣ ଓ ପରିଚ୍ଛନ୍ନତାର ମାନ ଯାଞ୍ଚ କରାଯିବ କି? ନିୟମ ଉଲ୍ଲଂଘନ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ହେବ କି? ଗୁପଚୁପ୍‌ର ସ୍ୱାଦ ଯେପରି ଲୋକଙ୍କ ପାଇଁ ଆନନ୍ଦର କାରଣ, ତାହା ଯେପରି ଅସ୍ୱାସ୍ଥ୍ୟର କାରଣ ନ ହୁଏ, ସେଥିପାଇଁ ତୁରନ୍ତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ହିଁ ଏବେ ସମୟର ଦାବି। ଏ ବାବଦରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କୁ ପଚାରିବାରୁ କହିଛନ୍ତି, ଆଗାମୀ ଦିନରେ ଗୁପଚୁପ ଦୋକାନ ତଥା ତିଆରି ସ୍ଥାନରେ ଯାଞ୍ଚ ତଥା ଚଢ଼ଉ ପାଇଁ ଯୋଜନା କରିବୁ।

ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ସୋର, ୮।୧୦(ସମିସ): ସୋର ବ୍ଲକ ମାଣିପୁର ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଆଜି ପୂର୍ବାହ୍ନରେ ସୋର ବିଧାୟକ ମାଧବ ଧଡ଼ା ମାଣିପୁର ପଞ୍ଚାୟତରେ ପହଞ୍ଚିବା ପରେ ବେହରଣପୁର ଗ୍ରାମରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବେହରଣପୁର ୟୁଜିୟୁପି ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୬ ଲକ୍ଷ ୮୭ ହଜାର ଟଙ୍କାର ଶିଳାନ୍ୟାସ କରିଥିଲେ। ସେହିପରି ଖୁଣ୍ଟା ଗୁଲୁଣିଆ ଠାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ୧୭ହଜାର, ମାଣିପୁର ଗ୍ରାମରେ କଂକ୍ରିଟ ରାସ୍ତା ପାଇଁ ୩ ଲକ୍ଷ ୧୭ ହଜାର, ଛତରା ବନ୍ତିଆ ଠାରେ କଲଭର୍ଟ ନିର୍ମାଣ ପାଇଁ ୩ ଲକ୍ଷ ୪୫ ହଜାର, ପୋଖରୀ ଗାଡଓ୍ୱାଲ ପାଇଁ ୪ଲକ୍ଷ ୨୮ ହଜାର, ମଧୁବନ ପାର୍କ ପରିସରରେ ଖୋଲା ବ୍ୟାୟାମ କେନ୍ଦ୍ର ପାଇଁ ୯ ଲକ୍ଷ ଓ କାନପୁର ଗ୍ରାମରେ ରାସ୍ତା ମରାମତି ପାଇଁ ୧ଲକ୍ଷ ୨୦ ହଜାର ଟଙ୍କାର ଶିଳାନ୍ୟାସ କରିଥିଲେ। ଏହି ସମୟରେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ ଓ ବ୍ଲକ ବିଜେଡି ସଭାପତି ଶଙ୍କର୍ଷଣ ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

ରେମୁଣାରେ ଓଡ଼ିଶା ବନ୍ଦର ପ୍ରଭାବ

ରେମୁଣା, ୮।୧୦(ସମିସ): ଆଜି ସକାଳୁ କଂଗ୍ରେସ, ସିପିଆଇଏମ ନେତୃବୃନ୍ଦ ଓ କର୍ମୀମାନଙ୍କ ତରଫରୁ ରେମୁଣା ରେ ବିଭିନ୍ନ ସ୍ଥାନରେ ସମବେତ ହୋଇ ଶୋଭାଯାତ୍ରା କରି ବନ୍ଦକୁ ସଫଳ କରିଥିଲେ। ସିପିଆଇ(ଏମ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ର, ଆଞ୍ଚଳିକ କମିଟି ସଭ୍ୟ ହରିପ୍ରିୟା ଜେନା, ପ୍ରସନ୍ନ କୁମାର ଷଡ଼ଙ୍ଗୀ, ଅକ୍ଷୟ ରଣା, ନିରଞ୍ଜନ ବେହେରା, କହ୍ନେଇ ଚରଣ ବେହେରା, ଶ୍ରୀକାନ୍ତ ପତି, ସିକନ୍ଦର ଖାଁ, ଭଗବାନ ମହାନ୍ତି, ସୁଦର୍ଶନ ଆଚାର୍ଯ୍ୟ, ସୁବ୍ରତ ପଣ୍ଡା, ଅତୁଲ ଜେନା, ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ଦାସ, ହରେକୃଷ୍ଣ ବିନ୍ଧାଣୀ, ଅଶୋକ ଦାସ, ନିରଞ୍ଜନ ନାୟକ ନେତୃତ୍ୱ ନେଇ ଥିଲେ। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀର ପ୍ରଥମ ତଥା ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ସିପିଏମ୍‌ର କର୍ମୀମାନେ ରେମୁଣା ବଜାର ସମେତ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ଏହି ବନ୍ଦ ପାଳନରେ ବ୍ଲକ ସଭାପତି କହ୍ନେଇ ଚରଣ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ କେଶବ ଚନ୍ଦ୍ର ନାୟକ, ନିରଞ୍ଜନ ବେହେରା, ତରୁଣ ଦାସ, କୁମୁଦିନୀ ଦାସ, ରବୀନ୍ଦ୍ର ମଣ୍ଡଳ, ରାଜେନ୍ଦ୍ର ଚୌଧୁରୀ, ଅଚ୍ୟୁତ କୁମାର ନନ୍ଦ, ଉର୍ମିଳା ମାଝୀ, ଶେଖ ରାଜୁ, ଶ୍ରୀକାନ୍ତ ପତି, ସଂଯୁକ୍ତା ଦାସ, ଖଗନ ସିଂ, ଭାଗବତ ବିଶ୍ୱାଳ, ବିଧାନ ରାଏ, ଗୁରୁଚରଣ ରାଉତ, ଅଜୟ ରାଉତ, ରମେଶ ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କଲା ଛାତ୍ର ବିଜେଡି

ବାଲେଶ୍ୱର, ୮।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କେକେଏସ ମହିଳା ମହାବିଦ୍ୟାଳୟ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଛାତ୍ର ବିଜେଡି। ସ୍ଥାନୀୟ ଟାଉନ ହଲ ଠାରେ ଏକ ସାଧାରଣ ସଭା ଆୟୋଜନ ହେବା ସହ ବରିଷ୍ଠ ନେତୃବୃନ୍ଦ ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପ୍ରାର୍ଥୀଙ୍କ ନାମ ଜିଲ୍ଲା ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନ ଘୋଷଣା କରିଛନ୍ତି । ଫକୀରମୋହନ କଲେଜ ପାଇଁ ସଭାପତି ପ୍ରାର୍ଥୀ ଭାବେ ଶୁଭମ ଦାସ, ଉପସଭାପତି ଭାବେ ଆୟୁଷ ଜେନା, ସମ୍ପାଦକ ଭାବେ ଅନୁରାଗ ଦାସ, ସହ ସମ୍ପାଦକ ଭାବେ ପ୍ରଦୀପ ଦାସ ଭାବେ ଘୋଷଣା କରାଯାଇଛି । ସେହିପରି କେକେଏସ ମହିଳା କଲେଜ ପାଇଁ ଅର୍ପିତା ପ୍ରିୟଦର୍ଶିନୀ ମହାଲ ଓ ସମ୍ପାଦକ ଭାବେ ଲିଜା ଦାସଙ୍କ ନାମ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ କଲେଜର ବିକାଶ ପାଇଁ ଛାତ୍ର ବିଜେଡିର ଅବଦାନ ବାବଦରେ ସମସ୍ତ ବକ୍ତାମାନେ ଆଲୋଚନା କରିଛନ୍ତି । ସେହିପରି ସମସ୍ତ ପ୍ରାର୍ଥୀମାନେ ସେମାନେ ନିଜ ନିଜର ଏଜେଣ୍ଡା ରଖିଛନ୍ତି । ବିଜେଡି ଜିଲ୍ଲା ଉପସଭାପତି ରଞ୍ଜନ ବାଗ, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଟାଉନ ସଭାପତି ମନୋଜ କୁମାର ରାଉତ, ଯୁବ ସଭାପତି ତାପସ ପାଣିଗ୍ରାହୀ, ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ଭରତ ଭୂଷଣ ଦାସ, ଜିଲ୍ଲା ମହିଳା ଉପସଭାପତି ମୀନା ମହାନ୍ତି, ରାଜ୍ୟ ମାଇନରିଟି ସମ୍ପାଦକ ସେକ ଆୟୁବ, କାର୍ତ୍ତିକ ସାହୁ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ରୀତିକ ଜୀ, ସନ୍ଧ୍ୟାରାଣୀ ଜେନା, ମୀତା ପଟ୍ଟନାୟକ, ସବିତା ଦାସ, ସେକ ସାକିର, ଦେବାଶିଷ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଖଇରା ଥାନାରେ ଶାନ୍ତି କମିଟି ବୈଠକ

ଖଇରା, ୮ ।୧୦ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଖଇରା ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ନୀଳଗିରି ଏସଡିପିଓ ନିର୍ମଳା ଗୋଛାୟତ ଯୋଗ ଦେଇ ପୂଜା ପେଣ୍ଡାଲ କମିଟି ମାନଙ୍କୁ ପରାମର୍ଶ ଦେବା ଅବସରରେ ଯେଭଳି ଭାବେ ଶିଶୁ, କିଶୋର, ମହିଳା, ବୃଦ୍ଧଙ୍କ ଭଳି ସବୁ ବର୍ଗ ଓ ସମସ୍ତ ସମ୍ପ୍ରଦାୟର ଲୋକ ଶାନ୍ତି ଶୃଙ୍ଖଳାର ସହ ମା ଦୁର୍ଗତୀନାଶିନୀଙ୍କ ଦର୍ଶନ କରି ପାରିବେ ସମସ୍ତ କମିଟି ସେଭଳି ଭାବେ ପ୍ରସ୍ତୁତି କରିବା ଦରକାର ବୋଲି କହିଥିଲେ। ଏଥିସହ ଡିଜେ ବନ୍ଦ ପାଇଁ କଡାକଡି ନିୟମ ଥିବା ବେଳେ ଏହାକୁ ସମ୍ମାନ ଦେବା ସହ ନିଶାସେବନ ଠାରୁ ଦୁରେଇ ରହିବା ଦରକାର। ଅନ୍ୟଥା ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ଏବଂ ଅମାନିଆଙ୍କ ଉପରେ ମାମଲା ମଧ୍ୟ ରୁଜୁ ହେବ ବୋଲି କହିଥିଲେ। ପୂଜା ସମୟରେ ରାସ୍ତା କଡରୁ ମାଂସ ଓ ମାଛ ଦୋକାନ ଅନ୍ୟତ୍ର ଉଠାଇବାକୁ ବିଭିନ୍ନ କମିଟି ପକ୍ଷରୁ ଦାବି କରାଯିବା ପରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଏହା ଉପରେ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ। ପୁଲିସ ପକ୍ଷରୁ ଆବଶ୍ୟକ ପାଟ୍ରୋଲିଂ ସହ ଗହଳି ସ୍ଥାନ ମାନଙ୍କରେ ଟ୍ରାଫିକ ପ୍ରତି ଦୃଷ୍ଟି ଦିଆଯିବ ବୋଲି ଆଇଆଇସି ପ୍ରକାଶ କରିଥିଲେ। ଉକ୍ତ ଶାନ୍ତି କମିଟି ବୈଠକରେ ୧୩ ପୂଜା ମଣ୍ଡପର କର୍ମକର୍ତ୍ତା ଓ ଖଇରା ଥାନାର କର୍ମଚାରୀ ଉପସ୍ଥିତ ଥିଲେ।

ରେମୁଣା ଚାଉଳଖଳା ଦୁର୍ଗାପୂଜା କମିଟିର ପ୍ରସ୍ତୁତି

ରେମୁଣା, ୮।୧୦ (ସମିସ): ରେମୁଣା ଚାଉଳଖଳା ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟ ସଭ୍ୟମାନଙ୍କୁ ନେଇ ଚଳିତବର୍ଷ ୨୦୨୬ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ପର୍ବ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ବୀରେନ୍ଦ୍ର ବେହେରା ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟାଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇ ବିଭିନ୍ନ ପ୍ରସ୍ତାବମାନ ଆଗତ କରିବାକୁ ଆହ୍ୱାନ କରିଥିଲେ। ସମ୍ପାଦକ ବିଦ୍ୟାଧର ଦାସ ପୂର୍ବବର୍ଷ ପ୍ରସ୍ତୁତିର ବିବରଣୀକୁ ଆଧାର କରି ଏକବର୍ଷର କାର୍ଯ୍ୟକ୍ରମ ସମ୍ବନ୍ଧେ ତଥ୍ୟ ପ୍ରକାଶ କରିଥିଲେ। ଉପସଭାପତି କୃଷ୍ଣ ମୋହନ ବେହେରା, ଉପସମ୍ପାଦକ ରମଣୀ ରଞ୍ଜନ ବେହେରା, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ବେହେରା ଆୟବ୍ୟୟର ସମୀକ୍ଷା କରିଥିଲେ। ଉପଦେଷ୍ଟା ଅମୂଲ୍ୟ ବେହେରା ଓ ସଂଯୋଜକ ହରେକୃଷ୍ଣ ରେମୁଣାର ମାନ୍ୟଗଣ୍ୟ ବ୍ୟକ୍ତି ତଥା ସରକାରୀ ଅଧିକାରୀଙ୍କୁ ପୂଜା ପାଇଁ ନିମନ୍ତ୍ରଣପତ୍ର ଦେବାର ପ୍ରସ୍ତାବ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଦୀପ ମିଶ୍ର ପୂଜାକୁ ସୁଶୃଙ୍ଖଳିତ କରିବା ପାଇଁ କମିଟି ମେମ୍ବର ମାନଙ୍କୁ ନେଇ ବିଭିନ୍ନ କମିଟି ଯଥା ; ସାଂସ୍କୃତିକ କମିଟି, ଖାଦ୍ୟ କମିଟି, ଶୋଭାଯାତ୍ରା କମିଟି, ସାଜସଜ୍ଜା କମିଟି ଆଦି ଗଠନ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ମହିଳା ସଭ୍ୟା ସିନିସ୍ମିତା ବେହେରା, ଲିପିକା ସାହୁ, ଦେବସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଶାନ୍ତିଶୃଙ୍ଖଳା ସହ ମହିଳା ମାନେ ଯେମିତି ଦର୍ଶନ କରିପାରିବେ ସେ ସମ୍ବନ୍ଧେ କଥା ରଖିଥିଲେ। ଉଚ୍ଚ ଧ୍ୱନିଯୁକ୍ତ ଡାକବାଜି ଯନ୍ତ୍ର ବ୍ୟବହାର କରି ଶବ୍ଦପ୍ରଦୂଷଣ ନକରିବା ପାଇଁ କମିଟି ସ୍ଥିର କରିଥିଲେ। ବିଭିନ୍ନ କମିଟିରେ ବୀରେନ୍ଦ୍ର ବେହେରା, ଚିନ୍ମୟ ବେହେରା, ଜ୍ୟୋତିପ୍ରକାଶ ବେହେରା, ଜୟପ୍ରକାଶ ବେହେରା, ପରେଶ କୁମାର ବେହେରା, ମଧୁସୂଦନ ବେହେରା, ଗଙ୍ଗାଧର ଦାସ ବି. ଓଁକାର ରାଜା ପ୍ରମୁଖ ରହି କାର୍ଯ୍ୟ ସମ୍ପାଦନା କରିବାର ସ୍ଥିର ହେଲା। ରାକେଶ ବେହେରା ଧନ୍ୟବାଦ ଦେଇଥିଲେ।

ଛାତ୍ର ସଂସଦ ନିର୍ବାଚନ ପାଇଁ ଦୀନକୃଷ୍ଣ କଲେଜ ଚଳଚଞ୍ଚଳ

ଜଳେଶ୍ୱର ବ୍ଲକ, ୮।୧୦ (ସମିସ) : ଦୀର୍ଘ ୮ ବର୍ଷ ପରେ ସରକାର ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିବା ପରେ ଉତ୍ତର ବାଲେଶ୍ୱରର ପୁରାତନ ଉଚ୍ଚଶିକ୍ଷାନୁଷ୍ଠାନ ଦୀନକୃଷ୍ଣ କଲେଜ ପରିସର ଚଳଚଞ୍ଚଳ ହୋଇଉଠିଛି। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ବାଚନ ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ମୋଟ ୨୮ଟି ପଦବି ପାଇଁ ପ୍ରାୟ ୯୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମତଦାନ କରିବେ । ପ୍ରାର୍ଥୀ ହେବାକୁ ଆଶା ରଖିଥିବା ଆଶାୟୀମାନେ ସହପାଠୀଙ୍କ ମନ ଜିଣିବା ପାଇଁ ଜୋରଦାର କସରତ ଆରମ୍ଭ କରିଦେଇଛନ୍ତି। ଆସନ୍ତା ୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ ହେବାକୁ ଥିବାରୁ କସରତ ଆରମ୍ଭ କଲେଣି ଆଶାୟୀ। ଏବିଭିପି, ଏସ୍‌ବିଜେଓ, ଏନ୍‌ଏସ୍‌ୟୁଆଇ ଓ ଏସ୍‌ଏଫ୍‌ଆଇ ଭଳି ବିଭିନ୍ନ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ ଆରମ୍ଭ କରିଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ଡ. ହିମାଂଶୁ କୁମାର ସାମଲ କହିଛନ୍ତି ଯେ, ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ଉଦ୍ୟମ କରିବେ। ନିର୍ବାଚନ ପରିଚାଳନା ପାଇଁ ଅଧ୍ୟାପକ ସନ୍ନ୍ୟାସୀ ଚରଣ ପାତ୍ର, ଡ. ମାନସ କୁମାର ଦାଶ ଓ ଡ. ଦୀପକ କୁମାର ସେନାପତିଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ କଲେଜର ଡ୍ରେସ୍ କୋଡ୍‌କୁ ଗୁରୁତ୍ୱ ଦିଆଯିବ। ଏଥିସହ ଅଣଛାତ୍ରମାନେ ଯେପରି କଲେଜ ପରିସରକୁ ପ୍ରବେଶ କରି ନପାରନ୍ତି, ସେଥିପାଇଁ ମଧ୍ୟ କଡ଼ା ନଜର ରଖାଯିବ ବୋଲି କହିଛନ୍ତି।

ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ଚନ୍ଦନେଶ୍ୱର, ୮।୧୦(ସମିସ): ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ପାଳୁସିଆ ଗ୍ରାମର ରଘୁନାଥ ମହାନ୍ତିଙ୍କ ଆମ୍ରକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପଙ୍କଜାକ୍ଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକଙ୍କ ସମସ୍ୟା, ସରକାରୀ ସୁବିଧା ଓ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ରଘୁନାଥ ମହାନ୍ତି ଜିଲ୍ଲାସ୍ତରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବୟସ୍କ ନାଗରିକ ଦିବସ ସମ୍ପର୍କିତ ବିବରଣୀ ପ୍ରଦାନ କରିବା ସହ ମଞ୍ଚର ମୁଖପାତ୍ର "ସାୟାହ୍ନ" ବଣ୍ଟନ କରିଥିଲେ। କୋଷାଧ୍ୟକ୍ଷ ପରିମଳ ମହାନ୍ତି ମଞ୍ଚର ଆୟବ୍ୟୟ ଓ ବର୍ତ୍ତମାନର ଆର୍ଥିକ ସ୍ଥିତି ସମ୍ପର୍କରେ ବିବରଣୀ ଦେଇଥିଲେ। ବୈଠକରେ ଉପସଭାପତି ଗୋପବନ୍ଧୁ ମହାପାତ୍ରଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ଶ୍ରୀନିବାସ ପ୍ରଧାନ, ଜୟକୃଷ୍ଣ ରଣା, ସପନ ଦେ, ବିଜୟ ସିଂହ, ଶ୍ରୀହରି ଦାସ, ସ୍ନେହଲତା ଜେନା, ଦିପେଶ ରାୟ, ମୁରଲୀ ମହାନ୍ତି, ହରିହର ଦାସ ଓ ସୁନୀଲ କର ପ୍ରମୁଖ ଯୋଗଦେଇ ବୟସ୍କମାନଙ୍କ ପ୍ରତି ବିଭିନ୍ନ କ୍ଷେତ୍ରରେ ହେଉଥିବା ଅବହେଳା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ରେଳ ଯାତ୍ରାରେ ପୁନର୍ବାର ରିହାତି ବ୍ୟବସ୍ଥା ଲାଗୁ କରିବା, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଡାକ୍ତରଖାନାରେ ବୟସ୍କଙ୍କୁ ଅଗ୍ରାଧିକାର ଦେବା, ବାର୍ଦ୍ଧକ୍ୟ ଭତ୍ତାକୁ ଅନ୍ୟୁନ ୭ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଜରାନିବାସ ନିମନ୍ତେ ଆବଶ୍ୟକ ଜମି ଓ ସୁବିଧା ଯୋଗାଇଦେବା ଭଳି ଦାବି ଉଠିଥିଲା। ଏହି ଦାବିଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆବଶ୍ୟକ ପଦକ୍ଷେପ ପାଇଁ ମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରିବାକୁ ସାଧାରଣ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସହସମ୍ପାଦକ ପ୍ରଦୀପ ନାୟକ ନିଜ ମତାମତ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍କୁଟି ଧକ୍କାରେ ସାଇକଲ ଆରୋହୀ ମୃତ

ସୋର, ୮।୧୦(ସମିସ): ସୋର ଥାନା ସରଶଙ୍ଖ ଗ୍ରାମରେ ଆଜି ପୂର୍ବାହ୍ନରେ ସ୍କୁଟି ଏବଂ ସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ସାଇକଲ ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଦୁଇ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆଜି ପୂର୍ବାହ୍ନରେ ସରଶଙ୍ଖ ଗ୍ରାମର ଜୟନ୍ତ ଖିଲାର (୬୫) ସାଇକଲ ଯୋଗେ ନଦୀଗାଁ ଛକକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ସୋର ବନ୍ଧନ ବ୍ୟାଙ୍କର ଦୁଇ ଜଣ ମହିଳା କର୍ମଚାରୀ ସ୍କୁଟିରେ ଯାଉଥିବା ବେଳେ ସାଇକେଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜୟନ୍ତଙ୍କ ସମେତ ଦୁଇ ମହିଳା କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଜୟନ୍ତଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଖନ୍ତାପଡ଼ା ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଫଳରେ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ଫାଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

୨୭ ଲକ୍ଷର ବ୍ରାଉନସୁଗର ଜବତ, ମହିଳା ଗିରଫ

ଜଳେଶ୍ୱର ବ୍ଲକ, ୮।୧୦ (ସମିସ): ଜଳେଶ୍ୱରରୁ ପଶ୍ଚିମବଙ୍ଗକୁ ବ୍ରାଉନସୁଗର ଚାଲାଣ ହେବା ପୂର୍ବରୁ ୨୭୨ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି ଜଳେଶ୍ୱର ପୁଲିସ। ଜଳେଶ୍ୱର ଥାନା ରାଜପୁର ଗ୍ରାମର ଜବଦା ବିବି ଅପରାହ୍ନ ୩ ଟା ସମୟରେ ନିଜ ଘରକୁ ବ୍ରାଉନ ସୁଗର ଷ୍ଟକ ପାଇଁ ଆଣିଥିଲେ। ରାତିରେ ପଶ୍ଚିମବଙ୍ଗ କୁ ରାତିରେ ଚାଲାଣ ହୋଇଥାନ୍ତା ବ୍ରାଉନ ସୁଗାର। ଏହି ଯୋଜନା ଜାଣି ପାରି ଜଳେଶ୍ୱର ପୁଲିସ ଛଦ୍ମ ବେଶରେ ଗ୍ରାହକ ସାଜି ସମ୍ପୃକ୍ତା ମହିଳାଙ୍କୁ ନମୁନା ଦେଖିବା ବାହାନାରେ ଧରିଛି। ଜବତ ବ୍ରାଉନସୁଗର ଓଜନ ପ୍ରାୟ ୨୭୨ଗ୍ରାମ ହୋଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୨୭ଲକ୍ଷ ଟଙ୍କା ହେବ। ତେବେ ଏହା ପଛରେ କିଏ ମାଷ୍ଟର ମାଇଣ୍ଡ ସେନେଇ ଅଧିକ ତଦନ୍ତ କରୁଛି ପୁଲିସ।

ଖଣିଜ ଅପରାଧ ମାମଲାର ତଦନ୍ତ ଓ ଅଭିଯୋଗ ପରିଚାଳନା ନେଇ ସମନ୍ୱୟ ବୈଠକ

ବାଲେଶ୍ୱର, ୮।୧୦(ସମିସ): ଖଣିଜ ସମ୍ପର୍କିତ ଅପରାଧ ମାମଲାର ତଦନ୍ତ ଓ ଅଭିଯୋଗ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ନେଇ ବାଲେଶ୍ୱର ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଶିବ ମାଲବ୍ୟ ଓ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ପରିଚାଳନା ଦିପ୍ତି ରଞ୍ଜନ ଷଣ୍ଢଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ବୈଠକରେ ସହକାରୀ ନିର୍ଦ୍ଦେଶିକା ରାଣୀ ସସ୍ମିତା ପ୍ରିୟମ୍ବଦା ନାୟକ, ସିଜେଏମ୍ କୋର୍ଟର ଏପିପି ଶଶାଙ୍କ ଶେଖର ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ମାଇନ୍ସ ଅଫିସର ଓ ଜୁନିୟର ମାଇନ୍ସ ଅଫିସର ଯୋଗ ଦେଇଥିଲେ। ଖଣିଜ ଅପରାଧ ମାମଲାରେ ଆଇନସମ୍ମତ ତଦନ୍ତ, ଜବତ ଖଣିଜର ସଠିକ୍ ମାପ ଓ ଓଜନ, ଖଣିଜର ଉତ୍ସ ଓ ପରିମାଣ ଯାଞ୍ଚ, ଅଭିଯୁକ୍ତଙ୍କ ଭୂମିକା ନିର୍ଦ୍ଧାରଣ ଏବଂ ଆବଶ୍ୟକ ଦଲିଲ ସହ ବୈଜ୍ଞାନିକ ଓ ବୈଷୟିକ ପ୍ରମାଣ ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଅଦାଲତରେ ମାମଲା ଦାଖଲ ପୂର୍ବରୁ ଆଇନଗତ ଦିଗଗୁଡ଼ିକର ଯାଞ୍ଚ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ତଦନ୍ତକାରୀ ଅଧିକାରୀ ଓ ଅଭିଯୋଜନ ପରିଚାଳନା ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା, ସମୟୋପଯୋଗୀ ଭାବେ ମାମଲା ଦାଖଲ କରିବା ସହ ପ୍ରମାଣଗତ ଓ ପ୍ରକ୍ରିୟାଗତ ତ୍ରୁଟି ଏଡ଼ାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଖଣିଜ ଅପରାଧ ମାମଲାର ପ୍ରଭାବଶାଳୀ ତଦନ୍ତ ଓ ଦୃଢ଼ ଅଭିଯୋଗ ପରିଚାଳନା ପାଇଁ ବିଭାଗୀୟ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନେଇ ବୈଠକରେ ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ।

୨ ବାଲି ବୋଝେଇ ହାଇୱା ଜବତ

ସୋର, ୮।୧୦(ସମିସ): ସୋର ତହସିଲ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକରେ ଚଢ଼ଉ କରାଯାଇ ୨ଟି ବାଲି ବୋଝେଇ ଗାଡି ଜବତ କରାଯାଇଛି। ଆଜି ସକାଳେ ବେଆଇନ ବାଲି ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ସୋର ତହସିଲଦାର କୃଷ୍ଣମୋହନ ସିଂହ ମାଟିଆପଲା ଛକ ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଦୁଇଟି ବାଲି ବୋଝେଇ ହାଇୱାର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଜାଣିପାରି ଗାଡି ଦୁଇଟିକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି।

ରିଲିଫ୍ ଚାଉଳ ବଣ୍ଟନକୁ ନେଇ ଉତ୍ତେଜନା

ବାଲେଶ୍ୱର,୮ ।୧୦(ସମିସ):

ବନ୍ୟା ପୀଡ଼ିତଙ୍କ ପାଇଁ ଆସିଥିବା ଚାଉଳ ବଣ୍ଟନକୁ ନେଇ ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ରସଲପୁର ପଞ୍ଚାୟତରେ ଉତ୍ତେଜନା ଦେଖାଦେଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଚାଉଳ ପରିମାଣ ଅନୁସାରେ ହିତାଧିକାରୀଙ୍କୁ ଚାଉଳ ଯୋଗାଇଦେବା କଥା। ଜଣେ ବୟସ୍କଙ୍କ ପାଇଁ ଏକ କେଜି ଏବଂ ଶିଶୁଙ୍କ ପାଇଁ ୫୦୦ ଗ୍ରାମ ହିସାବରେ ଚାଉଳ ଦେବା ସହ ମୋଟ ୭ କେଜି ଚାଉଳ ପ୍ରଦାନର ବ୍ୟବସ୍ଥା ଥିବା ଅଭିଯୋଗକାରୀ ରମେଶ ଚନ୍ଦ୍ର ପାଣି କହିଛନ୍ତି। କିନ୍ତୁ ରସଲପୁର ପଞ୍ଚାୟତରେ ରାସନ କାର୍ଡ ଆଧାରରେ ଚାଉଳ ବଣ୍ଟନ କରାଯାଇ ୭ କେଜି ବଦଳରେ କାର୍ଡ ପିଛା ୫ କେଜି ୬୦୦ ଗ୍ରାମ ଚାଉଳ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ବାଲିଆପାଳ ବ୍ଲକ୍‌ରେ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଉଳ ବଣ୍ଟନ ହେଉଥିବା ବେଳେ ସଦର ବ୍ଲକ୍‌ରେ ଭିନ୍ନ ନିୟମ କାହିଁକି ଲାଗୁ କରାଯାଉଛି ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି। ଏନେଇ ସେମାନେ ସଦର ବିଡିଓଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନଙ୍କ ସହ ଦୁର୍ବ୍ୟବହାର କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଜେଇ ହରିନାରାୟଣ ଜେନା କହିଛନ୍ତି ଯେ, ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସେ ଚାଉଳ ବଣ୍ଟନ ପାଇଁ ଆସିଛନ୍ତି। ରସଲପୁର ପଞ୍ଚାୟତର ୧୩୫୦ ଜଣ କାର୍ଡଧାରୀଙ୍କ ପାଇଁ ୭୬.୯୫ କ୍ୱିଣ୍ଟାଲ ଚାଉଳ ଆସିଥିବା ସେ ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ପରିମାଣଠାରୁ କମ୍ ଚାଉଳ ଦିଆଯାଉଥିବା ଅଭିଯୋଗର ସ୍ପଷ୍ଟୀକରଣ ଦାବି କରିଛନ୍ତି ହିତାଧିକାରୀ। ବଳକା ଚାଉଳ କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠାଇବା ସହ ଏହି ଘଟଣାର ତଦନ୍ତ କରି ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଚାଉଳ ଯୋଗାଇଦେବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

ରିଲିଫ୍ ବଣ୍ଟନକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

ଜଳେଶ୍ୱର, ୮।୧୦(ସମିସ): ବନ୍ୟାରେ ରିଲିଫ୍ ବଣ୍ଟନରେ ଗଣ୍ଡଗୋଳକୁ କେନ୍ଦ୍ର କରି ପ୍ରବାସୀ ଯୁବକକୁ ମରଣାନ୍ତକ ଆକ୍ରମଣ ହୋଇଛି। ଘଟଣା ଅନୁସାରେ ଜଳେଶ୍ୱର ଥାନା ବାଇଗଣ ବାଡ଼ିଆ ପଞ୍ଚାୟତ କାଳିକାପୁର ଗାଁର ଭଗିରଥ ଗିରି (୪୦) ରାଜସ୍ଥାନରେ ରହି ଚାକିରି କରୁଥିବା ବେଳେ ଛୁଟିରେ ଘରକୁ ଆସିଥିଲେ। ସୁବର୍ଣ୍ଣରେଖାରେ ବନ୍ୟା ପ୍ରଭାବିତଙ୍କୁ ନିକଟସ୍ଥ ସ୍କୁଲ ରେ ରିଲିଫ୍ ରନ୍ଧା ଖାଦ୍ୟ ବଣ୍ଟନକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବୁଧବାର ଟ୍ରେନ୍ ଯୋଗେ ଜୟପୁର ଯିବାପାଇଁ ଜଳେଶ୍ୱର ଷ୍ଟେସନକୁ ସମ୍ପର୍କୀୟଙ୍କ ସହିତ ଭଗିରଥ ବାଇକ୍ ରେ ବାହାରିଥିଲେ। ସନ୍ଧ୍ୟା ସମୟରେ ଜଳେଶ୍ୱର-ପଶ୍ଚିମବାର୍ଡ କପାସିଆ ସଡକର ବଡ଼ ନଗର ବର୍ତ୍ତନା ମଝି ରାସ୍ତାରେ, ୬ ଜଣ ଯୁବକ ବାଇକ୍ ରେ ଆସି ଅଟକାଇ ଥିଲେ। ଭଗୀରଥଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଭୁଜାଲି ଦ୍ୱାରା ମୁଣ୍ଡକୁ ଆକ୍ରମଣ କରି ୧୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଆହତ ଭଗୀରଥଙ୍କୁ ପ୍ରଥମେ ପଶ୍ଚିମବାଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପରେ ଜିକେ ଭଟ୍ଟର ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

ମୟୂରଭଞ୍ଜରେ ଇଣ୍ଡିଆ ମେଣ୍ଟର ୧୨ ଘଣ୍ଟିଆ ବନ୍ଦ ସଫଳ

ବାରିପଦା, ୮ ।୧୦ (ସମିସ):

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ପ୍ରତିବାଦରେ ବିରୋଧୀ "ଇଣ୍ଡିଆ' ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ମୟୂରଭଞ୍ଜ ଜିଲ୍ଲାରେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ସଂଘୀୟ ବ୍ୟବସ୍ଥା ତଥା ଓଡ଼ିଶାର ଖଣିଜ ସମ୍ପଦ ଓ ଆର୍ଥିକ ସ୍ୱାୟତ୍ତତା ଉପରେ କୁଠାରଘାତ କରୁଥିବା ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬କୁ ରଦ୍ଦ କରିବା, ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଓ ଭୋଟର ତାଲିକାରେ ହେରଫେର ଅଭିଯୋଗ ନେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ବହିଷ୍କାର ସହ ତାଙ୍କ ବିରୋଧରେ ଉଠିଥିବା ସମସ୍ତ ଅଭିଯୋଗର ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ, ପ୍ରାଥମିକ

ବିଦ୍ୟାଳୟ ପାଠ୍ୟପୁସ୍ତକରେ ହଜାରରୁ ଊର୍ଦ୍ଧ୍ୱ ଗୁରୁତର ତ୍ରୁଟି ଓ ରାଜ୍ୟର ଅବନତିଶୀଳ ଶିକ୍ଷା ବ୍ୟବସ୍ଥା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ନିକଟରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା କ୍ଷୟକ୍ଷତି ପାଇଁ ଚାଷୀଙ୍କ ଋଣ ଛାଡ଼ ସହ ପ୍ରଭାବିତ ଜନସାଧାରଣଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ ଆଦି ୪ ଦଫା ପ୍ରମୁଖ ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା।

ଆଜି ସକାଳୁ ପାଲବଣି ଛକ ନିକଟରେ ମେଣ୍ଟର ବରିଷ୍ଠ ନେତା ଓ କର୍ମୀ ଏକତ୍ରିତ ହୋଇ ପିକେଟିଂ ଆରମ୍ଭ କରିଥିଲେ। ସହରର ସମସ୍ତ ସ୍କୁଲ, କଲେଜ, ବ୍ୟବସାୟ ପ୍ରତିଷ୍ଠାନ ଓ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବସ୍ ଚଳାଚଳ ସମେତ ସମସ୍ତ ଛୋଟବଡ଼ ଯାନବାହନ ଯାତାୟାତ ଠପ୍ ହୋଇପଡ଼ିଥିବାବେଳେ କେବଳ ଜରୁରିକାଳୀନ ଓ ଅତ୍ୟାବଶ୍ୟକୀୟ ସେବାକୁ ବନ୍ଦରୁ ମୁକ୍ତ ରଖାଯାଇଥିଲା। ଆନ୍ଦୋଳନକାରୀ ଜିଲ୍ଲା କୋର୍ଟ ପରିସରକୁ ଯାଇ ଜିଲ୍ଲା ଜଜ୍‌ଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ହାତଯୋଡ଼ି ଫେରିଯିବାକୁ ଅନୁରୋଧ କରିବାରୁ ସେମାନେ ମୁଖ୍ୟ ଫାଟକରୁ ଫେରିଯାଇଥିଲେ। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ଦ୍ୱାର ଦେଇ କର୍ମୀ ଭିତରକୁ ପ୍ରବେଶ କରିବା ସହ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ପହଞ୍ଚି କାର୍ଯ୍ୟ ବନ୍ଦ କରି ଫେରିଯିବାକୁ ବାଧ କରିଥିଲେ। ଏଥିସହ ବାରିପଦା ପୌର ପରିଷଦ, ବାରିପଦା ବ୍ଲକ୍ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଦପ୍ତର, ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ପୌର ପରିଷଦର କର୍ମଚାରୀ କାର୍ଯ୍ୟାଳୟ ଆଗରୁ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନରେ ପ୍ରଥମେ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ନେତା ଶ୍ୟାମସୁନ୍ଦର ହାଁସଦା, ଜ୍ୟୋତିପ୍ରକାଶ ରଥ, ସସ୍ମିତା ବେହେରା, ନିରୋଜ ଲୋଚନ ଦାସ, ଦୁଃଖିଶ୍ୟାମ ଟୁଡୁ, ଶିବାନନ୍ଦ ଦାସ, ଦୀପକ ଦାଶ, ଚୈତନ୍ୟ ହାଁସଦା, ନାରାୟଣ ପଟ୍ଟନାୟକ, ଶାନ୍ତନୁ ପାଲ୍ ଓ ସସ୍ମିତା ଘୋଷାଲ ପ୍ରମୁଖ ସାମିଲ ହୋଇ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ମେଣ୍ଟର ସହଯୋଗୀ ଦଳ ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ କମ୍ରେଡ୍ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ରବି ସିଂ, ମନୋରଞ୍ଜନ ପରିଡ଼ା, ଗଙ୍ଗାଧର ସାମଲ, ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ, ଅଶୋକ ବେହେରା, ଜୀବନ ମହାକୁଡ଼, ଉତ୍ତମ ବେହେରା, ତରୁଣ ମହାନ୍ତ ଓ ମହେଶ୍ୱର ବେହେରା ଉପସ୍ଥିତ ଥିଲେ। ସିପିଏମ୍ ପକ୍ଷରୁ କମ୍ରେଡ୍ ରବି ଗୋସ୍ୱାମୀ, ମୟୂରଭଞ୍ଜ ପରିବହନ କର୍ମଚାରୀ ସଂଘ ପକ୍ଷରୁ ସଭାପତି ରଘୁନାଥ ପଣ୍ଡା ପ୍ରମୁଖ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ ସମର୍ଥକ ସାମିଲ ହୋଇଥିଲେ। ଜିଲ୍ଲାରେ ଜନସାଧାରଣ, ବ୍ୟବସାୟୀ ଓ କର୍ମଚାରୀ ସ୍ୱତଃସ୍ଫୂର୍ତ୍ତ ଭାବେ ଅକୁଣ୍ଠ ସମର୍ଥନ ଜଣାଇଥିବାରୁ ସିପିଆଇ, ସିପିଏମ୍ ଓ କଂଗ୍ରେସ ନେତୃବୃନ୍ଦ ସମଗ୍ର ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବାଙ୍ଗିରିପୋଷି: ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ବାଙ୍ଗିରିପୋଷି ଅଞ୍ଚଳରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ବନ୍ଦ ପ୍ରଭାବରେ

ଜନଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ୪୯ନଂ ଜାତୀୟ ରାଜପଥ ଉପରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାବେଳେ ଯାତ୍ରୀବାହୀ ବସ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଏହି ବନ୍ଦ ପାଳନ ଯୋଗୁଁ ବାଙ୍ଗିରିପୋଷି ଏନଏସି ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ବ୍ୟାଙ୍କ, ଡାକଘର, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଏହି ଆନ୍ଦୋଳନରେ ରବୀନ୍ଦ୍ରନାଥ ସେଠୀ, ରବୀନ୍ଦ୍ର ଗିରି, ରବି ଟୁଡୁ, ଭାଗବତ ଟୁଡୁ, ପ୍ରଦୀପ ବେହେରା, ଅଜୁ ବେହେରା, ପ୍ରଦୀପ ସେଠୀ, ମନୋରଞ୍ଜନ ହେମ୍ବ୍ରମ, ସିଦ୍ଧେଶ୍ୱର ହେମ୍ବ୍ରମ, ଗଣେଶ ମହାନ୍ତ ଓ ମୂରଲୀଧର ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଉଦଳା: ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ଉଦଳା ଅଞ୍ଚଳରେ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ କରାଯାଇଥିବା ପିକେଟିଂ ଫଳରେ ସମଗ୍ର ଅଞ୍ଚଳରେ ବନ୍ଦ

ସମ୍ପୂର୍ଣ୍ଣ ସଫଳ ହୋଇଛି। ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାନବାହନ ଓ ବସ୍ ଚଳାଚଳ ଠପ୍ ହୋଇପଡ଼ିବାରୁ ସାଧାରଣ ଜନଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ଏହି ଆନ୍ଦୋଳନରେ ସିପିଆଇ(ଏମ୍) ସାମିଲ ହୋଇ ପୂର୍ଣ୍ଣ ସମର୍ଥନ ଜଣାଇଥିବାବେଳେ, ଜନବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ଏହି ଲଢ଼େଇ ଆହୁରି ଜୋରଦାର ହେବ ବୋଲି ଉଭୟ ଦଳର କର୍ମୀ ଚେତାବନୀ ଦେଇଛନ୍ତି।

ଯଶିପୁର: ଏମ୍‌ଏମ୍‌ଡିଆର୍ ଆଇନ ରଦ୍ଦ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା

ଓ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଦାବିରେ ଯଶିପୁର ବ୍ଲକ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ବନ୍ଦ ପ୍ରଭାବରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏଥିସହ ସମସ୍ତ ଶିକ୍ଷାନୁଷ୍ଠାନ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ ସମେତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା ଦଳିତ ସେଲ ଅଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଯଶିପୁର ବ୍ଲକ ସଭାପତି କୁଶଧର ମହାନ୍ତ, ଆଦିବାସୀ ସେଲ ସମ୍ପାଦକ ମହେନ୍ଦ୍ର ନାୟକ, ରାଜ୍ୟ ସଂଖ୍ୟାଲଘୁ ସେଲ ସାଧାରଣ ସମ୍ପାଦକ ଇମତାଜ୍ ହୁସେନ, ବ୍ଲକ ସମ୍ପାଦକ ଦେବେନ୍ଦ୍ର ମହାନ୍ତ, କୃଷକ ସେଲ ସଭାପତି ଗଣେଶ୍ୱର ମହାନ୍ତ, ବରିଷ୍ଠ କର୍ମୀ ନୌସାଦ ଅଲ୍ଲି, ରୋହିତ ନାୟକ, କ୍ଷୀରୋଦ ମହାନ୍ତ, ନବୀନ ବାରିକ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସାମିଲ ଥିଲେ।

କୁଲିଅଣା: ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ୪ ଦଫା ଦାବି ନେଇ ୧୨ ଘଣ୍ଟିଆ ଓଡିଶା ବନ୍ଦ ସଫଳ ହୋଇଛି। କୁଲିଅଣା ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରଯାଇଥିଲା। ବ୍ଲକ୍ ସଭାପତି ପ୍ରଫୁଲ୍ଲ ଦାସ ଓ ଗୌରୀମଣି ନାଏକଙ୍କ ନେତୃତ୍ୱରେ

ବନ୍ଦ ପାଳନ ସଫଳ ହୋଇଛି। ଜାତୀୟ ରାଜପଥ ଓ ଅନ୍ୟ ସଡ଼କ ପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ ବନ୍ଦ ଥିବାବେଳେ ବ୍ଲକ କାର୍ଯ୍ୟାଳୟ, ତହସିଲ, ପଞ୍ଚାୟତ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ସ୍କୁଲ, ପୋଷ୍ଟ ଅଫିସ, ବ୍ୟାଙ୍କ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏହି ବନ୍ଦ ପାଳନରେ କଂଗ୍ରେସର ଉର୍ମିଳା ନାଏକ, ସୁଲଚନା ମୁର୍ମୁ, ପ୍ରତାପ ନାଏକ, ପ୍ରସନ୍ନ ସାହୁ, ନିମାଇଁ ପାଣି, ଦିଲ୍ଲୀପ ପାଣି, ଦିଲ୍ଲୀପ ନାଏକ, ରାମରତନ ମହାନ୍ତ ପ୍ରମୁଖ ସାମିଲ ଥିଲେ।

ବିଶୋଇ: ଇଣ୍ଡି ମେଣ୍ଟର ଓଡ଼ିଶା ବନ୍ଦ ସଫଳ ହୋଇଛି। ବିଶୋଇ ବ୍ଲକ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକ କଂଗ୍ରେସ୍ କମିଟି ବନ୍ଦକୁ ସଫଳ କରିଛି। ସଭାପତି ହରିହର ନାଏକଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି

ନାରାୟଣ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ସୁବାସ ପାତ୍ର, କାଶୁ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ଜନାରାମ ମାରାଣ୍ଡି, ରାମଚନ୍ଦ୍ର ହେମ୍ବ୍ରମ, ସତ୍ୟରଞ୍ଜନ ମୁର୍ମୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ସକାଳ ୬ରୁ ବିଶୋଇ ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେହିପରି ବିଶୋଇ ଅଞ୍ଚଳରେ ପିକେଟିଂ କରି ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାରକୁ ବନ୍ଦ କରିଥିଲେ। କଂଗ୍ରେସର ଜିଲ୍ଲା ସମ୍ପାଦକ ନୀଳରତ୍ନ ସାହୁଙ୍କ ନେତୃତ୍ୱରେ ଅର୍ଜୁନ ବେଶ୍ରା, ଯଶୋବନ୍ତ ଗିରି, ପାରାଉ ହେମ୍ବ୍ରମ, ହରିଚରଣ ହାଁସଦା ପ୍ରମୁଖ ମଣଦାଠାରେ ୪୯ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ।

ବେତନଟୀ: ଆଜି ବେତନଟୀ ବ୍ଲକ୍ ଅଞ୍ଚଳରେ ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକ୍ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ସ୍ଥାନୀୟ ଅଞ୍ଚଳରେ ସଫଳ ହୋଇଥିବାବେଳେ ସ୍ୱାଭାବିକ ଜନଜୀବନ କିଛି ସମୟ ପାଇଁ ପ୍ରଭାବିତ ହୋଇଛି। ବ୍ଲକ୍ କଂଗ୍ରେସ କମିଟି ସଭାପତି କୁଷଧର ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀ ବିଭିନ୍ନ ଛକରେ ପିକେଟିଂ କରିବା ସହ ଦୋକାନ ବଜାର ଓ ଯାନବାହନ ଚଳାଚଳ

ବନ୍ଦ ପାଇଁ ଅନୁରୋଧ କରିଥିଲେ। ଏଥିରେ ବରିଷ୍ଠ ନେତା କ୍ଷୀରୋଦ ପାତ୍ର, ବାସନ୍ତୀ ସାହୁ, ସୁରେଶ ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ, ରଘୁନାଥ ମୁର୍ମୁ, ସପନ ବାରିକ, ହୃଷିକେଶ ମହାନ୍ତ, ଗୌରହରି ସିଂ, ହେମନ୍ତ ମହାନ୍ତ, ଶରତ ବେହେରା, ବୀଣାପାଣି ମହାନ୍ତ, ସୁଜିତ ମହାନ୍ତ, ପ୍ରବୀର ବାରିକଙ୍କ ସମେତ ବହୁ କଂଗ୍ରେସ କର୍ମୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।

ମୋରଡା: ଇଣ୍ଡିଆ ମେଣ୍ଟ ପକ୍ଷରୁ ଏମଏମଡିଆର ଆଇନ ରଦ୍ଦ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ନିର୍ବାଚନ ମୁଖ୍ୟ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଦାବିରେ ଆଜି ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡିଶା ବନ୍ଦ ମୋରଡ଼ା ବ୍ଲକ୍‌ରେ ସଫଳ ହୋଇଛି। ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଆଜି ଶତାଧିକ କଂଗ୍ରେସ

କର୍ମୀ ଚିତ୍ରଡା ଏନଏସି ଅନ୍ତର୍ଗତ ଶୀର୍ଷାପାଳ ଛକରେ ଏକତ୍ରିତ ହୋଇଥିଲେ। ପରେ ଚିତ୍ରଡା, ମୋରଡା, ଝିଙ୍କିରିଆ, ବାରମାଇଲ ଓ ବ୍ଲକର ଅନ୍ୟ ଅଞ୍ଚଳରେ ଥିବା ସମସ୍ତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ରାଜଶ ପଢିହାରୀ, ସେକ. ମୁସ୍ତଫା, ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସରଞ୍ଜନ ରାଉତ, ଶୁଭକୁମାର ମହାନ୍ତ, ଅସିତ ବେହେରା ପ୍ରମୁଖ ସାମିଲ ଥିଲେ।

କପ୍ତିପଦା: କପ୍ତିପଦା ବ୍ଲକ ଅଞ୍ଚଳରେ ବନ୍ଦର ଆଂଶିକ ପ୍ରଭାବ ପଡ଼ିଥିଲା। ସକାଳ ୫ଟାରୁ ରାଜନେତା ହାତରେ ପ୍ଲାକାର୍ଡ ଧରି ବାଲେଶ୍ୱର ଗୋଲେଇଠାରେ

ଯାନବାହନ ଚଳାଚଳ ବନ୍ଦ କରିଥିଲେ। ସେହିପରି କପ୍ତିପଦାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିଲା। ସ୍କୁଲ କଲେଜରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଛୋଟବଡ ବଜାର ଅଞ୍ଚଳରେ ଦିନ ୨ଟା ପର୍ଯ୍ୟନ୍ତ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ଗ୍ରାମାଞ୍ଚଳରେ ଜୀବନଯାତ୍ରା ସ୍ୱାଭାବିକ ଥିବାବେଳେ ଭାରୀଯାନ ବନ୍ଦ ରହିଥିଲା।

କରଞ୍ଜିଆ: ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦର ପ୍ରଭାବ କରଞ୍ଜିଆରେ ଦେଖିବାକୁ ମିଳିଛି। ପଶ୍ଚିମ ଓଡ଼ିଶା ଅଞ୍ଚଳର ସଭାପତି ଭୁବନ ବିହାରୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ସମର୍ଥକ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ବନ୍ଦକୁ ସମର୍ଥନ କରିବା ପାଇଁ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିବାକୁ ଆହ୍ୱାନ ଦେଇଥିଲେ। ନିର୍ବାଚନ କମିସନରଙ୍କୁ ବହିଷ୍କାର, ଏମଏମଡିଆର ଆଇନ ରଦ୍ଦ, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟା ପ୍ରଭାବିତଙ୍କୁ

ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଦଳୀୟ କର୍ମୀ, ସମର୍ଥକ ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ କରଞ୍ଜିଆରେ ବନ୍ଦ ପାଳନ କରାଯାଇଥିଲା।

କୁଆମରା: ୪ ଦଫା ଦାବି ନେଇ ଆଜି ଇଣ୍ଡିଆ ମେଣ୍ଟ ଆହ୍ୱାନକ୍ରମେ କଂଗ୍ରେସ ପକ୍ଷରୁ ଗୋପବନ୍ଧୁନଗର ବ୍ଲକରେ ୧୨ ଘଣ୍ଟିଆ ବନ୍ଦ ସଫଳ

ହୋଇଛି। ସ୍କୁଲ, କଲେଜ, ବ୍ଲକ, ତହସିଲ ଖୋଲା ଥିବାବେଳେ ଦଳୀୟ କର୍ମୀ ପହଞ୍ଚି ବନ୍ଦ କରିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ବନ୍ଦ ଥିଲା। ଯାତ୍ରୀବାହୀ ବସ୍ ଓ ମାଲ ପରିବହନ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ନେତୃତ୍ୱରେ ବରିଷ୍ଠ କର୍ମୀ ମନୋରଞ୍ଜନ ପରିଡା, ସନାତନ ମହାପାତ୍ର, ପ୍ରଣୟ ଚୌଧୁରୀ, ପରମାନନ୍ଦ ବେହେରା, ରୂପକ ବଳିଆରସିଂହ, ଉଦୟ ଟୁଡୁ, ରାମକୃଷ୍ଣ ମିଶ୍ର, ସିଦ୍ଧାର୍ଥ ଉପାଧ୍ୟାୟ, ନିରଞ୍ଜନ ବେହେରା, ବସନ୍ତ ସେଠୀ, ବିଜୟ ବାରିକ, ଟୁନା ପରିଡା ପ୍ରମୁଖ ସାମିଲ ଥିଲେ।

ରାଇରଙ୍ଗପୁର: କଂଗ୍ରେସ ନେତୃତ୍ୱାଧୀନ "ଇଣ୍ଡିଆ' ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ବାମନଘାଟି (ରାଇରଙ୍ଗପୁର) ଉପଖଣ୍ଡରେ ଦେଖିବାକୁ ମିଳିଛି। ରାଇରଙ୍ଗପୁର ସହର ସମେତ ଉପଖଣ୍ଡର ସମସ୍ତ ବ୍ଲକରେ ଦୋକାନ ବଜାର, ସ୍କୁଲକଲେଜ, ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ଗୁରୁମହିଷାଣୀଠାରେ ଟାଟା-ବାଦାମପାହାଡ଼ ପାସେଞ୍ଜର

ଟ୍ରେନକୁ କିଛି ସମୟ ଅଟକାଇଥିଲେ। ଗୁରୁମହିଷାଣୀ ଲୌହ ଖଣି କାର୍ଯ୍ୟ ମଧ୍ୟ ଠପ୍ ରହିଥିଲା। ତିରିଂ ବ୍ଲକରେ କଂଗ୍ରେସ କର୍ମୀ ୨୨୦ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ଶ୍ୟାମଚରଣ ମାଝୀ, ଜିଲ୍ଲା ସମ୍ପାଦକ ରୂପକ ମହାନ୍ତି, ବରିଷ୍ଠ ନେତା ଲୋକୁଚରଣ ଦାସ, ବସନ୍ତ ପଟ୍ଟନାୟକ, ବିଡାର ମାଝୀ, ନଗର ସଭାପତି ଅମରଦେବ ହେମ୍ବ୍ରମ, ବ୍ଲକ ସଭାପତି ସୀମାଲ ମାଝୀ, ଯୁବନେତା ପିଥ ସୋରେନ, କୌଶିକ ମହାନ୍ତି, କିଶୋର ମହାନ୍ତ ଓ ଭୁଜହାରୀ ମହାନ୍ତ ପ୍ରମୁଖ ସାମିଲ ଥିଲେ। ତିରିଂ ବ୍ଲକ ସଭାପତି ଭାଗୀରଥି ପାତ୍ର, ବହଳଦା ବ୍ଲକ ସଭାପତି ଆଲୋକ ବରାଳ ଓ ଯୋଗେନ୍ଦ୍ର ବନରା, ଯାମଦା ବ୍ଲକ ସଭାପତି ସବ୍ୟସାଚୀ ଖୁଣ୍ଟିଆ, ମାନସିଂହ ସୋରେନ, କୁସୁମୀ ବ୍ଲକ ସଭାପତି ଭାରତ ବାରିକ, ବିଜାତଳା ବ୍ଲକ ସଭାପତି ନିଶାକର ପାତ୍ର, ଭୀମସେନ ଟୁଡୁ, ଆଦିବାସୀ କଂଗ୍ରେସ ଜିଲ୍ଲା ସଭାପତି ବେରେଲ ସିରକାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକରେ ବନ୍ଦ ପାଳନ ସଫଳ ହୋଇଥିଲା।

ଖୁଣ୍ଟ: ଶୁକୃଳି ବ୍ଲକ୍ କଂଗ୍ରେସ କମିଟି ସଭାପତି ବାପୁନ୍ ତିରିଆ, ବରିଷ୍ଠ ନେତା ଜୟଶଙ୍କର ନାୟକ, ରତିକାନ୍ତ ବେହେରା, ପ୍ରହଲ୍ଲାଦ ମହାନ୍ତ, ବିରେନ୍ଦ୍ର

ନାଏକ, ଉମେଶ ନାଏକ, ଲାଲବାହାଦୂର ନାଏକ ପ୍ରମୁଖଙ୍କ ନେତୃତ୍ୱରେ ଶୁକୃଳି ବ୍ଲକ୍ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି।

ବଡସାହି/ମାଣତ୍ରୀ: ଇଣ୍ଡିଆ ମେଣ୍ଟ ପକ୍ଷରୁ ଗୁରୁବାର ସିଇସିଙ୍କ ଇସ୍ତଫା, ଖଣି ଆଇନ ରଦ୍ଦ ଓ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଓଡ଼ିଶା ବନ୍ଦ

ବଡସାହିରେ ସଫଳ ହୋଇଛି। କାଁଭାଁ ଦୋକାନକୁ ଛାଡ଼ିଦେଲେ ପ୍ରାୟ ଗାଡି, ଦୋକାନ ବଜାର, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅଫିସ ବନ୍ଦ ଥିବା ଦେଖାଯାଇଥିଲା। କଂଗ୍ରେସ କର୍ମୀ ସଭାପତି ଶଶାଙ୍କ ଶେଖର କରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହିତ ଦୋକାନ ବଜାର, ଅଫିସ ବନ୍ଦ କରିଥିଲେ। ମାତ୍ର ଜରୁରିକାଳୀନ ସେବା ଗାଡ଼ି ଓ ଔଷଧ ଦୋକାନକୁ ବନ୍ଦରୁ ବାଦ୍ ଦିଆଯାଇଥିଲା।

ସାରସକଣା: ସାରସକଣା ବ୍ଲକ ସାରସକଣା ଓ ଝାରପୋଖରୀଆ, ବାଙ୍ଗିରିପୋଷି ଅଞ୍ଚଳରେ ବନ୍ଦର

ପ୍ରଭାବ ପଡ଼ିଛି। କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା, ସାରସକଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଗିରି, ବ୍ଲକ ସମ୍ପାଦକ ଦୀପକ ଦାସ, ଉପସଭାପତି ମୁରାରୀ ମହାପାତ୍ର, ଜିଲ୍ଲା ସମ୍ପାଦକ ଚିତ୍ତବିକାଶ ମହାପାତ୍ର, ଉପସଭାପତି ପ୍ରଦୀପ୍ତ ପୁଷ୍ଟି, ଉପେନ୍ଦ୍ର ଦିଗର, ବଙ୍କିମ ମହାପାତ୍ର, କୋଷାଧ୍ୟକ୍ଷ ଚୈତନ ଦାସ, ସ୍ନେହାଶିଷ ହାତା ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳ ସିପିଆଇ ପକ୍ଷରୁ ଜିଲ୍ଲା ସହସମ୍ପାଦକ ପରମେଶ୍ୱର ମହାନ୍ତ, ରାଜେନ୍ଦ୍ର ବେହେରା, ନାରାୟଣ ଟୁଡୁଙ୍କ ସମେତ ବହୁ ନେତା ଓ କର୍ମୀ ଆନ୍ଦୋଳନରେ ଯୋଗ ଦେଇଥିଲେ।

ରାସଗୋବିନ୍ଦପୁର: ରାସଗୋବିନ୍ଦପୁର ବ୍ଲକରେ ବନ୍ଦ ସଫଳ ହୋଇଛି। ବିଭିନ୍ନ ସ୍ଥାନରେ ଦୋକାନବଜାର,

ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଳ ଯାନବାହନ ଚଳାଚଳ ବନ୍ଦ ରହିଥିଲା। କଂଗ୍ରେସ ଓ ସିପିଆଇ(ଏମ୍) ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା। ରାସଗୋବିନ୍ଦପୁରରେ ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ ନାୟକ ଓ ସିପିଆଇ(ଏମ୍) ନେତା ମୃତ୍ୟୁଞ୍ଜୟ ବେହେରା ବନ୍ଦର ନେତୃତ୍ୱ ନେଇଥିଲେ। କଂଗ୍ରେସ ନେତା ପ୍ରଦୀପ ଦାସ, ଯୋଗେନ୍ଦ୍ର ମହାନ୍ତି, ଶାନ୍ତନୁ ମହାନ୍ତି, ଯୋଗେନ୍ଦ୍ର ନାଏକ, ରମେଶ ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଅମର୍ଦା, ରାଜଘାଟ, ନଳଗଜା, ଖୁଣ୍ଟାପାଳ ଓ ସାନମାଣିଦା ପଞ୍ଚାୟତ ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ସିପିଆଇ(ଏମ୍) ପକ୍ଷରୁ ପ୍ରଶାନ୍ତ ପରିଡ଼ା, ଖଗେଶ୍ୱର କବି, ବିକର୍ତ୍ତନ କବି, ସୁଶାନ୍ତ ଦାସ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ।

ଠାକୁରମୁଣ୍ଡା/ମହୁଲଡିହା: ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ଠାକୁରମୁଣ୍ଡା ହନୁମାନ ଛକଠାରେ ବନ୍ଦ ପାଳନ କରାଯାଇଥିଲା। ସକାଳୁ କଂଗ୍ରେସ କର୍ମୀ,



ଏଆଇସିସିଟିୟୁ ଓ ସିପିଆଇ (ଏମଏଲ) ଲିବେରେସନର କର୍ମୀ ଏକତ୍ରିତ ହୋଇ ରାସ୍ତାରୋକ କରିବା ସହ ଦୋକାନ ବଜାର ବନ୍ଦ କରାଇଥିଲେ। ବନ୍ଦ ଯୋଗୁଁ ଉଦଳା-ବାରିପଦା, ଠାକୁରମୁଣ୍ଡା ଭୁବନେଶ୍ୱର, କରଞ୍ଜିଆ ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ବସ ମାଲିକ ସ୍ୱତଃପ୍ରବୃତ୍ତ ଭାବେ ବସ ଚଳାଚଳ ବନ୍ଦ କରିଥିଲେ। ପ୍ରଶାସନିକ ସ୍ତରରେ ଲକ୍ଷ୍ମୀ ବସ ଚଳାଚଳ ବନ୍ଦ କରିଥିଲେ। ଅଫିସ, ବ୍ୟାଙ୍କ, ସ୍କୁଲ ଓ ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା। ବ୍ଲକ ସଭାପତି ରବୀନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀଧର ସିଂ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣି ଟୁଡୁ, ପ୍ରକାଶ ନାଏକ, ଶେଖ ରମଜାନ, ଦୋଳଗୋବିନ୍ଦ ପାତ୍ର, ଗୌରାଙ୍ଗ ବଦ୍ରା, କାହ୍ନୁ ବଦ୍ରା, ପ୍ରକାଶ ମହାନ୍ତ, ବିଶ୍ୱ ବଦ୍ରା, ଛୋଟରାୟ ମୁର୍ମୁ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ।

ଅତିରିକ୍ତ ବିଜ୍ଞପ୍ତି

ଭାରତର ଗେଜେଟ୍ (DL-୩୩୦୦୪/୯୯), ଭାଗ-II, ବିଭାଗ-୩, ଉପ-ବିଭାଗ (ii) ନଂ. ୨୭୧୭ (ନୂଆଦିଲ୍ଲୀ, ବୁଧବାର, ୧୬ ଡିସେମ୍ବର ୨୦୧୫ / ଅଗ୍ରହାୟଣ ୨୫, ୧୯୩୭) ରେ ପ୍ରକାଶିତ JSW Energy (Utkal) Limited (ପୂର୍ବନାମ Ind-Barath Energy (Utkal) Limited) ର ସାର୍ବଜନୀନ ବିଜ୍ଞପ୍ତି ପାଇଁ ଏହି ଅତିରିକ୍ତ ବିଜ୍ଞପ୍ତି -

ଟ୍ରାନ୍ସମିସନ୍ (ବିଦ୍ୟୁ ସଞ୍ଚାରଣ) ଯୋଜନାର ନାମ: 400 kV Ind-Barath TPS - 765/400kV Jharsuguda Pooling Station D/C (Twin Moose) ଏବଂ ଝାରସୁଗୁଡ଼ା ଷ୍ଟେସନରେ ଆନୁଷଙ୍ଗିକ ଲାଇନ୍ ବେ (line bays) - ଯାହା ଉତ୍ପାଦନକାରୀ ସଂସ୍ଥା ଦ୍ୱାରା ଏକ ସ୍ୱତନ୍ତ୍ର ଲାଇନ୍ ଭାବରେ ବିକଶିତ କରାଯିବ ।

ଯୋଜନା ଅନ୍ତର୍ଗତ ଟ୍ରାନ୍ସମିସନ୍ ଲାଇନ୍ / କାର୍ଯ୍ୟର ନାମ: 400 kV Ind-Barath TPS - 765/400kV Jharsuguda Pooling Station D/C (Twin Moose) ସ୍ୱତନ୍ତ୍ର ଟ୍ରାନ୍ସମିସନ୍ ଲାଇନ୍ (DTL) ନିର୍ମାଣ ପାଇଁ ପଥ ପରିବର୍ତ୍ତନ । ଏହି ପଥ ସାରଣ୍ଡାମାଲ ଗ୍ରାମ (ତହସିଲ- ଲଖନପୁର, ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା) ସ୍ଥିତ (400 kV D/C OPGC - PGCIL Sundargarh ଟ୍ରାନ୍ସମିସନ୍ ଲାଇନ୍) LILO ପଏଣ୍ଟରୁ ଆରମ୍ଭ ହୋଇ ରାଜପୁର ଗ୍ରାମ (ତହସିଲ- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା) ପର୍ଯ୍ୟନ୍ତ ଯିବ । ପଥ ପରିବର୍ତ୍ତନ କରାଯାଇଥିବା ଏହି ଅଂଶର ଦୈର୍ଘ୍ୟ ପ୍ରାୟ ୨୩.୪୩୧ କିଲୋମିଟର ଅଟେ ।

ସ୍ୱତନ୍ତ୍ର ଟ୍ରାନ୍ସମିସନ୍ ଲାଇନ୍ ପାଇଁ ପ୍ରଥମେ ଅନୁମୋଦିତ ପଥର ଏକ ଅଂଶରେ କୋଇଲା ଖଣିର ସମ୍ପ୍ରସାରଣ କାରଣରୁ ଉପରୋକ୍ତ ପଥ ପରିବର୍ତ୍ତନ ଆବଶ୍ୟକ ହୋଇପଡ଼ିଛି ।

ଏହି ଯୋଜନା ଅନ୍ତର୍ଗତ ଟ୍ରାନ୍ସମିସନ୍ ଲାଇନର ସଂଶୋଧିତ ପଥ ନିମ୍ନଲିଖିତ ଗ୍ରାମ, ସହର ଏବଂ ନଗରଗୁଡ଼ିକ ମଧ୍ୟ ଦେଇ, ଉପର ଦେଇ, ଚାରିପାଖେ ଏବଂ ମଧ୍ୟଭାଗ ଦେଇ ଗତି କରିବ ।

କ୍ର.ସଂ.	ଗ୍ରାମର ନାମ	ତହସିଲ	ଜିଲ୍ଲା
୧	ସରଣ୍ଡାମାଲ, ଗୁରୁହିଲି (ଗୁଡିଆଲି) (ଗୁରହିଆଲି)	ଲଖନପୁର	ଝାରସୁଗୁଡ଼ା
୨	ବାଲାପୁଟ (ବାଲପୁଟ) (ବାଲିପୁଟ), ଅଇଲାପାଲି (ଅଇଁଲାପାଲି), ବୁଣ୍ଡିଆ (ବୁନ୍ଦିଆ) ରାମପୁର, ବ୍ରଜରାଜନଗର (ବ୍ରଜରାଜନଗର ଟାଉନ ୟୁନିଟ ନଂ-୧), ଖଏଟ (ଖଇଟା), ସିଂହାବଗା (ସିଙ୍ଗବଗା), ଜମୁଆପାଲି, ଜମେରା, ବୁଡିପଦର (ବୁଢ଼ିପଦର), ହଂସାମୁରା-କଟାପାଲି (ହଂସାମୁରା- କାଟାପାଲି), ଦେଗାଁ (ଦେଓଗାଁ), ରାଜପୁର (ରାଜପୁରା)	ଝାରସୁଗୁଡ଼ା	ଝାରସୁଗୁଡ଼ା

ରୁଟ ଆଲାଟମେଣ୍ଟ ର ଏକ କପି ନିମ୍ନ ରେ ପ୍ରଦତ୍ତ ସ୍ୱାକ୍ଷରକାରୀଙ୍କ ଅଫିସ ରେ ଉପଲବ୍ଧ ଅଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଦୁଇ (୨) ମାସ ମଧ୍ୟରେ ପ୍ରସ୍ତାବିତ ଟ୍ରାନ୍ସମିସନ ସିଷ୍ଟମ ଉପରେ ପର୍ଯ୍ୟବେକ୍ଷଣ / ଉପସ୍ଥାପନା କରିବାକୁ ଜନସାଧାରଣଙ୍କୁ ନୋଟିସ୍ ଲିଖିତ ଆକାରରେ ଦିଆଯାଇଛି ଅଧିକ ବିଶେଷତା ଏବଂ ସ୍ପଷ୍ଟୀକରଣ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ ।

ନାମ: - ବିଜୟ ଇଂଗୁଲେ, ପଦବୀ: - ଉପ-ସଭାପତି, ଅଫିସ୍ ଠିକଣା: - ସାହାଜବାହଲ, ଝାରସୁଗୁଡ଼ା, ଓଡ଼ିଶା, ଇମେଲ୍ ଠିକଣା: -vijay.ingole@jsw.in, ମୋବାଇଲ୍ ନଂ: -୯୮୯୩୫୯୯୨୪୯

ସକାଳ
THE SAKALA

ସମ୍ପାଦକୀୟ

ଭୋଟ ଏକ ବନ୍ଧୁକ ପରି । ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ ।
-ଟି. ରୁଜଭେଲ୍ଟ

ଖାଉଟି ଥାଳିରେ ଚାଷୀର ଭାଗ?

ଚାଷୀଙ୍କ କ୍ଷେତରୁ ଖାଉଟିଙ୍କ ଥାଳି ପର୍ଯ୍ୟନ୍ତ ଯାତ୍ରା ଦିନକୁ ଦିନ ମହଙ୍ଗା ହୋଇଚାଲିଛି । ଅଥଚ ତା'ର ବାସ୍ତବ ମୂଲ୍ୟ ଚାଷୀ ବା ଉତ୍ପାଦକ ପାଉନାହିଁ । ଆମେ ବଜାରରୁ କୌଣସି କୃଷିଜାତ ସାମଗ୍ରୀ କିଣିବା ବେଳେ ଯେତିକି ଟଙ୍କା ଦେଉ ସେହି ଟଙ୍କାରୁ ଚାଷୀଙ୍କ ହାତକୁ ବାସ୍ତବରେ କେତେ ଯାଉଛି - ଏହା ଭାରତୀୟ କୃଷି ବ୍ୟବସ୍ଥାର ଏକ ଅସମାହିତ ପ୍ରଶ୍ନ । ଏହା କେବଳ ଭାରତର ସମସ୍ୟା ନୁହେଁ । ନିକଟରେ ୬୧ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ଖାଉଟି ଖାଦ୍ୟ ପାଇଁ ଖର୍ଚ୍ଚ କରୁଥିବା ଅର୍ଥର ମାତ୍ର ୨୭% ଚାଷୀ ପାଖକୁ ଯାଏ । ଏହି ପ୍ରଶ୍ନରେ ଚାଷୀଙ୍କ ଆୟ ସହିତ କୃଷି ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା ଭଳି ନ୍ୟାୟସଙ୍ଗତ ପ୍ରସଙ୍ଗ ଯୋଡ଼ି ହୋଇ ରହିଛି ।

ଆମ ଦେଶର ପ୍ରଚଳିତ ବ୍ୟବସ୍ଥାରେ ଚାଷୀ ଉତ୍ପାଦନ କରେ, କିନ୍ତୁ ମୂଲ୍ୟ ନିର୍ଦ୍ଧାରଣରେ ତା'ର ଭୂମିକା ପ୍ରାୟତଃ ସୀମିତ । ଅପରପକ୍ଷରେ ମଧ୍ୟସ୍ଥି, ଦଲାଲ, ପରିବହନକାରୀ, ମହଜୁଦକାରୀ, ଖୁଚୁରା ବ୍ୟବସାୟୀଙ୍କ ହାତ ଦେଇ ଉତ୍ପାଦ ବଜାରରେ ପହଞ୍ଚିବା ସମୟରେ ଦର ବହୁଗୁଣିତ ହୋଇଯାଏ । ଚାଷୀ ପ୍ରାୟତଃ ନିଜ ଉତ୍ପାଦ ବିକ୍ରି କରିବା ପାଇଁ ତତ୍କାଳ ଓ ଆଞ୍ଚଳିକ ବଜାର ଉପରେ ନିର୍ଭର କରେ । ଉତ୍ପାଦ ନଷ୍ଟ ହେବାର ଭୟ, ଋଣ ଶୁଝିବାର ଚାପ, ଗୋଦାମ ଅଭାବ ଓ ତୁରନ୍ତ ନଗଦ ଆବଶ୍ୟକତା ଚାଷୀକୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ କରେ । ଏହାର ବିପରୀତ ଚିତ୍ର ଖୁଚୁରା ବଜାରରେ ଦେଖାଯାଏ । ସହରର ଖାଉଟି ପନିପରିବା ଓ ଅନ୍ୟ ଖାଦ୍ୟ ଶସ୍ୟ ଯେଉଁ ଦରରେ କିଣେ ତାହାର ଏକ ବଡ଼ ଅଂଶ ପରିବହନ, ସଂରକ୍ଷଣ, ପ୍ରକ୍ରିୟାକରଣ, ବ୍ୟବସାୟୀଙ୍କ ଲାଭାଂଶରେ ସାମିଲ୍ ହୋଇଯାଏ । ଚାଷୀ ଓ ଖାଉଟିଙ୍କ ମଧ୍ୟରେ ଥିବା ଏହି ବିରାଟ ଦୂରତ୍ୱ ହିଁ ଉଭୟ ଖାଉଟି ଓ ଚାଷୀଙ୍କୁ ଶୋଷଣ କରୁଛି ଏବଂ ମଧ୍ୟସ୍ଥି ମାଲେମାଲ୍ ହେଉଛନ୍ତି । ଏହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି ।

କୃଷି ଉତ୍ପାଦକୁ ଖେତରୁ ବଜାରକୁ ନେବା ପାଇଁ ପରିବହନ, ଗୋଦାମ, ଶୀତଳ

ଭଣ୍ଡାର, ପ୍ୟାକେଜିଂ ଓ ବିତରଣର ଆବଶ୍ୟକତା ରହିଛି । ସମସ୍ୟା ହେଉଛି - ଏହି ମୂଲ୍ୟ ଶୃଙ୍ଖଳାରେ ଉତ୍ତରଭାରତର କେତେକ ବଡ଼ ଚାଷୀଙ୍କୁ ଛାଡ଼ି ଦେଲେ ବାକି ଚାଷୀଙ୍କ ମୂଲଚାଲ୍ କ୍ଷମତା ଅତ୍ୟନ୍ତ ଦୁର୍ବଳ । କ୍ଷୁଦ୍ର ଓ ଭାଗଚାଷୀମାନେ ଯଦି ସମବାୟ, କୃଷକ ଉତ୍ପାଦକ ସଂଗଠନ କିମ୍ବା ସିଧାସଳଖ ବଜାର ବ୍ୟବସ୍ଥା ମାଧ୍ୟମରେ ସାମୂହିକ ଭାବେ ବିକ୍ରି କରିବାର ବ୍ୟବସ୍ଥା ହୁଅନ୍ତା ତେବେ ସମସ୍ୟା କିଛିମାତ୍ରାରେ ହ୍ରାସ ପାଇପାରନ୍ତା । ଆହୁରି ମଧ୍ୟ ଆମ ଦେଶର କୃଷିନୀତିରେ ଦୀର୍ଘବର୍ଷ ଧରି ଉତ୍ପାଦନ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦିଆଯାଇଛି । କିନ୍ତୁ ଅଧିକ ଉତ୍ପାଦନ ହେଲେ ଚାଷୀଙ୍କ ଆୟ ବଢ଼ିବ - ଏହି ଧାରଣା ଭୁଲ୍ । ଉତ୍ପାଦନ ପରେ ଯଦି ଠିକ୍ ଦରରେ ବିକ୍ରି କରିବାର ସୁଯୋଗ ନଥାଏ, ତେବେ ତାହା ଚାଷୀଙ୍କ ପାଇଁ କ୍ଷତିର କାରଣ ହୋଇପାରେ ଏବଂ ଅଭାବୀ ବିକ୍ରି ବଢ଼ିପାରେ । ତେଣୁ ଗୋଦାମ ଓ ଶୀତଳ ଭଣ୍ଡାର ଭଳି ଭିତ୍ତିଭୂମିର ବିକାଶ, ଗ୍ରାମୀଣ ସଡ଼କ ଓ ପରିବହନ ସୁବିଧା, ଡିଜିଟାଲ ବଜାର, ସ୍ୱଚ୍ଛ ମୂଲ୍ୟ ସୂଚନା ଏବଂ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ନିତାନ୍ତ ଆବଶ୍ୟକ । ଚାଷୀମାନେ ଯଦି ନିଜ ଉତ୍ପାଦକୁ କିଛିଦିନ ସଂରକ୍ଷିତ ରଖିପାରିବେ, ବଜାର ଦର ବିଷୟରେ ଜାଣିପାରିବେ ଓ ବିକଳ୍ପ ବଜାରରେ ପହଞ୍ଚିପାରିବେ, ତେବେ ସେମାନଙ୍କର ମୂଲଚାଲ୍ କ୍ଷମତା ବଢ଼ିବ ।

ସିଧାସଳଖ କୃଷକ ବଜାର, କୃଷକ ସମବାୟ, ଉତ୍ପାଦକ ସଂଗଠନ ଓ ସ୍ଥାନୀୟ ବଜାରକୁ ପ୍ରୋତ୍ସାହନ ଦେଲେ ଚାଷୀ ଓ ଖାଉଟି ଉଭୟ ଲାଭବାନ ହୋଇପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଦାୟିତ୍ୱ ଓ ଭୂମିକା ନିର୍ଣ୍ଣାୟକ ଓ ସ୍ପଷ୍ଟ ହେବା ଉଚିତ । କେବଳ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଘୋଷଣା କରି ସରକାର ତାଙ୍କ କର୍ତ୍ତବ୍ୟ ସାରି ଦେଉଛନ୍ତି । ବାସ୍ତବ ବଜାରର ସ୍ଥିତି ନିୟମିତ ଅନୁଧ୍ୟାନ ନ କଲେ ଏମ୍‌ଏସ୍‌ପିରୁ ସବୁଚାଷୀଙ୍କୁ ଫାଇଦା ମିଳିବ ନାହିଁ । ନୀତିନିର୍ଦ୍ଧାରକମାନେ ମଧ୍ୟ ଜାଣିବା ଦରକାର ଯେ ଏକ ସୁସ୍ଥ କୃଷି ଅର୍ଥନୀତିର ପରିମାପକ କେବଳ ଖାଦ୍ୟ ଉତ୍ପାଦନର ପରିମାଣ ଓ ରପ୍ତାନୀ ମୂଲ୍ୟ ଉପରେ ନିର୍ଭର କରେ ନାହିଁ । ପ୍ରକୃତ ପରିମାପକ ହେଉଛି ଦେଶରେ ଉତ୍ପାଦିତ ମୋଟ ଖାଦ୍ୟ ଶସ୍ୟର ସାମଗ୍ରିକ ମୂଲ୍ୟରେ ଚାଷୀଙ୍କ ଅଂଶ କେତେ? ଖାଉଟି ଯଦି ଅଧିକ ଦର ଦେଉଛନ୍ତି; କିନ୍ତୁ ଚାଷୀ ଲାଭ ପାଉନାହାନ୍ତି, ତେବେ ବ୍ୟବସ୍ଥାରେ ଚରମ ତ୍ରୁଟି ରହିଛି । ଏହି ତ୍ରୁଟି ସୁଧାରିବା ପାଇଁ 'ଚାଷୀଙ୍କ ଆୟ ଦ୍ୱିଗୁଣିତ' ଭଳି ଲକ୍ଷ୍ୟ ଠାରୁ ଆଗକୁ ବଢ଼ି 'ଚାଷୀଙ୍କ ମୂଲ୍ୟ ଅଂଶ ବୃଦ୍ଧି'କୁ କୃଷିନୀତିର କେନ୍ଦ୍ରରେ ରଖିବା ଆବଶ୍ୟକ । ମନେ ରଖିବାକୁ ହେବ ଯେ ଆମ ଥାଳିରେ ଖାଦ୍ୟ ପହଞ୍ଚିବା ପୂର୍ବରୁ ଯେତେ ହାତ ତାହାକୁ ଛୁଏଁ, ସେଥିରେ ପ୍ରଥମ ହାତଟି ହେଉଛି ଚାଷୀଙ୍କର । ତେଣୁ ଆମେ ଯେତିକି ଖର୍ଚ୍ଚ କରୁଛୁ, ସେଥିରୁ ଚାଷୀଙ୍କ ହାତରେ ଯଦି ନ୍ୟାୟସଙ୍ଗତ ଅଂଶ ନ ପହଞ୍ଚେ, ତେବେ ଖାଦ୍ୟ ବଜାରର ସମୃଦ୍ଧି ଅଧୁରା ରହିଯିବ । ଚାଷୀଙ୍କୁ କେବଳ ଉତ୍ପାଦକ ନୁହେଁ, ମୂଲ୍ୟ ଶୃଙ୍ଖଳାର ଯଥାର୍ଥ ଅଂଶୀଦାର କରିବା ହିଁ ହେଉ ଆଗାମୀ କୃଷିନୀତିର ପ୍ରମୁଖ ଲକ୍ଷ୍ୟ ।

ଏଆଇ ବିପର୍ଯ୍ୟୟ ଆଣିବ କି?

ଇଂ ମାୟାଧର ସ୍ୱାଇଁ

ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କାୟା ବିସ୍ତାର କଲାଣି । ଏହାଦ୍ୱାରା ଆମର ଅନେକ ଉପକାର ହେଉଥିଲେ ସୁଦ୍ଧା ଏହାର କ୍ରମବର୍ଦ୍ଧମାନ ଶକ୍ତିକୁ ନେଇ ଅନେକ ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କଲେଣି । ଯେଉଁ କାମକୁ ମନୁଷ୍ୟ ନିଜ ବୁଦ୍ଧି ଖଟାଇ କରିଥାଏ ତାହାକୁ ଯଦି କମ୍ପ୍ୟୁଟର କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା କରିପାରେ, ତାକୁ କୃତ୍ରିମ ବୁଦ୍ଧିମତ୍ତା କୁହାଯାଏ । ଏହା ହେଉଛି ଗୋଟିଏ କମ୍ପ୍ୟୁଟର ସଫଟଓ୍ୱାର, ଯାହା ବିପୁଳ ପରିମାଣର ତଥ୍ୟ(ଡାଟା)ରୁ ଶୈଳୀ ଶିକ୍ଷା ଲାଭ କରେ ଏବଂ ସେହି ଶୈଳୀଗୁଡ଼ିକୁ ବ୍ୟବହାର କରି ପୂର୍ବାନୁମାନ କରିଥାଏ । ପୂର୍ବରୁ ପାରମ୍ପରିକ ସଫ୍ଟଓ୍ୱାରଗୁଡ଼ିକ ଏହାକୁ ଦିଆଯାଇଥିବା ଡାଟା ଓ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତି । ମାତ୍ର ଏଆଇ ଏହି ଡାଟା ଓ ଅଭିଜ୍ଞତାରୁ ଅଧିକ ଶିକ୍ଷା କରେ ।

ଗୋଟିଏ କଳ ମନୁଷ୍ୟ ଭଳି କାର୍ଯ୍ୟ କରିପାରିବାର ଧାରଣା ବହୁତ ପୁରୁଣା । ମାତ୍ର ଏହାର କାର୍ଯ୍ୟକାରିତା ଗତ ଶତାବ୍ଦୀର ଶେଷ ଭାଗରେ ଆରମ୍ଭ ହେଲା । ଆମେରିକାର କମ୍ପ୍ୟୁଟର ବିଜ୍ଞାନୀ ଜନ୍ ମାକ୍‌କାର୍ଥ ୧୯୫୬ ମସିହାରେ ଡାର୍ଟମାଉଥ ସମ୍ମିଳନୀରେ ପ୍ରଥମେ ଏଆଇ ଶବ୍ଦ ବ୍ୟବହାର କରିଥିଲେ । ଗତ ଦଶ ବର୍ଷ ଭିତରେ ଏଆଇ ଅନେକ ଅଗ୍ରସର କରିଛି । ଆଜି ଏହା ସାହାଯ୍ୟରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରାଯାଇପାରୁଛି । ଏହା ଗଳ୍ପ, ଉପନ୍ୟାସ, କବିତା ଆଦି ଲେଖିପାରୁଛି । ଯେକୌଣସି ପ୍ରକାର ପ୍ରଶ୍ନର ଉତ୍ତର ଦେଇ ପାରୁଛି ଏବଂ ଏହା ସାହାଯ୍ୟରେ ମାନବବିହୀନ କାର, ଡ୍ରୋନ ଆଦି ଗତି କରିପାରୁଛି । ଏହା ଆଜି ସ୍ୱାସ୍ଥ୍ୟସେବା, ପରିବହନ, ଗ୍ରାହକ ସେବା, ପ୍ରଶାସନ, ବିଜ୍ଞାନ ଗବେଷଣା ସମେତ ଅନେକ କ୍ଷେତ୍ରରେ ପ୍ରୟୋଗ ହେଉଛି ।

ଏଆଇର ମୁଖ୍ୟ ଉପାଦାନ ହେଉଛି ମେସିନ ଲର୍ଣ୍ଣିଂ, ଯାହା ଅଭିଜ୍ଞତାରୁ ଆଲଗୋରିଦିମ୍ ବିକାଶ କରେ ଏବଂ ଏହା ସାହାଯ୍ୟରେ କମ୍ପ୍ୟୁଟର ଶିକ୍ଷା ଲାଭ କରିବା ସହିତ ଡାଟା ଆଧାରରେ ପୂର୍ବାନୁମାନ କିମ୍ବା ନିଷ୍ପତ୍ତି ନେଇଥାଏ । ଏହାର ଅନ୍ୟ ଏକ ଉପାଦାନ ହେଉଛି ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଯାହା ସାହାଯ୍ୟରେ ଭାଷା ବା କଥନ ମାଧ୍ୟମରେ କମ୍ପ୍ୟୁଟର ଓ ମନୁଷ୍ୟ ମଧ୍ୟରେ ଆନ୍ତଃକ୍ରିୟା ଘଟିଥାଏ । କମ୍ପ୍ୟୁଟର କିମ୍ବା ମୋବାଇଲ ଫୋନ କିବୋର୍ଡରେ ଟାଇପ୍ ନ କରି ଏହାକୁ ପାଟିରେ ପ୍ରଶ୍ନ ପଚାରିଲେ ମଧ୍ୟ ତାହା ବୁଝିପାରି ଉତ୍ତର ଦେଇଥାଏ । ପୁନଶ୍ଚ ଏହି ଉତ୍ତରକୁ ମନୁଷ୍ୟ ଭଳି କହିଥାଏ କିମ୍ବା ପରଦାରେ ଲେଖିକରି ଦେଇଥାଏ । ଜେନେରେଟିଭ୍ ଏଆଇ ବିଶାଳ ଡାଟାପୁଞ୍ଜିରୁ ପୂର୍ବ ଶୈଳୀକୁ ବ୍ୟବହାର କରି ପାଠ୍ୟ ଚିତ୍ର, ଅଡିଓ ଏବଂ ଭିଡିଓ ପ୍ରସ୍ତୁତ କରିଥାଏ ।

ଏଆଇକୁ ତିନିପ୍ରକାରରେ ଭାଗ କରାଯାଇଛି । ପ୍ରଥମ ହେଉଛି 'ସଂକୀର୍ଣ୍ଣ ଏଆଇ', ଯାହା କଥନକୁ ଚିହ୍ନଟ ଭଳି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଡିଜାଇନ ହୋଇଥାଏ । ଏହାର ଉଦାହରଣ ହେଉଛି ଆଲେକ୍ସା ଓ ସିରି । ଆଲେକ୍ସାକୁ କୌଣସି ଗୀତ ଗାଇବାକୁ କହିଲେ ସେ ସାଙ୍ଗେ ସାଙ୍ଗେ ଶୁଣାଇଦିଏ । ଦ୍ୱିତୀୟ ପ୍ରକାର ହେଉଛି 'ସାଧାରଣ ଏଆଇ' । ଏହା ବିଭିନ୍ନ କ୍ଷେତ୍ରରେ ମନୁଷ୍ୟ ଭଳି କାର୍ଯ୍ୟ କରିପାରେ । ଏହା ସମୟକ୍ରମେ ନିଜେ ନିଜେ ଶିଖିଥାଏ ଏବଂ ନିଜର ଅଧିକ ବିକାଶ କରିଥାଏ । ତୃତୀୟ ପ୍ରକାର ହେଉଛି 'ଅତି ବୁଦ୍ଧିମାନ ଏଆଇ', ଯାହା ବିଜ୍ଞାନଠାରୁ ଆରମ୍ଭ କରି କଳା ଓ ଦକ୍ଷତା ଆଦି ସମସ୍ତ କ୍ଷେତ୍ରରେ ମନୁଷ୍ୟ ବୁଦ୍ଧିଠାରୁ ବଳିଯିବ । ଆମେମାନେ ବର୍ତ୍ତମାନ ଦ୍ୱିତୀୟ ପ୍ରକାର ଏଆଇରେ ପହଞ୍ଚିଛେ ଏବଂ ତୃତୀୟପ୍ରକାର ଏଆଇ ପାଇଁ ବିଭିନ୍ନ ସ୍ଥାନରେ ଗବେଷଣା ଚାଲିଛି । ପୂର୍ବରୁ ବିଜ୍ଞାନ ଗପ ଓ ଉପନ୍ୟାସରେ ଏଆଇ ସ୍ଥାନ ପାଇଥିଲେ ସୁଦ୍ଧା ଏହାର ଅଗ୍ରଗତିକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଆଉ ଦଶବର୍ଷ ଭିତରେ ଆମେ ଏହା ହାସଲ କରିପାରିବ । ମନୁଷ୍ୟ ସମାଜ ପ୍ରତି ତୃତୀୟ ପ୍ରକାର ଏଆଇର ସମ୍ଭାବ୍ୟ ବିପଦ ଭୟଭୀତ କରୁଛି । ଏହି ଶତାବ୍ଦୀର ପ୍ରଥମ ଦଶକରେ ଶ୍ରେଷ୍ଠ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ ପ୍ରକାଶ କରିଥିଲେ ଯେ ଏଆଇ ଯେପରି ଅଗ୍ରଗତି କରୁଛି ତାହା ଦିନେ ମାନବ ସମାଜକୁ ଦାସ କରି ରଖିବ ।

ଏଆଇର ଭବିଷ୍ୟତ ବିପଦକୁ ହୃଦୟଙ୍ଗମ କରି ଏହା ଉପରେ ଅଧିକ ଗବେଷଣା ନ କରିବା ପାଇଁ ଅନେକ କମ୍ପ୍ୟୁଟର ବିଜ୍ଞାନୀ ମତ ଦେଇଛନ୍ତି । ଏପରିକି କେତେଜଣ ସ୍ୱନାମଧନ୍ୟ ଗବେଷକ ଏହାର ଗବେଷଣା ଛାଡ଼ି ଦେଇଛନ୍ତି । ଗବେଷକ ପିଟର ବାର୍ନେଟ ପ୍ରକାଶ କରିଛନ୍ତି ଯେ ଯଦି ଏଆଇ ମନୁଷ୍ୟଠାରୁ ଅଧିକ ଚାଲାଖ ହୁଏ, ତା'ହେଲେ ଏହା ମନୁଷ୍ୟ ଜାଣି ନଥିବା କୌଣସି ଆକ୍ରମଣକାରୀ ରୋଗବାହକକୁ ପାଇପାରେ ଏବଂ ଏହାକୁ ମନୁଷ୍ୟ ବିରୁଦ୍ଧରେ ବିଦ୍ରୋହ ସୃଷ୍ଟି କରିପାରେ । ଏଆଇକୁ ବ୍ୟବହାର କରି କେତେକ ଦେଶର ନିର୍ବାଚନକୁ ପ୍ରଭାବିତ କରାଯାଇଥିବାର ଦୋଷାରୋପ କରାଯାଇଛି । ପୁନଶ୍ଚ ଏହାକୁ ବ୍ୟବହାର କରି ମିଥ୍ୟା ଓ ଚାଞ୍ଚଲ୍ୟକର ତଥ୍ୟ ଦେଇ ନିର୍ବାଚିତ ସରକାରକୁ ଭାଙ୍ଗିବାକୁ ଚେଷ୍ଟା କରାଯାଇଛି । ଏହାବ୍ୟତୀତ ଏଆଇ ନିଯୁକ୍ତି ସୁଯୋଗ ହ୍ରାସ କରୁଛି ଏବଂ ବ୍ୟକ୍ତିଗତ ଗୋପନୀୟତା ଅଧିକାର ଉପରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ଆସିଛି ।

ଆନ୍ଥ୍ରୋପିକ, ଓପନଏଆଇ ଏବଂ ମେଟା ଭଳି ଏଆଇ କମ୍ପାନୀଗୁଡ଼ିକ ନିକଟରେ ପ୍ରକାଶ କରିଛନ୍ତି ଯେ ଏଆଇ ବ୍ୟବସ୍ଥା ବର୍ତ୍ତମାନ ମନୁଷ୍ୟର ନିର୍ଦ୍ଦେଶକୁ ନମାନି କେତେକ କ୍ଷେତ୍ରରେ ନିଜେ ନିଜେ ଅନ୍ୟ କମ୍ପାନୀଗୁଡ଼ିକର ସଫ୍ଟଓ୍ୱାରରେ ଅନୁପ୍ରବେଶ କଲାଣି, ଯାହା କମ୍ପାନୀଗୁଡ଼ିକୁ ଓ ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି । ମନୁଷ୍ୟ ଏଆଇ ଉପରେ ନିୟନ୍ତ୍ରଣ ହରାଇଲେ ଏହା ଅତି ବିପଜ୍ଜନକ ହେବ । ଏଥିପାଇଁ ଏହାର ଗବେଷଣାକୁ ନିୟନ୍ତ୍ରଣ କରିବାକୁ ହେବ । ମାତ୍ର ଦେଖାଯାଉଛି ଯେ ଏହା ଉପରେ ଅଧିକ ଗବେଷଣା କରିବା ପାଇଁ ବିଭିନ୍ନ କମ୍ପାନୀ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ଟେସ୍‌ଲା ଓ ସ୍ପେସଏକ୍ସର ପ୍ରତିଷ୍ଠାତା ଏଲନ ମସ୍କ ଓ ଏକହଜାର ବୈଜ୍ଞାନିକ ୨୦୨୩ ମସିହାରେ ଏକ ଖୋଲା ଚିଠି ଲେଖି ବଡ଼ ଏଆଇ ପରୀକ୍ଷାରେ ବିରତି ଦେବା ପାଇଁ ଗୁରୁତ୍ୱ ଦେଇଥିଲେ । ଗତମାସରେ ଅନେକ ରାଜନେତା, ବୈଜ୍ଞାନିକ, ଧର୍ମଗୁରୁ ଏବଂ ନୀତିନିର୍ଦ୍ଧାରକମାନେ ଅତିବୁଦ୍ଧିମାନ ଏଆଇକୁ ନିଷେଧ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ୨୦୨୩ ମସିହାରେ ତତ୍କାଳୀନ ପୋପ୍ ଫ୍ରାନ୍ସିସ ଏଆଇର ବିକାଶ ଓ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ଅନ୍ତର୍ଜାତୀୟ ଚୁକ୍ତି ପ୍ରସ୍ତାବ ସହ ଏହାର କଡ଼ାକଡ଼ି ପାଳନ କରିବା ପାଇଁ ବିଭିନ୍ନ ଦେଶକୁ ବାର୍ତ୍ତା ଦେଇଥିଲେ ।

ଦୁଇଟି ବଡ଼ ଏଆଇ କମ୍ପାନୀରେ କାର୍ଯ୍ୟ କରିଥିବା ଜାକୋବ କୋକସୋନ୍ ସତର୍କ କରିଛନ୍ତି ଯେ ଏଆଇ ଅଳ୍ପ ବର୍ଷ ମଧ୍ୟରେ ସମଗ୍ର ମାନବ ଜାତିକୁ ହତ୍ୟା କରିପାରେ । ସେ ପ୍ରକାଶ କରିଛନ୍ତି ଯେ ନିୟନ୍ତ୍ରଣ ନ କଲେ ଅତି ଶୀଘ୍ର 'ଅତି ବୁଦ୍ଧିମାନ ଏଆଇ' ବିକଶିତ ହେବ, ଯାହା ଅତିମାନବ ଭଳି କାର୍ଯ୍ୟ କରି ପୃଥିବୀର ସମସ୍ତ କ୍ଷମତା ଓ ସମ୍ବଳକୁ ହାସଲ କରିବ । ମାଇକ୍ରୋସଫ୍ଟ କମ୍ପାନୀର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ମଧ୍ୟ ସତର୍କ କରିଛନ୍ତି ଯେ ଏଆଇ ଯେଉଁ ପରିବର୍ତ୍ତନ ଆଣୁଛି ଏବଂ ଭବିଷ୍ୟତରେ ଆଣିବାକୁ ଯାଉଛି, ତାହାର ସମ୍ମୁଖୀନ ହେବା ପାଇଁ କୌଣସି ଦେଶ ପ୍ରସ୍ତୁତ ନାହାନ୍ତି । ଗୋଟିଏ ଏଆଇ ବ୍ୟବସ୍ଥା ମନୁଷ୍ୟର ବିନା ସାହାଯ୍ୟରେ ପରବର୍ତ୍ତୀ ପିଢ଼ିର ଏଆଇର ଡିଜାଇନ ଓ ବିକାଶ କରିପାରିବ । ଯଦିଓ ଅନ୍ତିମ ପ୍ରକାରର ଏଆଇ ଏପର୍ଯ୍ୟନ୍ତ ବିକଶିତ ହୋଇନାହିଁ, ବର୍ତ୍ତମାନର ଗବେଷଣାକୁ ଲକ୍ଷ୍ୟ କଲେ ଏହା ଅତିଶୀଘ୍ର ହାସଲ ହୋଇପାରିବ ବୋଲି ଜଣାପଡୁଛି ଏବଂ ଏହାପରେ ଏହାକୁ ନିୟନ୍ତ୍ରଣ କରିବା ମନୁଷ୍ୟ ପକ୍ଷେ ଅସମ୍ଭବ ହୋଇପଡ଼ିବ । ଏଣୁ ବେଳ ହୁଁ ସାବଧାନ ହେବା ଉଚିତ ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

ନୋବେଲ୍ ଦୌଡ଼ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର

ଡ. ବିଜୟ କେତନ ପଟ୍ଟନାୟକ

ନିକଟରେ ଏକ ଦୈନିକ ଖବରକାଗଜରେ ଖବର ପ୍ରକାଶ ପାଇଛି ଯେ ଚଳିତ ବର୍ଷ (୨୦୨୬) ନୋବେଲେ ଶାନ୍ତି ପୁରସ୍କାର ପାଇଁ ଆନ୍ତର୍ଜାତିକ ମହାକାଶ ଗବେଷଣା କେନ୍ଦ୍ର (ଆଇ.ଏସ୍.ଏସ୍.) ର ନାମ ସମ୍ଭାବ୍ୟ ତାଲିକାରେ ରହିଛି । ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ପୃଥିବୀ ଚାରିପଟେ ଘୂରି ବୁଲୁଥିବା ଏକ ସୁନିୟନ୍ତ୍ରିତ, ସୁସଂଯୋଜିତ ଫୁଟବଲ୍ ପଡ଼ିଆ ଆକୃତିର ବିଶାଳକାୟ କେନ୍ଦ୍ର, ଯେଉଁଠି ମହାକାଶଚାରୀମାନେ ସେଠାରେ ଥିବା ଅତ୍ୟାଧୁନିକ ବିଜ୍ଞାନଗାରରେ ଅବିରତ ଗବେଷଣା ଚଳାଇଛନ୍ତି । ନୋବେଲ ଶାନ୍ତି ପୁରସ୍କାର ଚଳିତ ବର୍ଷ କାହାକୁ ପ୍ରଦାନ କରାଯିବ ତାହା ଶାନ୍ତି କମିଟିର ବିଚାର କରିବେ । କିନ୍ତୁ ପ୍ରସ୍ତାବଟି ସ୍ୱାଗତଯୋଗ୍ୟ । କାରଣ ବିଶ୍ୱର କେତେକ ଉନ୍ନତ ବିତ୍ତଶାଳୀ ରାଷ୍ଟ୍ର ନିଜନିଜର ଜାତୀୟ ସ୍ୱାର୍ଥ ଉପରେ ଗୁରୁତ୍ୱ ନଦେଇ ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ଏହି କେନ୍ଦ୍ରର ପରିଚାଳନାରେ ମିଳିତ ଭାବେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପ୍ରଥମ ଆନ୍ତର୍ଜାତିକ ମହାକାଶ ଷ୍ଟେସନ 'ସ୍କାଇଲାବ' ୧୯୭୩ ମସିହା ମେ' ମାସରେ ସ୍ଥାପନା କରିଥିଲା । ଏହାର ଲମ୍ବ ଥିଲା ୧୧୮ ଫୁଟ ଏବଂ ଓଜନ ୭୫, ୦୦୦ କିଲୋଗ୍ରାମ । ମେ' ୧୯୭୩ ରୁ ଫେବୃୟାରୀ ୧୯୭୪ ପର୍ଯ୍ୟନ୍ତ ତିନି ଜଣ ମହାକାଶଚାରୀ ଏହି କେନ୍ଦ୍ରରେ ରହି ବିଜ୍ଞାନ ଓ ବୈଷୟିକ ପରୀକ୍ଷା ନିରୀକ୍ଷା ଚଳାଇଥିଲେ । ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା ସୌର ଜ୍ୟୋତିର୍ବିଜ୍ଞାନ ଏବଂ ଶୂନ୍ୟ ମାଧ୍ୟାକର୍ଷଣ ସ୍ଥିତିରେ ମନୁଷ୍ୟ ଶରୀର ପାଇଁ ଆବଶ୍ୟକୀୟ ମେଡିକାଲ ଡାଟା ବା ତଥ୍ୟ ସଂଗ୍ରହ । ତେବେ ୧୯୭୯ ମସିହା ଜୁଲାଇ ମାସରେ 'ନାସା' ତରଫରୁ ଘୋଷଣା କରାଗଲା ଯେ ଆଉ ମାତ୍ର ବର୍ଷକ ଭିତରେ 'ସ୍କାଇଲାବ'ର କାର୍ଯ୍ୟକାଳ ପୂରିଯିବ । ସେତେବେଳେ ସାରା ବିଶ୍ୱରେ ଭୟ ଓ ଆଶଙ୍କାର ବାତାବରଣ ଖେଳିଯାଇଥିଲା । ଯାହା ହେଉ ୧୯୭୯ ନଭେମ୍ବରରେ ଏହି ମହାକାଶ ଯାନଟି ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଖଣ୍ଡବିଖଣ୍ଡିତ ହୋଇ ଭାରତ ମହାସାଗର ଓ ପଶ୍ଚିମ ଅଷ୍ଟ୍ରେଲିଆ ଉପକୂଳରେ ପଡ଼ିଥିଲା ।

ପୁନର୍ବାର ୨୦୦୦ ମସିହା ନଭେମ୍ବର ମାସରେ ଅନ୍ୟ ଏକ ମହାକାଶ କେନ୍ଦ୍ର ପୃଥିବୀର ନିକଟବର୍ତ୍ତୀ କକ୍ଷପଥରେ ସ୍ଥାପନ କରାଗଲା । ଭୂପୃଷ୍ଠରୁ ୪୦୦ କିଲୋମିଟର ଉଚ୍ଚତାରେ ଅବସ୍ଥାପିତ ଏହି କେନ୍ଦ୍ରଟି ପୃଥିବୀ ଚାରିପଟେ ଘଣ୍ଟାକୁ ୨୮, ୮୦୦ କି.ମି. ବେଗରେ ଘୂରିବୁଲୁଛି ଏବଂ ପୃଥିବୀକୁ ଥରେ ପ୍ରଦକ୍ଷିଣ କରିବା ପାଇଁ ଏହାକୁ ୯୦ ମିନିଟ୍ ବା ଦେଢ଼ଘଣ୍ଟା ସମୟ ଲାଗୁଛି । ପାଞ୍ଚଟି ରାଷ୍ଟ୍ରର ମହାକାଶ ସଂସ୍ଥା ଯଥା- ଆମେରିକାର ନାସା, ରୁଷିଆର 'ରୋମକୋମସ୍' ୟୁରୋପୀୟାନ ସ୍ପେଶ ଏଜେନସି, ଜାପାନର ଜାକ୍‌ସା ଏବଂ କାନାଡ଼ାର କାନାଡିଆନ ସ୍ପେଶ ଏଜେନ୍ସି ଏହାକୁ ମିଳିତ ଭାବେ ସ୍ଥାପନା କରିଛନ୍ତି । ଏହି ବିଶାଳ ଆକୃତିର ମହାକାଶ କେନ୍ଦ୍ର ଭିତରେ ୭ଟି ପ୍ରଶସ୍ତ ଶୟନକକ୍ଷ, ଦୁଇଟି ଶୌଚାଳୟ, ବ୍ୟାୟାମକୋଠରି ଏବଂ ଏକ ସଂଲଗ୍ନ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ବିଶିଷ୍ଟ ଗବେଷଣାଗାର ରହିଛି । ୧୯୮୪ ରୁ ୧୯୯୩ ମଧ୍ୟରେ ଏହି ମହାକାଶ କେନ୍ଦ୍ରଟି ନିର୍ମାଣ କରାଯାଇଥିଲା, ଯାହାର ଲମ୍ବ ଥିଲା ୩୫୬ ଫୁଟ, ଓସାର ୨୩୯ ରୁ ୨୪୦ ଫୁଟ ଏବଂ ଓଜନ ୪୨୦ ରୁ ୪୪୫ ମେଟ୍ରିକ ଟନ୍ ।

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ହେଉଥିବା ପରୀକ୍ଷଣର ପ୍ରମୁଖ ଉଦ୍ଦେଶ୍ୟ, ମହାକାଶଚାରୀ ବା ଅନ୍ତରୀକ୍ଷ ଯାତ୍ରୀମାନେ ଅନେକଦିନ ପର୍ଯ୍ୟନ୍ତ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ରହିଲେ ସେମାନଙ୍କର ଶରୀର ଉପରେ କି ପ୍ରକାର ପ୍ରଭାବ ପଡ଼ିବ । ଏହି ଫଳାଫଳ ଭବିଷ୍ୟତରେ ଚନ୍ଦ୍ର କିମ୍ବା ମଙ୍ଗଳ ପୃଷ୍ଠକୁ ମନୁଷ୍ୟମାନଙ୍କୁ ପଠାଇବାକୁ ଚାହୁଁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ମହାକାଶ ସଂସ୍ଥାଗୁଡ଼ିକୁ ଆବଶ୍ୟକୀୟ ତଥ୍ୟ ଯୋଗାଇବ । ମହାକାଶ କେନ୍ଦ୍ରଟି ଏଦିଗରେ ମଧ୍ୟବର୍ତ୍ତୀ ପାହାଚର ଭୂମିକା ତୁଲାଇବ । ଏହାବ୍ୟତୀତ ଖଗୋଳ ବିଜ୍ଞାନ, ଜୀବ ବିଜ୍ଞାନ, ମେଡିସିନ୍, ପାଣିପାଗ ବିଜ୍ଞାନ ଉପରେ ମଧ୍ୟ ସେଠାରେ ଗବେଷଣା କରାଯାଉଛି । ବ୍ୟାୟମ କୋଠରିରେ ଅନ୍ତରୀକ୍ଷ ଯାତ୍ରୀମାନେ ନିଜର ହାଡ଼ ଓ ମାଂସପେଶୀକୁ ଶକ୍ତ ତଥା ସବଳ ରଖିବା ପାଇଁ ଦୈନିକ ଦୁଇଘଣ୍ଟା ବ୍ୟାୟାମ କରିଥା'ନ୍ତି ଏବଂ ସମୟେ ସମୟେ କେନ୍ଦ୍ର ଭିତରୁ ବାହାରି ମହାଶୂନ୍ୟରେ ବିଚରଣ ବା 'ସ୍ପେଶୱାକ୍' ମଧ୍ୟ କରିଥା'ନ୍ତି ।

୨୦୩୦ ମସିହାରେ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର' ଅବସର ନେବାର ଅଛି । ଯଦିଓ ପ୍ରଥମେ ମାତ୍ର ୧୫ ବର୍ଷ କାର୍ଯ୍ୟକାଳ ରହିବା ଲକ୍ଷ୍ୟରେ ଏହା ନିର୍ମିତ ହୋଇଥିଲା; କିନ୍ତୁ ଅଦ୍ୟାବଧି ପ୍ରାୟ ୨୫ ବର୍ଷ ହେଲା ଏହି କେନ୍ଦ୍ରଟି ଦକ୍ଷ ଓ ନିରାପଦ ଭାବରେ କାର୍ଯ୍ୟ କରିଚାଲିଛି । ଖଞ୍ଜାଯାଇଥିବା ଇଲେକ୍ଟ୍ରୋନିକ ଯନ୍ତ୍ରପାତିର ଓ ବିଭିନ୍ନ ଅଂଶବିଶେଷର ବୟସାଧିକ୍ୟ ହେତୁ ଆସିଥିବା ଅବସନ୍ନତା ଏବଂ ମହାକାଶରେ ଘୂରି ବୁଲୁଥିବା ଉଲ୍‌କା ସହିତ ବାରମ୍ବାର ଧକ୍କା ଖାଇବା କାରଣରୁ ଦିନକୁ ଦିନ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ୨୦୨୪ ମସିହା ନଭେମ୍ବର ମାସରେ ଏମିତି ଏକ ବିରଳ ଘଟଣା ଘଟିଥିଲା, ଯେଉଁଥିରେ ଖଣ୍ଡେ ବିରାଟକାୟ ମହାକାଶ ବର୍ଜ୍ୟ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଆଡ଼କୁ ମାଡ଼ି ଆସିଥିଲା । ଗବେଷଣାରତ ମହାକାଶଚାରୀମାନଙ୍କ ଉଦ୍ୟମରେ ବିପଦ ଟଳିଗଲା ।

ଏହି ବିରାଟ ୪୭୦ ମେଟ୍ରିକଟନ ଓଜନବିଶିଷ୍ଟ ପ୍ରୟୋଗଶାଳାକୁ ସୁନିୟନ୍ତ୍ରିତ ଭାବେ ପୃଥିବୀପୃଷ୍ଠକୁ ଫେରେଇ ଆଣିବା ଏବେ ଆଉ କଷ୍ଟକର ବ୍ୟାପର ନୁହେଁ । ଆମେରିକାର ନାସା ଏଥିପାଇଁ ଏଲନ ମସ୍କଙ୍କ 'ସ୍ପେଶଏକ୍ସ'ର ସହାୟତା ନେଉଛି । ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କଲା ବେଳକୁ ଏହି ଷ୍ଟେସନଟି ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବ ଏବଂ ସେତେବେଳେକୁ ଏହାର ବେଗ ଥିବ ଘଣ୍ଟା ପ୍ରତି ୨୮, ୦୦୦ କିଲୋମିଟର । ବାୟୁମଣ୍ଡଳ ସହିତ ସଂଘର୍ଷରେ ଏହି ବିଭକ୍ତ ବର୍ଜ୍ୟ ଜଳିଯାଇ ପ୍ରଶାନ୍ତ ମହାସାଗରର ଏକ ନିର୍ଜନ ଓ ନିର୍ଦ୍ଦିଷ୍ଟ ସ୍ଥାନ 'ନେମୋ'ରେ ଅବତରଣ କରିବ । ଦୀର୍ଘ ୨୫ ବର୍ଷ ଧରି ଅବିରତ କାର୍ଯ୍ୟରତ ଏହି ମହାକାଶ ଷ୍ଟେସନଟି ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀମାନଙ୍କୁ ଏକାଠି ରହି ଓ ମିଳିମିଶି କାର୍ଯ୍ୟ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଛି । ମାନବ ଇତିହାସରେ ଏଭଳି ସମ୍ମିଳିତ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

ଜୀବନରକ୍ଷା ପାଇଁ ମାଛ ପୂଜା

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତର ଆଦିମ ଅଧିବାସୀମାନେ ବର୍ତ୍ତମାନ ସମୟରେ ମଧ୍ୟ ପ୍ରକୃତି ପୂଜକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି । ଏହି ଧାରାରେ ଛତିଶଗଡ଼ ବସ୍ତରର ଆଦିବାସୀ ସମୂହ ଇନ୍ଦ୍ରାବତୀ ନଦୀରେ ଥିବା 'ବୋଧ' ନାମକ ମାଛକୁ 'ରାଜା ମାଛ' ଭାବେ ମାନ୍ୟତା ଦେବା ସହ ପୂଜାର୍ଚ୍ଚନା କରୁଛନ୍ତି । ପ୍ରକୃତରେ ଏହି ମାଛ 'କ୍ୟାଟ୍‌ଫିସ୍' ଭାବେ ଜଣାଶୁଣା । କିନ୍ତୁ ଛୋଟମାଛମାନଙ୍କୁ 'ବୋଧ' ବା 'ଗୁଞ୍ଜ୍' କୁହାଯାଉଥିବା ବେଳେ ବଡ଼ ମାଛଗୁଡ଼ିକୁ 'ଭେଁସା ବୋଧ' ବୋଲି କୁହାଯାଏ । ସେଠାରେ ଗୋଟିଏ ଗାଁ, ଜଗଦଲପୁର ସହରର ଗୋଟିଏ କଲୋନୀ ଓ ଗୋଟିଏ ଥାନାର ନାମ ମଧ୍ୟ 'ବୋଧ' ନାମରେ ନାମିତ । ଏହି ମାଛକୁ ଦେବତୁଲ୍ୟ ମାନ୍ୟ କରି ପୂଜାର୍ଚ୍ଚନା କରିବାର ପରମ୍ପରା କାହିଁ କେଉଁକାଳରୁ ଏଠାରେ ଚାଲିଆସିଛି । ଏହା ଏକ ଆକ୍ରାମକ ମାଛ ଭାବେ ଜଣାଶୁଣା । ବିଶେଷକରି ଭୋକ ସମୟରେ ଏହା ଅଧିକ ଆକ୍ରାମକ ହୁଏ ଏବଂ ନଦୀ ଭିତରେ ଥିବା ଯେକୌଣସି ପ୍ରାଣୀକୁ ଆକ୍ରମଣ କରିଥାଏ । ତେଣୁ ଜୀବନରକ୍ଷା ପାଇଁ ଗ୍ରାମବାସୀମାନେ ଏହି ମାଛକୁ ପୂଜା କରନ୍ତି । 'ବୋଧ' ମାଛଙ୍କ ପୂଜାର୍ଚ୍ଚନା ନିମନ୍ତେ ଚିତ୍ରକୁଟ ଜଳପ୍ରପାତ ନିକଟରେ 'ବୋଧ' ନାମକ ଗୋଟିଏ ମନ୍ଦିର ମଧ୍ୟ ରହିଛି, ଯାହାକି ଶତାଧିକ ବର୍ଷ ପୁରୁଣା ବୋଲି ଇତିହାସରୁ ଜଣାପଡ଼େ । ଏଠାରେ 'କୁଡ଼କ' ଜନଜାତିର ଲୋକେ ପ୍ରତିବର୍ଷ ଏକ ଯାତ୍ରାର ଆୟୋଜନ କରି 'ବୋଧ' ମାଛକୁ ପୂଜା କରନ୍ତି । ଭାରତର ଅନେକ ଆଦିବାସୀ ସମ୍ପ୍ରଦାୟଙ୍କ କୁଳଚିହ୍ନ ବା ଗୋତ୍ର ଭାବେ ମାଛକୁ ପୂଜା କରିବାର ପରମ୍ପରା ମଧ୍ୟ ଅଛି ।

ଭାରତରେ ଏଭଳି ଆହୁରି ଅନେକ ମନ୍ଦିର ଅଛି, ଯେଉଁଠି ମାଛକୁ ଅତ୍ୟନ୍ତ ପବିତ୍ର ମନେକରି ଦେବଦେବୀଙ୍କୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ । ପଶ୍ଚିମବଙ୍ଗର କାଳୀ ମନ୍ଦିର, ବିଶେଷକରି ଦକ୍ଷିଣେଶ୍ୱର କାଳୀ ମନ୍ଦିର ଏବଂ ଚୁନୋ-ବିଲେ କାଳୀ ମନ୍ଦିରରେ ଦେବୀଙ୍କୁ ଭୋଗ ଭାବରେ ଅନେକ ପ୍ରକାରର ମାଛ ଅର୍ପଣ କରାଯାଏ । ପଶ୍ଚିମବଙ୍ଗର ତାରାପୀଠରେ ମଧ୍ୟ ମାଛ ଭୋଗର ପରମ୍ପରା ରହିଛି, ଯାହାକୁ 'ଜଳପୁଷ୍ପ' କୁହାଯାଏ । ବଙ୍ଗୀୟ ସଂସ୍କୃତି ଓ ଧର୍ମୀୟ ଧାରଣାରେ ରୋହି ମାଛ ଅତ୍ୟନ୍ତ ପବିତ୍ର । ତେଣୁ ମଙ୍ଗଳ ବିଧାନ ଓ ସୁଖମୟ ଜୀବନଯାପନ ପାଇଁ ବିବାହ ସମୟରେ ଗୋଟିଏ ରୋହି ମାଛକୁ ବୋହୂ ବେଶରେ ସଜାଇ ଝିଅ ସହିତ ଶାଶୂଘରକୁ ପଠାଯାଏ । ଦଶହରା ସମୟରେ ମଧ୍ୟ ଘରେଘରେ ମାଛର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ବଙ୍ଗୀୟ ରୀତିରେ ବିବାହ ସମୟରେ ଗୋଟିଏ ଜୀବନ୍ତ ମାଛକୁ ବୋହୂମାନେ ଧରିବାର ପରମ୍ପରା ରହିଛି । ମାଛ ଧରିବାର କୌଶଳରୁ ବୋହୂର କାର୍ଯ୍ୟକୁଶଳତା ଏବଂ ବୁଦ୍ଧିମତାର ପରୀକ୍ଷା ହୁଏ । ସେ ଶାଶୂଘର ପରିବାରକୁ କିଭଳି ସେବାଯତ୍ନ କରିବ ଏବଂ ବିଭିନ୍ନ ବିଷମ ପରିସ୍ଥିତିର ମୁକାବଲା କିଭଳି କରିବ, ତାହା ଜଣାପଡ଼ିଥାଏ ।

ବିହାରର ମିଥିଳା ଅଞ୍ଚଳରେ ମାଛକୁ ଶୁଭ ଓ ସମୃଦ୍ଧିର ପ୍ରତୀକ ଭାବେ ପୂଜା କରାଯିବାର ପରମ୍ପରା ଅଛି । ବିବାହ, ବ୍ରତ, ଶିଶୁ ଜନ୍ମ ସମ୍ପର୍କିତ କୌଣସି ଅନୁଷ୍ଠାନ କିମ୍ବା କୌଣସି ମାଙ୍ଗଳିକ କାର୍ଯ୍ୟରେ ହେଉଥିବା ବିଧିବିଧାନ ସର୍ବପ୍ରଥମେ ମାଛରୁ ଆରମ୍ଭ ହୋଇଥାଏ । ବୋହୂ ପ୍ରଥମଦିନ ଶାଶୂଘରେ ମାଛବ୍ୟଞ୍ଜନ ପ୍ରସ୍ତୁତ କରିଥାଏ, ଯାହାକି ସୁଖସମୃଦ୍ଧି ଓ ବଂଶବୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ ରହିଛି । ଶକ୍ତି ଉପାସନା ଓ କୁଳଦେବୀଙ୍କ ପୂଜାରେ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭାବେ ମାଛକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ । ମିଥିଳାରେ ପାଳିତ 'ଜିତିୟା ବ୍ରତ' ମାଛର ବ୍ୟଞ୍ଜନରୁ ଆରମ୍ଭ ହୁଏ ଏବଂ ମାଛବ୍ୟଞ୍ଜନ ଭୋଗ ଭାବରେ ଅର୍ପଣ କରାଯାଏ । ସେଠାରେ ଶ୍ରାଦ୍ଧକର୍ମର ୧୩ ଦିନରେ ମାଛ ଖାଇବା ଓ ଖୁଆଇବା ପରମ୍ପରା ରହିଛି । ମିଥିଳାର ପ୍ରସିଦ୍ଧ 'ମଧୁବନୀ' ଚିତ୍ରକଳାରେ ମାଛକୁ ପ୍ରାଧାନ୍ୟ ଦିଆଯାଇଛି, ଯାହାକି ଐଶ୍ୱର୍ଯ୍ୟ, ଉର୍ବରତା ଓ ସକାରାତ୍ମକ ଶକ୍ତିର ପ୍ରତୀକ ।

ଓଡ଼ିଶାର ରାମଚଣ୍ଡୀ ମନ୍ଦିର ଏବଂ ବାଲିହରଚଣ୍ଡୀ ମନ୍ଦିରରେ ମାଛ ଭୋଗର ପରମ୍ପରା ରହିଛି । ଶ୍ରଦ୍ଧାଳୁମାନେ ଏହାକୁ ମା'ଙ୍କର ପ୍ରସାଦ ଭାବେ ଗ୍ରହଣ କରିଥା'ନ୍ତି । ଚିଲିକାରେ ଅବସ୍ଥିତ ମା' କାଳିଜାଈଙ୍କ ମନ୍ଦିର ଏବଂ ରାମଚଣ୍ଡୀ ମନ୍ଦିରରେ ମାଛର ଗୋଟିଏ ବିଶାଳ ହାଡ଼କୁ ପୂଜା କରାଯାଉଛି । ଏହାବ୍ୟତୀତ ଦକ୍ଷିଣ ଓଡ଼ିଶା ଅନ୍ତର୍ଗତ ରାୟଗଡ଼ାରେ ମୀନାଝୋଲା ନାମକ ଗୋଟିଏ ସୁନ୍ଦର ଶୈବପୀଠ ରହିଛି । ଏଠାକାର ବୈଶିଷ୍ଟ ହେଉଛି, ଶ୍ରୀବିଷ୍ଣୁଙ୍କ ପରିବର୍ତ୍ତେ ଦେବ ଦେବ ମହାଦେବ ମୀନ ବା ମାଛ ସ୍ୱରୂପରେ ପୂଜା ପାଉଛନ୍ତି । ଓଡ଼ିଶାର ଲୋକସଂସ୍କୃତି ଅନୁସାରେ ଝିଅ ଶାଶୂଘରେ ପ୍ରବେଶ କରିବା ସମୟରେ ନିଜ ସହିତ ଦହି-ମାଛ ନେଇ ଆସିଥାଏ । ସିନ୍ଧି ସଂସ୍କୃତି ଓ ଧାର୍ମିକ ପରମ୍ପରାରେ ପୂଜିତ ଝୁଲେଲାଲ୍ 'ପଲ୍ଲା' ବା 'ହିଲ୍‌ସା' ମାଛ ଉପରେ ଥିବା ଗୋଟିଏ ପଦ୍ମଫୁଲ ଉପରେ ଉପବିଷ୍ଟ ଥିବାରୁ ସିନ୍ଧିମାନେ ସେହି ମାଛକୁ ପୂଜା କରିଥା'ନ୍ତି । (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପରପାରିରେ 'କ୍ରାନ୍ତିବୀର'...

ନିଆଯାଇଥିଲା। ପ୍ରାୟ ୪୫ ମିନିଟ୍‌ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ତାଙ୍କୁ ପୁନର୍ଜୀବିତ କରିବାକୁ ଚେଷ୍ଟା ହୋଇଥିଲେ ମଧ୍ୟ ସଫଳତା ମିଳିନଥିଲା। ମଣିପାଲ ହସ୍ପିଟାଲର ଅଙ୍କୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଶେଖର ସଲକର ନାନାଙ୍କ ଶେଷ ସମୟ ସମ୍ପର୍କରେ ସୂଚନା ଦେଇଥିଲେ। ହସ୍ପିଟାଲରେ ନାନା ପଞ୍ଜୀକୃତ ରୋଗୀ ନଥିବାରୁ ନିୟମ ଅନୁସାରେ ପୁଲିସକୁ ତାଙ୍କ ମୃତ୍ୟୁ ବିଷୟରେ ଜଣାଇ ଦିଆଯାଇଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଗୋଆ ମେଡିକାଲ କଲେଜକୁ ନିଆଯାଇଥିବା ଜଣାପଡ଼ିଛି। ନାନାଙ୍କ ଶେଷ ଇଚ୍ଛା ଅନୁଯାୟୀ ପୁଣେସ୍ଥିତ ତାଙ୍କ ଫାର୍ମହାଉସ୍‌ରେ ଗୁରୁବାର ରାତିରେ ଶେଷକୃତ୍ୟ କରାଯାଇଛି। ମହାରାଷ୍ଟ୍ରର ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଆଶିଷ ଶେଲାର ଘୋଷଣା କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ନେତୃତ୍ୱାଧୀନ ସରକାର ନାନାଙ୍କୁ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଦାୟ ଦିଆଯାଇଛି। ମରାଠୀ ରଙ୍ଗମଞ୍ଚ, ମରାଠୀ ଓ ହିନ୍ଦୀ ସିନେମା ପ୍ରତି ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଛି। ୧୯୫୧ ମସିହା ଜାନୁଆରି ୧ରେ ଜନ୍ମ ନେଇଥିବା ନାନା ପାଟେକର ମୁମ୍ବାଇର ସାର୍ ଜେଜେ ସ୍କୁଲ୍ ଅଫ୍ ଆର୍ଟରେ ଶିକ୍ଷା ଗ୍ରହଣ କରିଥିଲେ। ରଙ୍ଗମଞ୍ଚରୁ ଅଭିନୟ ଜୀବନ ଆରମ୍ଭ କରି ୧୯୭୮ର 'ଗମନ' ଚଳଚ୍ଚିତ୍ର ମାଧ୍ୟମରେ ହିନ୍ଦୀ ସିନେମାରେ ପାଦ ଥାପିଥିଲେ। 'ଅଙ୍କୁଶ' ତାଙ୍କ କ୍ୟାରିୟରକୁ ନୂଆ ଗତି ଦେଇଥିବା ବେଳେ ୧୯୮୯ର 'ପରିନ୍ଦା' ତାଙ୍କ ପାଇଁ ବଡ଼ ମୋଡ଼ ଆଣିଥିଲା। ଏଥିରେ ଆନ୍ନା ଚରିତ୍ରରେ ତାଙ୍କ ଅଭିନୟ ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଓ ଫିଲ୍ମଫେୟାର ପୁରସ୍କାର ପାଇଥିଲେ। ୧୯୯୦ ଦଶକ ଥିଲା ନାନାଙ୍କ ଅଭିନୟ ଜୀବନର ସ୍ୱର୍ଣ୍ଣିମ ସମୟ। 'ଅଙ୍ଗାର' ଓ 'ତିରଙ୍ଗା' ପରେ ୧୯୯୪ର 'କ୍ରାନ୍ତିବୀର'ରେ ପ୍ରତାପ ନାରାୟଣ ତିଲକ ଭୂମିକାରେ ତାଙ୍କ ଅଭିନୟ ଅମର ହୋଇଯାଇଥିଲା। ଏଥିପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ସହ ଫିଲ୍ମଫେୟାର ସମ୍ମାନ ହାସଲ କରିଥିଲେ। 'ଅଗ୍ନି ସାକ୍ଷୀ' ପାଇଁ ମଧ୍ୟ ସେ ଜାତୀୟ ପୁରସ୍କାର ପାଇଥିଲେ। ୨୦୦୪ର 'ଅବ୍ ତକ୍ ଛପ୍ପନ'ରେ ପୁଲିସ ଅଧିକାରୀ ସାଧୁ ଆଗାଶେ ଭୂମିକାରେ ନାନାଙ୍କ ଅଭିନୟ ବେଶ୍ ପ୍ରଶଂସିତ ହୋଇଥିଲା। 'ଅପହରଣ'ରେ ଜଟିଳ ରାଜନେତା ଓ ୨୦୦୭ର 'ୱେଲକମ୍'ରେ ଉଦୟ ଶେଟ୍ଟୀ ଭୂମିକାରେ ସେ ନିଜ ଅଭିନୟର ଭିନ୍ନ ଦିଗ ଦେଖାଇଥିଲେ। ଗମ୍ଭୀର ଚରିତ୍ରରୁ କମେଡି ପର୍ଯ୍ୟନ୍ତ ସବୁ ଭୂମିକାକୁ ସେ ସମାନ ଦକ୍ଷତାରେ ଜୀବନ୍ତ କରିଥିଲେ। ମରାଠୀ ସିନେମା ଓ ରଙ୍ଗମଞ୍ଚ ସହ ନାନାଙ୍କ ସମ୍ପର୍କ ଗଭୀର ଥିଲା। ୨୦୧୬ର 'ନଟସମ୍ରାଟ୍'ରେ ଜଣେ ଅବସରପ୍ରାପ୍ତ ରଙ୍ଗମଞ୍ଚ କଳାକାର ଭୂମିକାରେ ତାଙ୍କ ଅଭିନୟ ବିଶେଷ ପ୍ରଶଂସା ପାଇଥିଲା। ତାମିଲ୍ ସିନେମାରେ ମଧ୍ୟ ସେ ଅଭିନୟ କରିଥିଲେ ଏବଂ ରଜନୀକାନ୍ତଙ୍କ 'କାଲା'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ୧୯୯୧ରେ 'ପ୍ରହାର: ଦି ଫାଇନାଲ୍ ଆଟାକ୍' ମାଧ୍ୟମରେ ସେ ନିର୍ଦ୍ଦେଶକ ଭାବେ ମଧ୍ୟ ପଦାର୍ପଣ କରିଥିଲେ। କୃଷକଙ୍କ ସମସ୍ୟା ଓ ମରୁଡ଼ି ପ୍ରଭାବିତ ଅଞ୍ଚଳର ଲୋକଙ୍କ ସହାୟତା ପାଇଁ ୨୦୧୫ରେ ମକରନ୍ଦ ଅନାସପୁରେଙ୍କ ସହ 'ନାମ୍ ଫାଉଣ୍ଡେସନ୍' ପ୍ରତିଷ୍ଠା କରିଥିଲେ। ଭାରତୀୟ ଟେରିଟୋରିଆଲ୍ ଆର୍ମି ସହ ମଧ୍ୟ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା ଏବଂ ତାଙ୍କୁ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣଲ୍ ପଦବୀ ମିଳିଥିଲା। 'ବନବାସ', 'ହାଉସଫୁଲ୍ ୫' ସମେତ ୨୦୨୬ର କିଛି ଚଳଚ୍ଚିତ୍ରରେ ମଧ୍ୟ ନାନା ଅଭିନୟ କରିଥିଲେ। ତୀବ୍ର ଅଭିନୟ, ନିଆରା କଣ୍ଠସ୍ୱର ଓ ଚରିତ୍ରକୁ ନିଜ ଭିତରେ ଜୀବନ୍ତ କରିବାର ଅସାଧାରଣ କ୍ଷମତା ପାଇଁ ସେ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ତାଙ୍କ ବିୟୋଗରେ ଭାରତୀୟ ଚଳଚ୍ଚିତ୍ର ଓ ରଙ୍ଗମଞ୍ଚ ଜଗତ ଜଣେ ବହୁମୁଖୀ ପ୍ରତିଭାଙ୍କୁ ହରାଇଛି। ନାନା ପାଟେକରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି। ତାଙ୍କ ବହୁମୁଖୀ ପ୍ରତିଭା, ସୃଜନଶୀଳତା ଓ ଅଭୁଲା ଚରିତ୍ର ଅଭିନୟକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିବା ସହ ତାଙ୍କ ବିୟୋଗରେ ହିନ୍ଦୀ ଓ ମରାଠୀ ସିନେମା ଜଗତରେ ଏକ ବଡ଼ ଶୂନ୍ୟତା ସୃଷ୍ଟି ହୋଇଥିବା କହିଛନ୍ତି।

ଆନ୍ କାର୍ସନ୍‌ଙ୍କୁ...

ପ୍ରାଚୀନ ଗ୍ରୀକ୍ ସାହିତ୍ୟ ଆଧାରରେ ସେ ପ୍ରେମ ଓ ଆକାଂକ୍ଷାର ସୁଖ ଏବଂ ଯନ୍ତ୍ରଣାର ଦ୍ୱନ୍ଦ୍ୱକୁ ଅନୁସନ୍ଧାନ କରିଥିଲେ। ତାଙ୍କର 'ଦ ଗ୍ଲାସ୍ ଏସେ', 'ଅଟୋବାୟୋଗ୍ରାଫି ଅଫ୍ ରେଡ୍' ଓ 'ନକ୍ସ' ଭଳି କୃତି ବିଶେଷ ଭାବେ ପ୍ରଶଂସିତ। 'ଦ ଗ୍ଲାସ୍ ଏସେ'ରେ କବିତା, ଗଳ୍ପ ଓ ପ୍ରବନ୍ଧର ଶୈଳୀକୁ ଏକାଠି କରାଯାଇଛି। 'ଅଟୋବାୟୋଗ୍ରାଫି ଅଫ୍ ରେଡ୍'ରେ ପ୍ରାଚୀନ ଗ୍ରୀକ୍ ପୌରାଣିକ ଚରିତ୍ର ଗେରିଅନ୍‌ଙ୍କ କାହାଣୀକୁ ଆଧୁନିକ ପ୍ରେମ ଓ ସମ୍ପର୍କର ଗଳ୍ପରେ ପରିଣତ କରିଛନ୍ତି। ୨୦୧୦ରେ 'ନକ୍ସ' କୃତିଟି ତାଙ୍କ ଭାଇ ମାଇକେଲଙ୍କ ସ୍ମୃତିରେ ଲିଖିତ। ପାରମ୍ପରିକ ପୁସ୍ତକ ବଦଳରେ ଏହାକୁ ଫଟୋ, ଚିଠି ଓ ବିଭିନ୍ନ ଦଲିଲ ଥିବା ଏକ ବାକ୍ସ ଆକାରରେ ପ୍ରସ୍ତୁତ କରାଯାଇଥିଲା। ଏଥିରେ ରୋମୀୟ କବି କାଟୁଲସ୍‌ଙ୍କ ଭାଇଙ୍କ ମୃତ୍ୟୁ ସମ୍ପର୍କିତ କବିତାର ଅନୁବାଦ ମଧ୍ୟ ରହିଛି। କାର୍ସନ୍‌ଙ୍କ ୨୦୧୬ର 'ଫ୍ଲୋଟ୍'ରେ ୨୨ଟି ଛୋଟ ପୁସ୍ତକ ରହିଛି, ଯାହାକୁ ଇଚ୍ଛାନୁସାରେ ପଢ଼ାଯାଇପାରେ। ତାଙ୍କ ସାହିତ୍ୟର ବିଶେଷତା ହେଉଛି ପ୍ରାଚୀନ ଓ ଆଧୁନିକ ସାହିତ୍ୟ, କବିତା, ଅନୁବାଦ ଓ ବିଭିନ୍ନ କଳାରୂପକୁ ଏକାଠି କରି ନୂଆ ଅଭିବ୍ୟକ୍ତି ସୃଷ୍ଟି କରିବା।

ରାଜଘାଟରେ ପହଞ୍ଚିଲା...

ସମାପ୍ତ ହୋଇଥିଲା। ପୁଲିସ ସେମାନଙ୍କୁ ଗତ ଦୁଇ ଦିନ ଭଳି ଆଜି ଅଟକାଇନଥିଲା। ମଙ୍ଗଳବାର ଦିନ ଇଣ୍ଡିଆ ମେଣ୍ଟର ନେତାମାନେ ନିର୍ବାଚନ ସଦନ ଆଡ଼କୁ ପଦଯାତ୍ରା କରୁଥିବା ବେଳେ ପୁଲିସ ଅଟକାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ରାହୁଲ ଓ ପ୍ରିୟଙ୍କା ଆକାଶବାଣୀ ଭବନ ଯାଇ ସେଠାରେ ରାତି ୯ଟା ଯାଏଁ ଧାରଣା ଦେଇଥିଲେ। ସେହିଭଳି ଗତକାଲି ବୁଧବାର ଇଣ୍ଡିଆ ମେଣ୍ଟର ସାଂସଦ ଯନ୍ତରମନ୍ତର ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବାରୁ ଦୀର୍ଘ ସମୟ ଧରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଜି କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ କରାଯାଇଥିଲା। ଏହାର ନେତା ଓ କର୍ମୀମାନେ ବିଭିନ୍ନ ରାଜ୍ୟରେ ନିର୍ବାଚନ ଅଫିସ ଘେରାଉ କରିଥିଲେ। ଇତିମଧ୍ୟରେ ଆସନ୍ତା ୧୦ ତାରିଖରେ ଯନ୍ତରମନ୍ତରରେ ପୁଣି ଆନ୍ଦୋଳନ କରିବାକୁ କକ୍ରୋଚ୍ ଜନତା ପାର୍ଟି ଘୋଷଣା କରିଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ଧାରଣା ପାଇଁ ଅନୁମତି ମିଳିନଥିଲେ ମଧ୍ୟ ଆନ୍ଦୋଳନ ଜିଦରେ ଅଟଳ ରହିଛି କକ୍ରୋଚ୍ ପାର୍ଟି। ଏଥିରେ ସାମିଲ ହେବାଲାଗି ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଦିଲ୍ଲୀ ଆଡ଼କୁ ମାଡ଼ିଆସୁଥିବାରୁ ଏହାର ମୁକାବିଲା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଇବା ସହିତ ୨୬ ହଜାର ପୁଲିସ ଫୋର୍ସ ମୁତୟନ କରିଛି। ମହିଳା ଯବାନଙ୍କୁ ନେଇ ଗଠିତ ପାଞ୍ଚଟି ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯିବ ଏବଂ ଏଥିରେ ପ୍ରାୟ ୫୦୦ ମହିଳା ଯବାନ ଅଛନ୍ତି। ଏହାବାଦ୍ ୧୧ ହଜାର କେନ୍ଦ୍ରୀୟ ବାହିନୀ ଯବାନଙ୍କୁ ମୁତୟନ କରାଯାଇଛି। ଏବେ ଯନ୍ତରମନ୍ତର ଅଞ୍ଚଳରେ ଦିଲ୍ଲୀ ପୁଲିସର ୫ ହଜାର ଯବାନଙ୍କୁ ମୁତୟନ କରାଯାଇଥିବା ବେଳେ ଏମାନଙ୍କ ସଂଖ୍ୟା ୧୫ ହଜାରକୁ ବୃଦ୍ଧି କରାଯିବ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

ଓଡ଼ିଶାରେ 'ଇଣ୍ଡିଆ ବ୍ଲକ୍'...

ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ନିର୍ବାଚନ ବ୍ୟବସ୍ଥାର ସୁରକ୍ଷା, ଏସ୍‌ଆଇଆର୍ ପ୍ରତ୍ୟାହାର, ନିର୍ବାଚନ ଆୟୋଗରେ ସଂସ୍କାର, ଜ୍ଞାନେଶ କୁମାରଙ୍କୁ ହଟାଇବା, ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ରଦ୍ଦ, ଓଡ଼ିଶାର ସ୍ୱାର୍ଥ ଓ ସମ୍ବିଧାନର ସଂଘୀୟ ବ୍ୟବସ୍ଥାର ସୁରକ୍ଷା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଦେବା ଆଦି ଦାବି ନେଇ ଏହି ପ୍ରତିବାଦ କରାଯାଇଥିଲା। ଭୁବନେଶ୍ୱରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ରାଜଧାନୀରେ ପିସିସି ସଭାପତିଙ୍କ ସମେତ ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତୃବୃନ୍ଦମାନେ ବାଇକ୍ ରାଲିରେ ପିକେଟିଂ କରିବା ସହ ପ୍ରଥମେ ଏଜି ଛକଠାରେ ବିରୋଧ ପ୍ରଦର୍ଶନ କରିବା କରିଥିଲେ। ପରେ ମାଷ୍ଟର କ୍ୟାଣ୍ଟିନଠାରେ ମଧ୍ୟ ଜୋର୍‌ଦାର୍ ବିରୋଧ ପ୍ରଦର୍ଶନ ହୋଇଥିଲା। ମାଷ୍ଟର କ୍ୟାଣ୍ଟିନ୍ ଛକରୁ ଇଣ୍ଡିଆ ବ୍ଲକ୍‌ର ନେତୃବୃନ୍ଦ ଓ କର୍ମୀମାନେ ଏକତ୍ରିତ ହୋଇ ଲୋକସଭା ଭବନ ଅଭିମୁଖେ ମିଳିତ ପଦଯାତ୍ରା କରିଥିଲେ। ଏହି ସମୟରେ ବିଭିନ୍ନ ଦାବି ନେଇ ସ୍ଲୋଗାନ ଦେଇ ନେତା ଓ କର୍ମୀମାନେ ପ୍ରତିବାଦ ଜଣାଇଥିଲେ। ପଦଯାତ୍ରା ସମୟରେ ବହୁ ସଂଖ୍ୟକ ନେତା ଓ କର୍ମୀଙ୍କୁ ପୁଲିସ ଅଟକ ରଖିଥିଲା। ଏହି ଅବସରରେ ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି, ଓଡ଼ିଶାର ସମସ୍ତ ଜିଲ୍ଲାରେ ବନ୍ଦକୁ ବ୍ୟାପକ ଜନସମର୍ଥନ ମିଳିଛି। ଏହା ରାଜ୍ୟବାସୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଓ ଗଣତାନ୍ତ୍ରିକ ପ୍ରତିବାଦର ଏକ ଶକ୍ତିଶାଳୀ ପରିପ୍ରକାଶକୁ ପ୍ରଦର୍ଶିତ କରିଛି। ଇଣ୍ଡିଆ ମେଣ୍ଟର ଦାବିଗୁଡ଼ିକ ପ୍ରତି ଜନସାଧାରଣଙ୍କ ଦୃଢ଼ ସମର୍ଥନ ଏହି ବନ୍ଦ ମାଧ୍ୟମରେ ପ୍ରକାଶ ପାଇଛି। ଶ୍ରମିକ, କୃଷକ, କୃଷି ଶ୍ରମିକ, ଯୁବକ-ଯୁବତୀ, ଛାତ୍ରଛାତ୍ରୀ, ମହିଳା, କର୍ମଚାରୀ, ବ୍ୟବସାୟୀ ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦରେ ସାମିଲ ହୋଇଥିବାରୁ ରାଜ୍ୟବାସୀଙ୍କୁ ଇଣ୍ଡିଆ ମେଣ୍ଟ କୃତଜ୍ଞତା ଜଣାଇଛି। ଓଡ଼ିଶାର ଅଧିକାର, ରାଜ୍ୟର ସମ୍ପଦ, ଗଣତାନ୍ତ୍ରିକ ଅଧିକାର, ସଂଘୀୟ ବ୍ୟବସ୍ଥା ଓ ଜନସାଧାରଣଙ୍କ ଜୀବିକାର ସୁରକ୍ଷା ପାଇଁ ରାଜ୍ୟବାସୀ ଏକଜୁଟ ହୋଇ ଲଢ଼ିବାକୁ ପ୍ରସ୍ତୁତ ହୋଇଥିବା ଓଡ଼ିଶା ବନ୍ଦର ସଫଳତା ପ୍ରମାଣ କରିଛି। ଏହି ସଫଳତା ଆଗାମୀ ଦିନରେ ଜନସ୍ୱାର୍ଥ ଓ ଓଡ଼ିଶାର ଅଧିକାର ପାଇଁ ଚାଲିଥିବା ଐକ୍ୟବଦ୍ଧ ଗଣଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଇଣ୍ଡିଆ ମେଣ୍ଟ କହିଛି।

ଆଜିର ବନ୍ଦ ଆନ୍ଦୋଳନରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍)-ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍‌ସିପି-(ଶରଦ ପୱାର), ସମାଜବାଦୀ ପାର୍ଟି, ଆର୍‌ଜେଡି ଏବଂ ଜେଏମ୍‌ଏମ୍ ସମେତ ଇଣ୍ଡିଆ ବ୍ଲକ୍‌ର ସମସ୍ତ ଅଂଶୀଦାର ଦଳଗୁଡ଼ିକର ରାଜ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍)-ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସମ୍ପାଦକ ରମାକାନ୍ତ ହାତୀ ଏବଂ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ରାଜ୍ୟ ନେତୃବୃନ୍ଦ ଏଥିରେ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, କିଶୋର ଜେନା, ଅରବିନ୍ଦ ଦାସ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

ଗାଡ଼ି ଧକ୍କାରେ ଦମ୍ପତି...

ଅଜଣା ଚାରିଚକିଆ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଗୋଟିଏ ଝିଅ ସବିତାର ବିବାହ ସରିଥିବାବେଳେ ୧୮ ବର୍ଷର ଝିଅ ମଞ୍ଜୁଳା ଓ ୧୬ବର୍ଷର ପୁଅ ପ୍ରଦ୍ୟୁମ୍ନ ଏବେ ବାପ-ମା' ଛେଉଣ୍ଡ ହୋଇଯାଇଛନ୍ତି। ଦୁଇ ଅସହାୟ ଭାଇ ଭଉଣୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଦାବିରେ ଉତ୍ତ୍ୟକ୍ତ ଲୋକେ କିଛି ସମୟ ଧରି ଖଡ଼ିଆଳ-ନୂଆପଡା ୩୫୩ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖଡ଼ିଆଳ ତହସିଲଦାର ନରସିଂ ଗଦବା ଓ ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଥାନା ଅଧିକାରୀ ସୁମନ୍ତ ନାଏକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅବରୋଧ ହଟାଇଥିଲେ। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ରେଳ ଓଭରବ୍ରିଜ୍...

ଏକ ଲାଇଟ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ିରହିଥିଲେ। ଘଟଣା ଦେଖି ସ୍ଥାନୀୟ ଲୋକେ ଓ ସେହି ରାସ୍ତାରେ ଯାଉଥିବା ଲୋକେ ଚନ୍ଦନପୁର ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଡାକ୍ତର ସେଠାରେ ଉଭୟଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ପ୍ରାରମ୍ଭିକ ଭାବେ ମୃତକଙ୍କ ପରିଚୟ ମିଳି ନ ଥିଲା। ପରେ ପୁଲିସ ତଦନ୍ତରୁ ଉଭୟଙ୍କ ପରିଚୟ ସ୍ପଷ୍ଟ ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଚନ୍ଦନପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଦୁର୍ଘଟଣାର କାରଣ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି। ଉଭୟଙ୍କ ପରିବାରକୁ ଘଟଣା ସମ୍ପର୍କରେ ଖବର ଦିଆଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

ଅକ୍ସିଜେନ୍ ସିଲିଣ୍ଡର...

ଘରୋଇ ହସ୍ପିଟାଲକୁ ନେବା ନିମନ୍ତେ ପରିବାର ଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଡକାଇଥିଲେ। ରୋଗୀଙ୍କୁ ଆମ୍ବୁଲାନ୍ସ ଭିତରେ ଶୁଆଇ ଅକ୍ସିଜେନ୍ ଲଗାଉଥିବା ସମୟରେ ହଠାତ୍ ଅକ୍ସିଜେନ୍ ସିଲିଣ୍ଡରରୁ ନିଆଁ ଲାଗିଯାଇଥିଲା। ପରେ ପ୍ରଚଣ୍ଡ ଶବ୍ଦରେ ଅକ୍ସିଜେନ୍ ଟାଙ୍କିଟି ବ୍ଲାଷ୍ଟ ହୋଇଥିଲା ଓ ହୁ ହୁ ହୋଇ ସମଗ୍ର ଗାଡ଼ିକୁ ନିଆଁ କବଳିତ କରିଥିଲା। ବିସ୍ଫୋରଣର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ଆମ୍ବୁଲାନ୍ସର ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇ ପାଖରେ ଥିବା ଅନ୍ୟ ରୋଗୀ ଓ ଲୋକଙ୍କ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଥିବା ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେପଟେ ସ୍ଥାନୀୟ ଲୋକେ ତୁରନ୍ତ ଧାଇଁଆସି ସାହସିକତାର ସହ ଆମ୍ବୁଲାନ୍ସ ଭିତରୁ ରୋଗୀ ସୁଯୋଶ ବାରିକଙ୍କୁ ବାହାର କରି ଆଣିଥିଲେ ସୁଦ୍ଧା ସେତେବେଳକୁ ସେ ଅଗ୍ନିକାଣ୍ଡରେ ଗୁରୁତର ଭାବେ ପୋଡ଼ି ହୋଇ ପ୍ରାଣ ହରାଇସାରିଥିଲେ। ଏହି ଭୟଙ୍କର ବିସ୍ଫୋରଣ ଓ ନିଆଁ ଯୋଗୁଁ ସମଗ୍ର ହସ୍ପିଟାଲ ପରିସରରେ ଆତଙ୍କ ଖେଳିଯାଇଥିଲା। ରୋଗୀ, ଡାକ୍ତର ଓ ସମ୍ପର୍କୀୟ ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ବହୁ ଚେଷ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ପୁଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉଦ୍ଧାର କାର୍ଯ୍ୟ ତଦାରଖ କରିଛି ଓ ଅଗ୍ନିକାଣ୍ଡର ତଦନ୍ତ ଜାରି ରଖିଛି। ଏହି ଦୁଃଖଦ ଘଟଣା ସମଗ୍ର ଉଦଳା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ବାଣ ବିସ୍ଫୋରଣରେ...

କାରଣରୁ ଏଥିରେ ଅଗ୍ନି ସଂଯୋଗ ଘଟି ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏହି ବିସ୍ଫୋରଣରେ ମନୋରଞ୍ଜନ ସ୍ୱାଇଁ ଏବଂ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁଙ୍କର ମୃତ୍ୟୁ ହୋଇଥିଲାବେଳେ ମନୋରଞ୍ଜନଙ୍କ ପତ୍ନୀ ଶୁଭଲକ୍ଷ୍ମୀ ସ୍ୱାଇଁ ଏବଂ ଭାଇବୋହୂ ଭାଗ୍ୟଲକ୍ଷ୍ମୀ ସ୍ୱାଇଁ ଆହତ ଅବସ୍ଥାରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଦୁର୍ଘଟଣା ସମୟରେ ମନୋରଞ୍ଜନଙ୍କ ଘରକୁ ଆସିଥିବା ତାଙ୍କ ଝିଅର ଶିକ୍ଷକ ରାହୁଲ ମହନ୍ତ ମଧ୍ୟ ଏହି ବିସ୍ଫୋରଣରେ ଗୁରୁତର ଆହତ ହୋଇ କଟକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣରେ ଘରର କାନ୍ଥ ଫାଟିଯାଇଥିବା ବେଳେ ଭିତରେ ଥିବା ଆସବାବପତ୍ର ଛିନ୍‌ଛତ୍ର ହୋଇପଡ଼ିଛି। ଘର ବାହାରେ ଥିବା ଏକ ଅଟୋ ମଧ୍ୟ ଭାଙ୍ଗିରୁଜି ଯାଇଛି। ତିର୍ତ୍ତୋଲ ଥାନା ପୁଲିସ ଏବଂ ଅଗ୍ନିଶମ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ମଧ୍ୟ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତେବେ ଏତେ ପରିମାଣରେ ବାଣ ଘର ଭିତରେ କାହିଁକି ରଖାଯାଇଥିଲା ଏବଂ ବିସ୍ଫୋରଣ କେଉଁ ପରିସ୍ଥିତିରେ ଘଟିଲା ସେ ସମ୍ପର୍କରେ ପୁଲିସ ଛାନ୍‌ଭିନ୍ ଚଳାଇଛି।

ସିବିଆଇ ଜାଲରେ...

ଚାକିରି କରିଛନ୍ତି। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ସୁପାରିସ ପାଇଁ ସେ ପ୍ରଧାନ ଶିକ୍ଷକ ଶ୍ରୀ ନାଇଡୁଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ନାଇଡୁ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମିନତି ମୂଲଚାଲ୍ କରିବା ପରେ ୧୨ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ମିନତି ଏନେଇ ଭୁବନେଶ୍ୱର ସିବିଆଇରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ ଗତକାଲି ମିନତି ଲାଞ୍ଚ ବାବଦକୁ ୧୨ ହଜାର ଟଙ୍କା ଶ୍ରୀ ନାଇଡୁଙ୍କୁ ଦେଇଥିଲେ। ଶ୍ରୀ ନାଇଡୁ ୧୨ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଛକି ରହିଥିବା ସିବିଆଇ ଟିମ୍ ତାଙ୍କୁ ମାଡ଼ି ବସିଥିଲା।

ବଜ୍ରପାତରେ ୨...

ସନ୍ଧ୍ୟା ହେବାରୁ ପୁଲିସ ତଦନ୍ତ ସଂପୂର୍ଣ୍ଣ ନ ହେବାରୁ ଜିଲ୍ଲା ଶବାଗାରରେ ମୃତଦେହ ସଂରକ୍ଷିତ ରଖାଯାଇଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ବିମଳ କୁମାର ନାୟକ ପ୍ରକାଶ କରିଛନ୍ତି।

୩୭ ବର୍ଷ ହେଲା କୃଷ୍ଣଙ୍କୁ ଖୋଜୁଛନ୍ତି ଦୁର୍ଯ୍ୟୋଧନ

କଟକ,୮।୧୦(ସମିସ): ସାନ ଭାଇକୁ ଭଲ ମଣିଷ କରିବେ, ବାପାମାଆଙ୍କର ନାଁ ରଖିବ, ଏମିତି ଅନେକ ଶୁଭ ଚିନ୍ତା କରି ତାକୁ ପାଖରେ ରଖି ପାଠ ପଢ଼ାଉଥିଲେ। କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଚାକିରି କରୁଥିବା ଦୁର୍ଯ୍ୟୋଧନ ସାନ ଭାଇ କୃଷ୍ଣକୁ ବହୁତ ଆଦରଯତ୍ନରେ ରଖିଥିବା ବେଳେ ୧୯୮୯ ମସିହା ଜୁନ୍ ମାସରେ ହଠାତ୍ ସେ ନିଖୋଜ

ହୋଇଗଲେ। ସେବେଠୁ ଆଜିକୁ ଦୀର୍ଘ ୩୭ ବର୍ଷ ହେଲା ସାନ ଭାଇ କୃଷ୍ଣକୁ ଖୋଜୁଛନ୍ତି ଦୁର୍ଯ୍ୟୋଧନ; ହେଲେ ତାଙ୍କର କୌଣସି ପତ୍ତା ମିଳୁନି। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧୀନ ବାଟୋ ଗ୍ରାମର ଶୁକଦେବ ପାତ୍ରଙ୍କ ଦୁଇ ପୁଅ ଦୁର୍ଯ୍ୟୋଧନ ଓ କୃଷ୍ଣ। ଦୁର୍ଯ୍ୟୋଧନଙ୍କ ପାଖରେ ରହି କୃଷ୍ଣ ଏବଂ ତାଙ୍କର ଦୁଇ ସାନ ଭଉଣୀ କଟକ ମହମଦିଆ ବଜାରରେ ଭଡ଼ା ଘରେ ରହି କଲେଜରେ ପଢୁଥିଲେ। ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୁକ୍ତ ତିନି ପଢୁଥିବା କୃଷ୍ଣ ୧୯୮୯ ମସିହା ଜୁନ୍ ମାସରେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଗଲେ। ବନ୍ଧୁବାନ୍ଧବ ଓ ପରିଚିତ ସ୍ଥାନରେ ବହୁ ଖୋଜାଖୋଜି କଲାପରେ କୃଷ୍ଣଙ୍କୁ ନ ପାଇବା ପରେ ଦୁର୍ଯ୍ୟୋଧନ ଏ ସଂପର୍କରେ କଟକ ଲାଲବାଗ ଥାନା, ରାମଚନ୍ଦ୍ରପୁର ଥାନାରେ ଲିଖିତ ଜଣାଇଲେ। କୌଣସି ଖବର ମିଳିଲା ନାହିଁ। ଶେଷରେ ଦୁର୍ଯ୍ୟୋଧନ କଟକର କ୍ରାଇମ ବ୍ରାଞ୍ଚରେ ଲିଖିତ ସଂପୂର୍ଣ୍ଣ ବିବରଣୀ ସହ ଲିଖିତ ଅଭିଯୋଗ କଲେ। ଏହା ଭିତରେ ବାପାମାଆ ଆରପାରିକୁ ଚାଲିଗଲେଣି। ସାନ ଭାଇ କୃଷ୍ଣଙ୍କୁ ନ ପାଇ ମନସ୍ତାପରେ ଥିବା ଦୁର୍ଯ୍ୟୋଧନ ଲାଲବାଗ ଥାନାରେ ୨୦୧୯ ମସିହା ଜୁଲାଇ ୧୦ ତାରିଖରେ ପୁଣିଥରେ ଲିଖିତ ଜଣାଇ ମଧ୍ୟ କୌଣସି ସୁଫଳ ମିଳି ନାହିଁ।

NOTICE INVITING TENDER 13001/2108/2627

OFFICE OF THE MUNICIPAL COUNCIL, NAYAGADA
NAYAGADA (ODISHA), PIN-752069
e-Mail :- nacNayagada@yahoo.co.in

Tender Call Notice No. 2816 / Dt. 07.10.26
E-Procurement Notice No. MUNLNGD-22/2026

1	Name of the Work	Civil with Beautification Works.
2	No of Works	10 Nos.
3	Value of Work	Rs.2,14,620/- to Rs.12,71,832/-
4	Class of Contractor	D and C
5	Period of Completion	As per DTCN
6	Date of Publication	Dt.09.10.2026
7	Date and Time of availability of document in the portal.	From Dt.09.10.2026 at 10.00 AM to Dt.23.10.2026 up to 5.00 PM
8	Last Date/Time for receipt of bids in portal	Dt.23.10.2026 up to 5.00 PM
9	Last date of Submission of original documents in this Office	On or before 5.00 P.M. on Dt.28.10.2026 by Register Post / Speed Post / Courier Service (No Tender Box) at Municipal Office, Nayagada.
10	Date and Time of opening Tender Box & Technical Bid	Dt.30.10.2026 at 11.00 AM onwards at Municipality Office, Nayagada
11	Date and Time of Financial Bid	Dt.03.11.2026 at Municipality Office, Nayagada
12	Name and address of the officer inviting bid	Sd/- Executive officer, Nayagada Municipality

Further-details can be seen from e-Procurement portal: https://tendersodisha.gov.in

Executive Officer
Nayagada Municipality

OIPR-13001/13134/1/26-27/0021

ପୌର ପରିଷଦ ହିଞ୍ଜିଳିକାଟୁ
HINJILIKATU MUNICIPAL COUNCIL

At-Hinjilikatu, Dist.-Ganjam, Pin-761102
Contact: 06811-280022, Toll Free No.: 1800 123 004 567
Email- hinjilicutmunicipality@gmail.com
Facebook- Hinjilikatu Municipality, X-Hinjilikatumunicipality

ପତ୍ର ସଂଖ୍ୟା ୪୪୭୩/୨୦୨୬ ତା.୦୭.୧୦.୨୬

13001/2109/2627

ବିଜ୍ଞାପନ ଆହ୍ୱାନ

ହିଞ୍ଜିଳିକାଟୁ ପୌରପରିଷଦ ସାଉଥ୍ ବ୍ଲକ୍ ମାର୍କେଟ୍ କମ୍ପ୍ଲେକ୍ସ ଉପର ୩ ଗୋଟି ମହଲା ନିମନ୍ତେ ଦୋକାନ ଗୃହ ନିଲାମ ଆହ୍ୱାନ କରଯାଇ ସର୍ବୋଚ୍ଚ ଦର ଦାଖଲ କରିଥିବା ଦରଖାସ୍ତକାରୀଙ୍କୁ ଦୋକାନ ଗୃହ ଆବଣ୍ଟନ କରାଯିବ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯେଉଁ ବ୍ୟକ୍ତି ବିଶେଷ ଉକ୍ତ ବଜାର ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୨୦୦/- (ଦୁଇ ଶହ ଟଙ୍କା) ରେ କ୍ରୟ କରି ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରିପାରିବେ।

ସର୍ତ୍ତାବଳୀ:-

୧. ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ହିଞ୍ଜିଳିକାଟୁ ପୌରପରିଷଦର ସ୍ଥାୟୀ ବାସିନ୍ଦା ହୋଇଥିବେ। (ଟେଣ୍ଡର ପକାଇବା ସମୟରେ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ଼ / ପାନ୍ କାର୍ଡ଼ ଓ ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି ପ୍ରମାଣ ପତ୍ରର ଅବିକଳ ନକଲ ଆବେଦନ ପତ୍ରରେ ସଲଗ୍ନ କରିବେ)
୩. ଜଣେ ଆବେଦନକାରୀ ଏକାଧିକ ଆବେଦନ ଫର୍ମ ଗୋଟିଏ ଦୋକାନ ଗୃହ ନିମନ୍ତେ କ୍ରୟ କରିପାରିବେ ନାହିଁ।
୪. ସମସ୍ତ ନିଲାମ ଦରଖାସ୍ତ ମଧ୍ୟରୁ ସର୍ବୋଚ୍ଚ ଟେଣ୍ଡର ଦରକୁ ଉକ୍ତ ଦୋକାନ ଗୃହ ବଂଟନ ନିମନ୍ତେ ଗ୍ରହଣ କରାଯିବ।
୫. ଆବେଦନକାରୀ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ ଓ ନିଲାମ ଦରଖାସ୍ତରେ ପ୍ରଦାନ କରିଥିବା ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୫ ଦିନ ମଧ୍ୟରେ ପରିଷଦରେ ସମୁଦାୟ ଟଙ୍କା ଦାଖଲ କରିବେ।
୬. ନିଲାମ ରାଶିର ୫୦% ଅର୍ଥ ଅଣ ଫେରସ୍ତ ଯୋଗ୍ୟ ଭାବେ ଗ୍ରହଣ କରାଯାଇ ନିଲାମକୁ ସୀକୃତ କରାଯିବ। ଯେଉଁ ପରିବାରର ବ୍ୟକ୍ତିମାନେ ପୂର୍ବରୁ ପରିଷଦ ତରଫରୁ ଦୋକାନ ଗୃହ ଭଡ଼ା ସୂତ୍ରରେ ପାଇଛନ୍ତି ସେମାନେ ଆବେଦନ କରିପାରିବେ ନାହିଁ।
୭. ପୌରପରିଷଦ କର୍ତ୍ତୃପକ୍ଷଙ୍କର ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ନିଲାମକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଅଛି।
୮. ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କିମ୍ବା ବିଚାରକୁ ନିଆଯିବ ନାହିଁ।
୯. ପ୍ରତି ଦୋକାନ ଗୃହ ପ୍ରତି ବର୍ଷରେ ଥରେ ୫% ବୃଦ୍ଧି ହାରରେ ଦୋକାନ ଲାଇସେନ୍ସ ଫି ଆଦାୟ କରାଯିବ।
୧୦. ଟେଣ୍ଡର ଖୋଲିବା ତାରିଖ ଓ ସମୟରେ ଦରଖାସ୍ତକାରୀ କିମ୍ବା ଦରଖାସ୍ତକାରୀଙ୍କ ଦ୍ୱାରା ମନୋନିତ ବ୍ୟକ୍ତି ବିଶେଷଙ୍କ ସମ୍ମୁଖରେ ଦୋକାନ ଗୃହ ନିମନ୍ତେ କରାଯାଇଥିବା ଦରଖାସ୍ତ ଗୁଡ଼ିକ ଖୋଲାଯିବ।

ଆବେଦନ ଫର୍ମ ବିକ୍ରି ତାରିଖ:- ତା. ୦୮.୧୦.୨୦୨୬ ଠାରୁ ୧୬.୧୦.୨୦୨୬ ରିଖ ଅପରାହ୍ନ ୫.୩୦ ଘଟିକା
ଟେଣ୍ଡର ଦାଖଲ ତାରିଖ:- ତା. ୦୮.୧୦.୨୦୨୬ ଠାରୁ ୨୧.୧୦.୨୦୨୬ ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ
ଟେଣ୍ଡର ପେପର ଦାଖଲ ମାଧ୍ୟମ:- (ଟେଣ୍ଡର ବାକ୍ସ/ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଧାର୍ଯ୍ୟ ତାରିଖ ମଧ୍ୟରେ ଗ୍ରହଣ ଯୋଗ୍ୟ)
ଟେଣ୍ଡର ଖୋଲିବା ତାରିଖ:- ତା. ୨୨.୧୦.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ହିଞ୍ଜିଳିକାଟୁ

OIPR-13001/13105/1/26-27/0003

LOST

I, Smt. Usharani Pradhan, At/P.O. Kerandatangi, Dist. Nayagarh, Odisha, hereby inform the general public that I have purchased land situated at Mouza-Madenpur, P.S./Tahasil-Jatni, District-Khurda, under Khata No. 300/666, Plot No. 679/2661, measuring Ac. 0.002 dec., and Plot No. 677/2662, measuring Ac. 0.050 dec., from Aron Prasad Sahu, vide Regd. Sale Deed No. 11122601100, ID No. 1122601146, dated 27.02.2026. The original Sale Deed executed by Aroon Prasad Sahu in his favour which is linked document of Usharani Pradhan has been lost and not traceable. Any person having any objection, claim or interest in respect of the said document may bring the same to the notice of the undersigned authority within the prescribed period.

Sd/- Usharani Pradhan

LOST

By virtue of an affidavit sworn before Notary Public, Bhubaneswar on dt. 06.10.2026, I, Hara Mohan Dash age about 60 years, S/O Fakir Mohan Dash at Kalvic, Gajapati Palace, Jagamohan Nagar, Near ITER College, Jagamara, Bhubaneswar, Dist-Khurda, Odisha, Pin -752030, solemnly affirm that my original ROR over Khata No.309/201, plot No.89/609, Mouza - Haduota, Tehsil- Tangi Choudwar, Katak has been completely damaged by termites which is beyond recovery on my part.

Hara Mohan Dash

AVAILABLE FOR SALE

We have 1 nos repossessed Mahindra Tractor for sale : (1). MAHINDRA 585 YUVO TECH + 2024 (OD-15-AE-8907), in it's as is where is condition. Contact: Sundaram Finance Limited, Sambalpur Branch, Mob no : 9437059593, 9437355617 within 3 days.

ADMISSION OPEN
2026 - 27
B.SC NURSING & GNM NURSING
SAI SRUSHTI SCHOOL & COLLEGE OF NURSING
AT-KAMAGARH, PO/DIST-JAJPUR
PIN-755001

ADMISSION ON SELECTION BASIS OF +2 SCIENCE & OJEE RANK HOLDER MARKS

STIPEND FOR
1. S.C/ ST STUDENT
2. P.M KISSAN STUDENT
3. OBC/SCBC

FACILITIES
1. SEPARATE HOSTEL
2. COLLEGE BUS
3. SMART CLASS ROOM
4. WI-FI CAMPUS

CONTACT NO- 933782253, 7205239211, 7337503600

NB:- ADMISSION ON GOVT. APPROVED PRICE

AFFIDAVIT

I, Sabnam Khan, W/o-Niyajuddin Gafrulla Khan, Resident At- MQ- 214, Hiltop Colony, Rampur Koliary, Ps- Brajrajnagar, Dist- Jharsuguda Pin-768225, Odisha. Declare by this Affidavit No- 1422, dt 24.04.2026. That now on wards I shall be known as **Sabnam Niyaz** for all future purposes.

34001/979/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI(R&B) DIVISION, PARALAKHEMUNDI.
e-Procurement Notice
Bid Identification No. S.E., PKD. R&B DIVN.-16 /2026-27

No. 5386 Date. 05.10.2026

INVITATION FOR BIDS

1. The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single Cover system to be received in on ONLINE MODE only for the construction of works as detailed in the table below:

2.	Nature of works	Electrical Work
3.	No. of works	01 [One] no. of work.
4.	Estimated cost (Approximately)	Rs. 22.60 Lakhs
5.	Bid cost	Rs.6.000/-
6.	Class of contractor	"HT" class
7.	Availability of Bid Documents in the website	10.00 Hrs of Dt. 13.10.2026 To 17.00 Hrs. of Dt.21.10.2026.
8.	Date of opening of the Bid	12.00 Hrs. of Dt.22.10.2026.
9.	The Bidders have to participate in ONLINE bidding only. Further details can be seen from the website http://tendersorissa.gov.in Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.	

OIPR-34001/34186/1/26-27/0012

Superintending Engineer
Paralakhemundi(R&B) Division

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE NO-9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN CONSERVE | EDUCATE | INSPIRE

8001/369/2627

TENDER NOTICE
Notice No. 42 /NKZP/2026-27 Date: 06.10.2026

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for Supply of Veterinary Medicine, drug, surgical equipments and other accessories for the period of five months for the year, 2026-27 for use in Zoo Veterinary Hospital for treatment of Zoo animals. The detailed terms and conditions alongwith tender documents shall be available at the website; www.nandankanan.org from **08.10.2026 onwards.**
The last date of submission of bid is **22.10.2026 at 05.00 PM** and date of opening of Bid will be on **23.10.2026 at 11.30 AM.**

Deputy Director
Nandankanan Zoological Park

OIPR-8001/8070/1/26-27/0012

AFFIDAVIT

By virtue of an affidavit sworn before Notary Public Bhubaneswar, affidavit No.760 on dated 21.09.2026, I Mahaprasad Kar resident of Plot No. 60, Satyanagar, Po-Saheed Nagar, Ps- Kharvel Nagar, Bhubaneswar-751007, Dist- Khurdha, Odisha, declare that I have changed the name of my son from Aloikik Kar to Aloukik Kar, Henceforth, he shall be known as **ALOUKIK KAR** for all future purposes.

Notice (for Minor)

By virtue of an affidavit sworn before Executive Magistrate, Udala, Mayurbhanj, dated 06-10-2026 I, Sarala Biswal, Address AT- Gadigaon, PO-Gadigaon, PS- Khunta, Dist- Mayurbhanj, PIN-757087 declare that I have changed the name of my son from Dibyaprakash Bisw to Dibyaprakash Biswal. Henceforth, he shall be known as **Dibyaprakash Biswal** for all purposes.

Sarala Biswal

AFFIDAVIT

By virtue of an affidavit sworn before The Notary Public, Katak, Affidavit Sl.No. 8207 on dated 03/09/2026, I **LABANYABATI BARIK**, W/o Late Bharat Charan Barik residing At/Po- Baragadia, PS- Kalinga Nagar, Dist- Jajpur, Odisha, PIN: 755026, declare that I have changed my name from **LABANYA LATA BARIK (Old Name)** to **LABANYABATI BARIK (New Name).** Henceforth, I shall be known as **LABANYABATI BARIK** for all future purposes.

(Sd/- LABANYABATI BARIK)

AFFIDAVIT

By virtue of an affidavit (Sl No. 4966, dtd- 07.10.2026) sworn before The Executive Magistrate, Chandbali, Bhadrak. I, **Santanu Kumbhakar**, S/o Late Nrupati Kumbhakar, permanent resident of Seledi, PS- Binka, Dist- Subarnapur, State: Odisha, PIN-767019 declare that I have changed the name of my minor son from **Harshit Kumbhakar** to **SK Harshit.** Henceforth, he shall be known as **SK Harshit** (new name) for all purposes.

Santanu Kumbhakar

AFFIDAVIT

By virtue of an affidavit (Sl No. 4965, dtd- 07.10.2026) sworn before The Executive Magistrate, Chandbali, Bhadrak. I, **Santanu Kumbhakar**, S/o Late Nrupati Kumbhakar, permanent resident of Seledi, PS- Binka, Dist- Subarnapur, State: Odisha, PIN-767019 declare that I have changed the name of my minor son from **Harjeet Kumbhakar** to **SK Harjeet.** Henceforth, he shall be known as **SK Harjeet** (new name) for all purposes.

Santanu Kumbhakar

AFFIDAVIT

By virtue of an affidavit (SL No. 1384, dtd- 27.09.2022) sworn before The Executive Magistrate, Karanjia, Mayurbhanj. I, **Baburam Naik**, S/o Debananda Nayak, resident of Vill/PO: Righa, PS: Ghagarbeda, Dist: Mayurbhanj, Odisha declare that I have changed my name from **Baburam Naik** to **Baburam Nayak.** Henceforth, I shall be known as **Baburam Nayak** (new name) for all purposes.

Baburam Nayak

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCTEECOR BBS202602, ତା.01.10.2026ରିଖ

କାର୍ଯ୍ୟର ନାମ : ସଦ୍ୟତମ ସଂଶୋଧନ ସ୍ଲିପ୍ ସହିତ ରେଲ ଲାଇନ୍ ଏବଂ ୱେଲ୍ଡଗୁଡ଼ିକର ଅଲଟ୍ରାସୋନିକ ପରୀକ୍ଷଣ ନିମନ୍ତେ ଭାରତୀୟ ରେଳପଥ ମାନକ ବିନିର୍ଦ୍ଦେଶ (ସଂଶୋଧିତ-2020) ତଥା ସଦ୍ୟତମ ସଂଶୋଧନ ସ୍ଲିପ୍‌ଗୁଡ଼ିକ ସହିତ ରେଲ ଲାଇନ୍ ଏବଂ ୱେଲ୍ଡଗୁଡ଼ିକର ଅଲଟ୍ରାସୋନିକ ପରୀକ୍ଷଣ ନିମନ୍ତେ ମାନୁଆଲ୍ (ସଂଶୋଧିତ-2022) ଅନୁଯାୟୀ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ରାୟଗଡ଼ା ମଣ୍ଡଳରେ ବିଭିନ୍ନ ଚିହ୍ନିତ ମାର୍ଗ / ସେକ୍ସନରେ ଆଉଟସୋର୍ସିଙ୍ଗ ଜରିଆରେ ଡିଜିଟାଲ ଅଲଟ୍ରାସୋନିକ ଫ୍ଲ ଡିଟେକ୍ଟର (USFD) ଦ୍ୱାରା ରେଲ ଲାଇନ ଏବଂ ୱେଲ୍ଡଗୁଡ଼ିକରେ ଅଲଟ୍ରାସୋନିକ ପରୀକ୍ଷଣ କରିବା ଏବଂ ତାହାର ରିପୋର୍ଟ ପ୍ରସ୍ତୁତ କରିବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 29,01,76,587.68, EMD : ₹ 58,03,500/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.10.2026ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡର ନଥିପତ୍ରକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଅନୁଯାୟୀ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ (ଟ୍ରାକ୍)/ ଭୁବନେଶ୍ୱର

PR-485/R/26-27

ଇଣ୍ଡିଆ ମେଣ୍ଟ ପକ୍ଷରୁ ୪ ଦଫା ଦାବିନେଇ ବନ୍ଦ ଶାନ୍ତିପୂର୍ଣ୍ଣ

କେନ୍ଦୁଝର, ୮।୧୦(ସମିସ): କେନ୍ଦୁଝରରେ ଇଣ୍ଡିଆ ମେଣ୍ଟର 'ଓଡ଼ିଶା ବନ୍ଦ' ଆଂଶିକ ପ୍ରଭାବ ପଡିଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ, ଏମ୍ଏମ୍‌ଡିଆର(ସଂଶୋଧନ) ଆଇନ ରଦ୍ଦ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟା ପ୍ରଭାବିତ ଲୋକଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ଓ ପୁନର୍ବାସ ସହାୟତା ଯୋଗାଇଦେବା ଦାବିରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ବନ୍ଦ ଡକରା ଦିଆଯାଇଥିଲା। ବନ୍ଦରେ କଂଗ୍ରେସକୁ ସିପିଆଇର ସହଯୋଗ ମିଳିଥିଲା। ସାଧାରଣ ପରିବହନ ବାଧାପ୍ରାପ୍ତ ହୋଇଥିଲା ବେଳେ ଯାତ୍ରୀମାନେ ହଇରାଣ ହୋଇଥିଲେ। ଗାନ୍ଧୀଛକ ଓ କଲେକ୍ଟରୋଟ ଛକରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିଥିଲେ। ଜାତୀୟ ରାଜପଥ ୪୯ ଓ ୨୦ରେ ଶହ ଶହ ଗାଡି ରାଜପଥ କଡରେ ଅଟକି ରହିଥିଲା। ସ୍କୁଲ, କଲେଜ, ସରକାରୀ ଏବଂ ବେସରକାରୀ ଅଫିସ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ବନ୍ଦ ସମୟରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାକୁ ବାଦ୍ ଦିଆଯାଇଥିଲା। କଂଗ୍ରେସ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ବରିଷ୍ଠ ନେତା ଇଂ ସୁବର୍ଣ୍ଣ ନାୟକ, ସଦର ବ୍ଲକ ସଭାପତି ଉତ୍ତମ କୁମାର ସାହୁ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ସାଧାରଣ ସମ୍ପାଦକ ସୁବଳ ସେଠୀ, ସମ୍ପାଦକ ଦିନେଶ ରାଉତ, ଏଆଇଟିୟୁସି ଉପସଭାପତି ଶ୍ରୀହରି ଘଣା, ଶୁଆକାଟୀ ଜୋନ ସମ୍ପାଦକ ହୃଦାନନ୍ଦ ପାତ୍ର, ବିରଞ୍ଚି ଦେହୁରୀ, ପଣ୍ଡାଲୁ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

ଅନ୍ୟାନ୍ୟ ଦାବି ସହ ପଢ଼ାବହିରେ ତ୍ରୁଟି, ୟୁପିଆଇ ପେମେଣ୍ଟରେ ୪% ରିଆତି ବୃଦ୍ଧିକୁ ନେଇ କଂଗ୍ରେସ ଦଳ ଏହି ବନ୍ଦ ଡକରା ଦେଇଥିଲା। ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ କେନ୍ଦୁଝର ସହରରେ ବନ୍ଦ କରିଥିଲେ। ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ରତ୍ନାକର ଜେନା, ରସାନନ୍ଦ ଜେନା, କେନ୍ଦୁଝର ସଦର ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଯୁବ କଂଗ୍ରେସ ନେତା ଆନନ୍ଦ ମାଝୀ, ବ୍ୟାସଦେବ ବେହେରା, ଲଳିତ ପ୍ରଧାନ, ଶିଶିର କର, ମାନସ ବେହେରା, ନାଣ୍ଟୁ ଭାଇ, ସଂଗ୍ରାମ ବେହେରା, ଅଭିଜିତ ବେହେରା, ଦୀନେଶ ରାଉତ, ସନତ ପାଢ଼ୀ, ଅମିତ ରାଉତ ପ୍ରମୁଖ ବନ୍ଦ କରିଥିଲେ।

ଚମ୍ପୁଆ: ଚାରି ଦଫା ଦାବି ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ ଡକରା ଚମ୍ପୁଆରେ ଆଜି ସଫଳ ହୋଇଛି। ରାଜ୍ୟ କଂଗ୍ରେସ ଆଦିବାସୀ ସେଲ୍ ସଭାପତି ତଥା କେନ୍ଦୁଝରର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, କଂଗ୍ରେସ ନେତା ଗୁରୁବକ୍ସ ସିଂ ଆଲୁୱାଲିଆ, ସିପିଆଇର ଜିଲ୍ଲା ସମ୍ପାଦକ ବିଦ୍ୟାଧର ମହାନ୍ତ, ବ୍ଲକ କଂଗ୍ରେସ ସଭାପତି ଗୁଲୁ ପତି, ସିପିଆଇର ମାଲ୍ୟଗିରି, କେଦାରନାଥ ନାଏକଙ୍କ ସମେତ ବହୁ ସଂଖ୍ୟାରେ ଶ୍ରମିକ, କୃଷକ ଓ ଯୁବକ ତଥା ଅନ୍ୟ ସହଯୋଗୀ ପିକେଟିଂରେ ସାମିଲ ହୋଇଥିଲେ। ସେହିପରି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ବରିଷ୍ଠ ସଦସ୍ୟ ଶୁକ ମହାକୁଡ଼, ଜୁନ ସଭାପତି ନଟବର ପ୍ରଧାନ, ଉପସଭାପତି ଦେବାନନ୍ଦ ପ୍ରଧାନ, ମିଡିଆ ସଂଯୋଜକ ରୁଦ୍ର ପଲେଇ, ନାକଫୁଡ଼ି ପ୍ରଧାନ ଓ ହୃଦାନନ୍ଦ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମୀ ଓ ଶତାଧିକ ସମର୍ଥକ ବନ୍ଦ ପାଳନରେ ସାମିଲ ହୋଇଥିଲେ।

ଯୋଡ଼ା: ଯୋଡ଼ାରେ ବସ୍ ଚଳାଚଳ, ଖଣିଜ ପରିବହନ ଓ ଦୋକାନ ବଜାର ଠପ୍ ରହିଥିଲା। ବ୍ୟାଙ୍କ, ଡିଡିଏମ୍ କାର୍ଯ୍ୟାଳୟ, ଯୋଡ଼ା ପୌରପାଳିକା କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ସେହିପରି କଳାପାହାଡ଼ ଛକ, ଡିଏଭି ସ୍କୁଲ ଛକ ଓ ଯୋଡ଼ା ବସ୍‌ଷ୍ଟାଣ୍ଡ ଛକରେ ରାସ୍ତା ଅବରୋଧ କରାଯାଇଥିଲା। ବନ୍ଦକୁ ସଫଳ କରିବା ପାଇଁ ସିପିଆଇ, ଏଆଇଟିୟୁସି, କଂଗ୍ରେସ ଓ ଏଆଇୱାଇଏଫ୍‌ର କର୍ମୀ ଓ ସମର୍ଥକମାନେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହିଥିଲେ। ଆନ୍ଦୋଳନର ନେତୃତ୍ୱ ନେଇଥିଲେ ହୃଦାନନ୍ଦ ପ୍ରଧାନ, ବିକାଶ ଖଟୁଆ, ବିଶ୍ୱମ୍ବର ଖଟୁଆ, ସତ୍ୟବ୍ରତ ପଣ୍ଡା, ମହେଶ୍ୱର ପାତ୍ର, ଲକ୍ଷ୍ମୀକାନ୍ତ ପଣ୍ଡା ଓ ଅମରଜିତ ଜେନାମଣି ପ୍ରମୁଖ। ଜୁରୁଡିରୁ ସିପିଆଇ ତରଫରୁ ସୁଶାନ୍ତ କର (ପୁଚୁ କର)ଙ୍କ ନେତୃତ୍ୱରେ ଓ କଂଗ୍ରେସର ସୁବ୍ରତ ନାୟକ(ମଣ୍ଟୁ) ଯୋଡା ଟାଉନ ସଭାପତି ତରଫରୁ ଏବଂ ସିପିଆଇ ଓ ଏଆଇଟିୟୁସିର କର୍ମୀ ନିଳାଦ୍ରି ଭୂଷଣ ମହାନ୍ତ, ନିଶାକର ମହାକୁଡ, ରଜନୀକାନ୍ତ ସାହୁ, ଗୁଣନିଧି ସିଂ ଲକ୍ଷ୍ମୀ କାରୁଆ, ମୋଟୁ ମୁଣ୍ଡା, ବିକ୍ରମ ଭୁମିଜ, ବାବୁଲୁ ପେଣ୍ଟେଇ ଏବଂ କଂଗ୍ରେସର ରୁପୁ ରଞ୍ଜନ ପଣ୍ଡା ପ୍ରମୁଖ ସାମିଲ ଥିଲେ।

ତେଲକୋଇ: ବିଭିନ୍ନ ସଙ୍ଗଠନ ଏହି ବନ୍ଦରେ ସାମିଲ ହେବା ସହ ସ୍ଥାନୀୟ ବଣିକ ସଂଘ ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲା। ଜଗମୋହନପୁରସ୍ଥିତ ୪୯ ନମ୍ବର ଜାତୀୟ ରାଜପଥରେ ଚକଅଖ ଜାମ ହେବା ସହିତ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। ବରିଷ୍ଠ ନେତା ନିର୍ମଳ ନାୟକ, ବ୍ଲକ ସଭାପତି ସୁବାସଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଶ୍ନ ପ୍ରଧାନ, ତନ୍ମୟ ଦାସ, ଦିଲ୍ଲୀପ ସାହୁ, ବାସବରାଜ ପ୍ରଧାନ, ପୁରାତନ ସଭ୍ୟ ଶାନ୍ତି ସାହୁ, ଯାମି ପାତ୍ର, ରାମଚନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ନାୟକ, ଯଶୋବନ୍ତ ଖୁଣ୍ଟିଆ, ସୁକେଶିନି ପାତ୍ରଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

ଆନନ୍ଦପୁର: ଆନନ୍ଦପୁର ନଗର କଂଗ୍ରେସ କମିଟି ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ପୁଲିସ ପକ୍ଷରୁ କୌଣସି ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ହୋଇ ନଥିବା ଜଣାଯାଇଛି। ଆନନ୍ଦପୁର ନଗର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ନେତୃତ୍ୱରେ କର୍ମୀମାନେ ୫୩ ନମ୍ବର ରାଜ୍ୟପଥ ଭଦ୍ରକ-କରଞ୍ଜିଆ ରାସ୍ତାକୁ ଆନନ୍ଦପୁର ବ୍ରିଜ୍ ଛକ, ଶାଳବଣୀ ଛକ, ଗାୟତ୍ରୀ ମନ୍ଦିରଠାରେ ରାସ୍ତା ଅବରୋଧ କରିଥିଲେ। ସେହିପରି ଘସିପୁରା ବ୍ଲକ କଂଗ୍ରେସ ସଭାପତି ତ୍ରିଲୋଚନ ପରିଡା ଜିଲ୍ଲା ଉପସଭାପତି ସୁବ୍ରତ ଚକ୍ରଙ୍କ ନେତୃତ୍ୱରେ ୨୦ ନମ୍ବର ଜାତୀୟ ରାଜପଥକୁ ଶୈଳିଙ୍ଗ ଛକ, ଶାଳପଡା ଓ ଜର୍‌ଦ୍ଧାଠାରେ ରାସ୍ତା ଅବରୋଧ କରାଯାଇଥିଲା। ଶଶି ଦାଶ, ସନାତନ ପତି, ପିସିସି ସଦସ୍ୟ ଶ୍ରୀଧର ଦଳେଇ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ସାମଲ, ଅକ୍ଷୟ ମହାନ୍ତି, ଆନନ୍ଦପୁର ବ୍ଲକ ଉପସଭାପତି ବିଭୂ ଘଡ଼େଇ, ପ୍ରାଣବଲ୍ଲଭ ରାମ, ଜାକି ହୁସେନ, ୩ ନମ୍ବର ୱାର୍ଡ ସଭାପତି ମନୋଜ ସିଂହ, ୪ ନମ୍ବର ୱାର୍ଡ ସଭାପତି ମୁନା ପାଢ଼ୀ, ମୁରଲୀଧର ବେହେରା, ଟିକିନା ପଟ୍ଟନାୟକ, ନିମାଇଁ ଚରଣ ଦାସ ସାମିଲ ହୋଇଥିଲେ।

ବଡ଼ବିଲ: ବଡ଼ବିଲ ସହରର କେତେକ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖାଯାଇଥିବା ବେଳେ ଭଦ୍ରାସାହି, ସେରେଣ୍ଡା, କଳିଙ୍ଗ ଓ ବୋଲାଣି ଆଦି ଅଞ୍ଚଳରେ ବନ୍ଦର ବିଶେଷ ପ୍ରଭାବ ଦେଖିବାକୁ ମିଳି ନଥିଲା। ସହରରେ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଖୋଲା ରହିଥିବା ଦେଖାଯାଇଥିଲା। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହ ବାର୍‌ଗୁଡ଼ିକ ମଧ୍ୟ ଖୋଲା ରହିଥିବାରୁ ସହରର ଜନଜୀବନ ଉପରେ ବନ୍ଦର ପ୍ରଭାବ ସୀମିତ ଥିବା ପରିଲକ୍ଷିତ ହୋଇଥିଲା।

ତୁରୁମୁଙ୍ଗା: ଗୁରୁବାର ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ପିକେଟିଂ ଓ ରାସ୍ତାରୋକ କରାଯାଇଥିଲା। ପାଟଣା ବ୍ଲକ ଛକରେ କଂଗ୍ରେସ ନେତା ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ଲକ୍ଷ୍ମଣ ଦାଶ, ଜ୍ଞାନେନ୍ଦ୍ର ମିଶ୍ର, ମଣିରତ୍ନ ବାରିକ, ଦାଶରଥୀ ବାରିକ, ବ୍ରହ୍ମାନନ୍ଦ ପଲେଇ ଓ ନାଥ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପାଟଣା ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ମହାନ୍ତଙ୍କ ନେତୃତ୍ୱରେ ନିହୁଆଁ ଓ ଝାରବେଡ଼ା ଛକରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। କଂଗ୍ରେସ ନେତା ସୁବଳ ସାହୁ, ଗୌତମ ସାହୁ, ଗୋବର୍ଦ୍ଧନ ସିଂ, ଗୋବିନ୍ଦ ନାଏକ, ସୁବୋଧ ସେଠୀ, ମୁନା ସେଠୀ ବ୍ରଜବନ୍ଧୁ ନାଏକ ଓ ମାନସ ନାଏକ ପ୍ରମୁଖ କର୍ମୀ ଏଥିରେ ସାମିଲ ହୋଇଥିଲେ। ସାହାରପଡ଼ା ବ୍ଲକ ମୁଖ୍ୟାଳୟ ବ୍ଲକ ଛକରେ ବ୍ଲକ କଂଗ୍ରେସ ସଭାପତି ସରୋଜ ବାବୁ ବୋଘେଲଙ୍କ ନେତୃତ୍ୱରେ ପିକେଟିଂ କରାଯିବା ସହ ୨୨୦ ନମ୍ବର ଜାତୀୟ ରାଜପଥ ରାଞ୍ଚି ବିଜୟବାଡା ରାଜପଥକୁ ଅବରୋଧ କରାଯାଇଥିଲା। କଂଗ୍ରେସ ନେତା ମୁକୁନ୍ଦଚନ୍ଦ୍ର ମହାନ୍ତ, ଗୌର ଦାସ, ବେଣୁଧର ନାଏକ, ଚିତ୍ତରଞ୍ଜନ ତରେଇ ଓ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ବଦଳି ହେଲେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା

ଚମ୍ପୁଆ, ୮।୧୦(ସମିସ): ଚମ୍ପୁଆ ଉପଖଣ୍ଡର ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ବିଭାଗକୁ ବଦଳି ହୋଇଛି। ଏହି ଅବସରରେ ଗୁରୁବାର ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଚମ୍ପୁଆ କାର୍ଯ୍ୟକାଳରେ ଶ୍ରୀ ପରିଡ଼ା ପ୍ରଶାସନିକ ଦାୟିତ୍ୱ ସହିତ ସାଧାରଣ ଲୋକଙ୍କ ସହ ନିକଟ ସମ୍ପର୍କ ରଖିବାକୁ ଗୁରୁତ୍ୱ ଦେଇଥିଲେ। ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତି ତାଙ୍କର ଥିଲା ବିଶେଷ ଆଗ୍ରହ। ମନ୍ଦିର କମିଟି ଗଠନ, ମନ୍ଦିର ପରିସରର ଉନ୍ନତି, ପାନୀୟ ଜଳ ବ୍ୟବସ୍ଥା, ପୋଖରୀ ଖନନ, କୀର୍ତ୍ତନ ମଣ୍ଡପ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ସେ ଆଗ୍ରହର ସହ ଜଡ଼ିତ ରହିଥିଲେ। ଏପରିକି ଛୁଟି ଦିନରେ ଘରକୁ ନଯାଇ ମନ୍ଦିର କାର୍ଯ୍ୟରେ ସମୟ ଦେଇ ଏହାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରୁଥିଲେ। ପାଲଶା ଗ୍ରାମକୁ ଶ୍ରୀଜଗନ୍ନାଥଙ୍କ ମାମୁଘର ଭାବେ ପରିଚିତ କରାଇବା ସହ ରଥଯାତ୍ରା ସମୟରେ ମାମୁଘର ପକ୍ଷରୁ ସ୍ୱତନ୍ତ୍ର ଭାବେ ଭାର ଆସିବାର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଚମ୍ପୁଆରେ ବିଭିନ୍ନ ଦିବସ ଓ ପର୍ବପର୍ବାଣୀ ତଥା କାର୍ଯ୍ୟକ୍ରମକୁ ସାମୂହିକ ଭାବେ ପାଳନ କରିବାରେ ତାଙ୍କର ଆଗ୍ରହ ରହିଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର-ପ୍ରସାର ପାଇଁ ଚମ୍ପୁଆରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ ଗଠନ ଦିଗରେ ମଧ୍ୟ ତାଙ୍କର ପ୍ରୟାସ ରହିଥିଲା। ଅଞ୍ଚଳର ସାହିତ୍ୟିକ, କଳାକାର ଓ ସାଂସ୍କୃତିକ କର୍ମୀଙ୍କୁ

ଏକ ମଞ୍ଚରେ ଆଣିବା ସହ ଓଡ଼ିଆ ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାକୁ ସେ ଗୁରୁତ୍ୱ ଦେଉଥିଲେ। ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷାର ସୁଯୋଗ ମିଳିବା ପାଇଁ ବିଭିନ୍ନ ସମୟରେ ଆଲୋଚନା କରିଥିଲେ। ଜଣେ ସଙ୍ଗୀତପ୍ରେମୀ ଭାବେ ମଧ୍ୟ ପରିଚିତ ଥିଲେ। ବିଦାୟ ସମ୍ବର୍ଦ୍ଧନା ସଭାରେ ଅଧିକାରୀ, କର୍ମଚାରୀ, ମନ୍ଦିର କମିଟି ସଦସ୍ୟ, ବିଭିନ୍ନ ସଂଗଠନର ପ୍ରତିନିଧି ଓ ଅଞ୍ଚଳବାସୀ ଶ୍ରୀ ପରିଡ଼ାଙ୍କ କାର୍ଯ୍ୟକାଳର ସ୍ମୃତିଚାରଣ କରିବା ସହ ନୂତନ ନିଯୁକ୍ତିକୁ ନେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ତୁରୁମୁଙ୍ଗା ପଞ୍ଚାୟତରେ ସେବା ସେତୁ ଅଭିଯାନ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତରେ ଗୁରୁବାର 'ସେବା ସେତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକଙ୍କ ସମେତ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ତୁରୁମୁଙ୍ଗା, ଚେମଣା ଓ ବୁଢୀକାପୁଡି ପଞ୍ଚାୟତର ଲୋକମାନେ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଅଧିକାରୀମାନଙ୍କ ସମ୍ମୁଖରେ ରଖିଥିଲେ। ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ ବ୍ଲକ ଶ୍ରମ ଅଧିକାରୀ ଅମରେଶ କର, ଏପିଓ ମଧୁସୁଦନ ପ୍ରଧାନ, ଯୋଗାଣ ଅଧିକାରୀ ଦେବରାଜ ଭୋଇ, ବିପିସି ସୁରେନ୍ଦ୍ର ଖଣ୍ଡା, ବିଆରସି ଜମାଲୁଦିନ ଖାନ୍‌ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ପିଇଓ ନିଶିଥ ରାଉତ ଗଙ୍ଗାଧର ପାତ୍ର, ଶୋଭାଶ୍ରୀ ସେଠୀ ଏଡିଓ ସୁଜିତ ସାମନ୍ତରାୟ, ମଙ୍ଗୁଲୁ ମହାନ୍ତ, ଭାଗୀରଥି ମହାନ୍ତ, ବିଏଫ୍‌ଟି ସୁବ୍ରତ ଟାଙ୍ଗଣିଆ, ଯୋଗାଣ ସହାୟକ ସତ୍ୟାନନ୍ଦ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ।

ଗଣେଶ ଭସାଣି ଶୋଭାଯାତ୍ରା ଆରମ୍ଭ

ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁରର ପ୍ରସିଦ୍ଧ ଶ୍ରୀ ଗଣେଶ ଭସାଣି ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନ ଘସିପୁରା ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ଅଗ୍ରପୂଜ୍ୟ ଗଜାନନଙ୍କ ଭସାଣି ଶୋଭାଯାତ୍ରା କମିଟି ସଂଯୋଜକ ଆଶିଷ ବେହେରାଙ୍କ ସଂଯୋଜନାରେ ଆରମ୍ଭ ହୋଇଛି। ପ୍ରଥମେ ଝାଡେଶ୍ୱର ମନ୍ଦିର ନିକଟରୁ ବାହାରି ମେଡିକାଲ ରୋଡ, ବସଷ୍ଟାଣ୍ଡ, ଘଷିପୁରା ବଜାର, ଗେଟ୍ ସାହି, ମଙ୍ଗଳା ସାହି, ମକରା ସାହି, ନୂଆଗୋଡ଼ିଆ ସାହି, ଠାକୁରପିଣ୍ଡାସାହି, ପାତ୍ରସାହି, ଗୋଡ଼ିକିଆସାହି ଆଦି ସ୍ଥାନ ଦେଇ ଶେଷରେ ଡାହାଣୀ ଗୋଡ଼ିଆରେ ବିସର୍ଜନ କରାଯାଇଥିଲା। କଟକର ପାତ୍ର ଲାଇଟ୍, ବ୍ରହ୍ମପୁରର ଜେମିନୀ ମ୍ୟୁଜିକାଲ୍, କେନ୍ଦ୍ରାପଡ଼ାର ମହାବୀର ସିଙ୍ଗ ବାଜା, ପୁରୀର ରବର୍ଟ ହାତୀ, ଉତ୍ତରାଖଣ୍ଡର ଆଘୋରି ଓ ମହାକାଳୀ, ଯାଜପୁରର ଘଣ୍ଟ ଓ କୀର୍ତ୍ତନ, ଭଦ୍ରକର ଜୋକର କାର୍ଟୁନ୍, ପାଣ୍ଡା, ଗୋରିଲା ସମେତ ଅନେକ ଦେଖିଲଭଳି ମନଛୁଆଁ କାର୍ଯ୍ୟକ୍ରମ କରିବା ସହ ଘସିପୁରା ବଜାର ପୁରା ଜାମ୍ ହୋଇଥିଲା। କମିଟି ସଭାପତି ପୋଲସ୍ତ୍ୟ ସାହୁ, ଉପଦେଷ୍ଟା ଦୀପକ ଜେନା, ରଶ୍ମିରଞ୍ଜନ ନନ୍ଦ, ସମ୍ପାଦକ ମଙ୍ଗଳ ନାୟକ, ଉପସଭାପତି ଅମିୟ ମିଶ୍ର, ପଙ୍କଜ ସାହୁ, ଦେବେନ୍ଦ୍ର ବେହେରା, ମାନସ ସାହୁ, ସହସମ୍ପାଦକ ସଦାଶିବ ସାହୁ, ମନ୍ମଥ ସାହୁ, ଲାଲଟୁ ନାହାକ, ଜୟନ୍ତ ସାହୁ, କୋଷାଧ୍ୟକ୍ଷ ଭବ ବିଭୂତି ସାହୁ, ଦୀପକ ସାହୁ, କମିଟି ସଦସ୍ୟ ବରିଷ୍ଠ ସାମ୍ବାଦିକ ରତିକାନ୍ତ ସାହୁ, ନାରାୟଣ ସାହୁ, ଦୀପକ ମହାରଣା, ରାଜକିଶୋର ସାହୁ, ଟୁକୁନ ସାହୁ, ସୁନୀଲ ସ୍ୱାଇଁ, ଦୀନକୃଷ୍ଣ ସାହୁ, ଦିଲ୍ଲୀପ ବେହେରା, ଲୁଲୁ ମହାରଣା, କ୍ଷମାକର ସାହୁ, ମାନସ ରଞ୍ଜନ ସାହୁ, ଦିବ୍ୟଶ୍ରୀ ଓଝା, ନୀଳମାଧବ ସାହୁ, ସନାତନ ସାହୁ, ରବୀନ୍ଦ୍ର ସାହୁ, ଦେବାଶିଷ ମିଶ୍ର, ଅଶୋକ ସୁର ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।

ରିଲିଜ୍ ହେଲା ଜିତୁ ଦାଶଙ୍କ କେନ୍ଦୁଝରିଆ ଗୀତ

ଆନନ୍ଦପୁର, ୮।୧୦ (ସମିସ): କେନ୍ଦୁଝରର ସଂସ୍କୃତି ଓ ଐତିହ୍ୟକୁ ନେଇ ପଣ୍ଡିତ ଜିତୁ ଦାଶଙ୍କ କଣ୍ଠରେ ହୃଦୟସ୍ପର୍ଶୀ ଗୀତ ବେଶ୍ ଲୋକପ୍ରିୟତା ପାଇଛି। ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କ କଣ୍ଠରେ ଏହି ଗୀତଟି ଶ୍ରୋତାଙ୍କ ମନକୁ ଛୁଇଁବା ସହ କେନ୍ଦୁଝରର ଗୌରବମୟ ଐତିହ୍ୟକୁ ସଙ୍ଗୀତ ମାଧ୍ୟମରେ ଉପସ୍ଥାପନ କରାଯାଇଛି। ଏହି ଗୀତର ସଙ୍ଗୀତ ପ୍ରବଚକ ପଣ୍ଡିତ ଜିତୁ ଦାଶ, ସଂଯୋଜନା ମଦନ ପାଣି, ନିର୍ଦ୍ଦେଶନା ସନ୍ତୋଷ ପରିଡ଼ା କରିଥିବା ବେଳେ ଯନ୍ତ୍ରସଙ୍ଗୀତରେ ହରିହର, ସୁବାଶିଷ ଓ ଜିତୁ ସହଯୋଗ କରିଛନ୍ତି। କେନ୍ଦୁଝରର ମାଟି, ମଣିଷ, ଐତିହ୍ୟ ଓ ପ୍ରକୃତିର ଛବିକୁ ସଙ୍ଗୀତର ସ୍ୱରରେ ବାନ୍ଧିଥିବା ଏହି ଗୀତ ଏବେ ଓଡ଼ିଶାରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। କେନ୍ଦୁଝରିଆ ଗୀତ ଇତିହାସ କିମ୍ବଦନ୍ତୀ ସାହିତ୍ୟ ସଂସ୍କୃତି ପର୍ଯ୍ୟଟନ ଖଣି ଶିଳ୍ପ କଳା ଭାସ୍କର୍ଯ୍ୟ ଉପରେ ଆଧାରିତ ସଂଗୀତ କେନ୍ଦୁଝରିଆ ଗୀତ ଆନନ୍ଦପୁରରେ ରିଲିଜ ହୋଇଛି। ଏସଏନ ଷ୍ଟୁଡିଓରେ ଜିତୁ ଦାଶ ଅଫିସିଆଲ ଚାନେଲରେ ରିଲିଜ ହୋଇଥିବା ଏହି ଗୀତକୁ ବହୁ ଲୋକ ପସନ୍ଦ କରୁଛନ୍ତି।

ଯୋଡ଼ା ଟ୍ରକ ମାଲିକ ସଂଘ ନିର୍ବାଚନ

ଇସ୍ତାହାର ଜାରିକଲେ ପ୍ରାର୍ଥୀ; ରାଜନୈତିକ ହସ୍ତକ୍ଷେପକୁ ବିରୋଧ

ଯୋଡ଼ା/ଚମ୍ପୁଆ, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଟ୍ରକ ମାଲିକ ସଂଘ ନିର୍ବାଚନ ଚଳିତ ମାସ ଅକଟୋବର ୧୨ରେ ହେବାକୁ ଥିବା ବେଳେ ପ୍ରଚାର ମଇଦାନ ସରଗରମ ରହିଛି। ଉକ୍ତ ନିର୍ବାଚନରେ ରାଜନୈତିକ ହସ୍ତକ୍ଷେପ ପ୍ରସଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏକ ସଭାରେ ୭୦୦ରୁ ଅଧିକ ଗାଡ଼ି ମାଲିକ ଯୋଗଦେଇଥିବା ବେଳେ ପ୍ରାର୍ଥୀମାନେ ନିଜ ନିର୍ବାଚନ ଇସ୍ତାହାର ଜାରି କରିଥିଲେ। ସଭାରେ ଗାଡ଼ି ମାଲିକମାନେ ସଂଘ ନିର୍ବାଚନରେ ରାଜନେତାଙ୍କ ହସ୍ତକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସଭାରେ ମାତା ପ୍ରସାଦ ଜୟସ୍ୱାଳ ଓ ସୁଶାନ୍ତ ବାରିକ ଓ ତାଙ୍କ ଟିମଙ୍କ ପ୍ରତି ବ୍ୟାପକ ସମର୍ଥନ ଥିବା ନେଇ ସମର୍ଥକ ଗାଡିମାଲିକମାନେ ଦାବି କରିଥିଲେ। ପଳସା, ଝୁମ୍ପୁରା, ଜୁରୁଡ଼ି, ବାମେବାରୀ, ଯୋଡ଼ା ଓ ବିଲେଇପଦା ଅଞ୍ଚଳର ବହୁ ଗାଡ଼ି ମାଲିକ ସଭାରେ ଯୋଗଦେଇ ନିର୍ବାଚନରେ ସମର୍ଥନ ଦେବାକୁ ମତ ପ୍ରକାଶ କରିଥିଲେ।

ପ୍ରାର୍ଥୀମାନେ ନିଜ ଇସ୍ତାହାରରେ ଗାଡ଼ି ମାଲିକଙ୍କ ହିତ, ରୋଜଗାର ସୁରକ୍ଷା, ସଂଘର ସ୍ୱଚ୍ଛତା ଓ ସଦସ୍ୟମାନଙ୍କ ସମସ୍ୟା ସମାଧାନ ଭଳି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ନିର୍ବାଚନ ଜିତିବାର ପ୍ରଥମ ଦିନରୁ ଡିଓ ବିକ୍ରି ଉପରେ କାର୍ଯ୍ୟ କରି ସମ୍ପୂର୍ଣ୍ଣ ବନ୍ଦ କରିବା, ସ୍ଲରୀ ପାଇପକୁ ବନ୍ଦ କରିବା, ୧୦ ଦିନ ଭିତରେ ପରିବହନ ମୂଲ୍ୟ ପ୍ରଦାନ କରିବା, ଏକ କାର୍ଯ୍ୟନିର୍ବାହୀ ଟିମ ତିଆରି କରି ଗାଡି ମାଲିକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ଆଦି ପ୍ରସଂଗ ରହିଛି।

ଅପରପକ୍ଷରେ, ଚମ୍ପୁଆ ଧରଣୀଧର ନଗର ଭବନରେ ଗାଡ଼ି ମାଲିକଙ୍କୁ ନେଇ ଏକ ପ୍ରଚାର ସଭାରେ ସଭାପତି ପ୍ରାର୍ଥୀ ରାଜେଶ ରୋଶନ, ଉପସଭାପତି ପ୍ରାର୍ଥୀ ଦୀପକ ମହାନ୍ତ, ସମ୍ପାଦକ ପ୍ରାର୍ଥୀ ରବି ନାରାୟଣ ଦାସଙ୍କ ସମେତ ଅନ୍ୟ ପ୍ରାର୍ଥୀ ଓ ସମର୍ଥକମାନେ ଯୋଗଦେଇଥିଲେ। ଚମ୍ପୁଆ, ଯୋଡା, ଝୁମ୍ପୁରା ଓ ରିମୁଳି ଅଞ୍ଚଳର ବହୁ ସଂଖ୍ୟକ ଟ୍ରକ୍ ମାଲିକ ସଭାରେ ଉପସ୍ଥିତ ଥିଲେ। ସଭାରେ ଆସୋସିଏସନ୍‌ର ଏକତା, ଗାଡ଼ି ମାଲିକଙ୍କ ସ୍ୱାର୍ଥ ସୁରକ୍ଷା ଓ ସଂଘର ଉନ୍ନତି ନେଇ ପ୍ରାର୍ଥୀମାନେ ନିଜ ମତ ରଖିଥିଲେ। ଗାଡ଼ି ମାଲିକଙ୍କ ସମସ୍ୟାର ସମାଧାନ ସହ ଆସୋସିଏସନ୍‌କୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେମାନେ କହିଥିଲେ। ସଭାରେ ସମ୍ପାଦକ ପ୍ରାର୍ଥୀ ରବି ନାରାୟଣ ଦାସ କହିଥିଲେ ଯେ ଯେତିକି ଲୋଡିଂ ସ୍ଲିପ୍ ଆସିବ ଆସୋସିଏସନ୍ ଅଫିସରୁ ଦିଆଯିବ। ଲୋଡିଂ ସ୍ଲିପ୍ ବିକ୍ରି ବନ୍ଦ କରାଯିବ।

ଚମ୍ପୁଆ ଧରଣୀଧର ନଗର ଭବନରେ ଗାଡ଼ି ମାଲିକଙ୍କୁ ନେଇ ସଭା

୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ'ରେ ବାଲେଶ୍ୱର ଠପ୍

ବାଲେଶ୍ୱର, ୮।୧୦(ସମିସ)

ବିଭିନ୍ନ ଦାବି ନେଇ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ବାଲେଶ୍ୱର ସହରରେ ପରିଲକ୍ଷିତ ହୋଇଛି। 'ଭୋଟ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ଡାକରାରେ ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହୋଇଥିଲା। ବନ୍ଦ ଯୋଗୁଁ ସହରର ବିଭିନ୍ନ ପ୍ରମୁଖ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବସ୍, ଟ୍ୟାକ୍ସି ଓ ଅଟୋ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ପାଠ୍ୟପୁସ୍ତକରେ ଥିବା ତ୍ରୁଟିର ସଂଶୋଧନ, ଏମଏମଡିଆର ଆଇନ ରଦ୍ଦ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଆଦି ଦାବିରେ ଏହି ବନ୍ଦ ପାଳନ କରାଯାଉଛି। ବନ୍ଦ ଡାକରାରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ), ସିପିଆଇ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ଆମ ଆଦମୀ ପାର୍ଟି, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ଶିବସେନା ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସାମିଲ ହୋଇଛନ୍ତି। ବାଲେଶ୍ୱର ସହରର ରେଳ ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ, ପୁଲିସ ଲାଇନ ଛକ, ମୋତିଗଞ୍ଜ ଛକ, କୁରୁଡ଼ା ଛକ ଓ ରେମୁଣା ଗୋଲେଇ ଆଦି ସ୍ଥାନରେ ଆନ୍ଦୋଳନକାରୀମାନେ ପିକେଟିଂ କରିବା ସହ ରାସ୍ତାରୋକ କରିଥିଲେ। ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଅଟୋ ଓ ଟ୍ୟାକ୍ସି ମଧ୍ୟ ଚଳାଚଳ କରିନଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀ ଓ ସାଧାରଣ ଲୋକେ ଗନ୍ତବ୍ୟସ୍ଥଳକୁ ଯିବାରେ ଅସୁବିଧାରେ ପଡ଼ିଥିଲେ।

ବନ୍ଦକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସଫଳ କରିବାକୁ ଇଣ୍ଡିଆ ମେଣ୍ଟର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଅନ୍ୟପକ୍ଷରେ ଜରୁରୀକାଳୀନ ଓ ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ବନ୍ଦ ପରିପ୍ରେକ୍ଷୀରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବାଲେଶ୍ୱର ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା। ସହରରେ ମୋଟ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି। ବନ୍ଦ ପାଳନ ସମୟରେ କଂଗ୍ରେସ ଜିଲ୍ଲା ଉପସଭାପତି ସରୋଜ ଲେଙ୍କା, ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି, ପଦ୍ମଲୋଚନ ଲେଙ୍କା, ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ପିସିସି ସମ୍ପାଦକ ତୁଷାରକାନ୍ତ ତପସ୍ୱୀ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ଗଣମାଧ୍ୟମ ସଂଯୋଜକ ଦେବଦତ୍ତ ଦାସ, ଟାଉନ ସଭାପତି ଅନୁପ ସ୍ୱାଇଁ, ପଶୁପତି ଉପାଧ୍ୟାୟ, କଂଗ୍ରେସ ମହିଳା ଉପସଭାପତି ଉର୍ମିଳା ମାଝୀ, ଗୌରାଙ୍ଗ ପାଣିଗ୍ରାହୀ, ସେବାଦଳ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି, ତୃଣମୂଳ କଂଗ୍ରେସର ନନ୍ଦନ ପାଲ, ସମାଜବାଦୀ ପାର୍ଟିର ଅରୁଣ ଜେନା, ସିପିଆଇ(ଏମ୍)ର ଶିଶିର ହୁଇ, ସିପିଆଇର ନିରଞ୍ଜନ ବାରିକ, ପ୍ରେମରଞ୍ଜନ ପାତ୍ର, ସିପିଏମ୍ ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ବିଧାନ ଜେନା, ଅନନ୍ତ ମହାପାତ୍ର, ସେକ୍ ଭୋଲା, ଆଶିଷ ପଟ୍ଟନାୟକ, ଅରୁଣ ରାଉତ, ଗୁରୁପ୍ରସନ୍ନ ମିଶ୍ର, ଯୁବ ସଭାପତି ରଞ୍ଜନ ଦାସ, ସିପିଏମ୍‌ର ନିର୍ମଳ ନାୟକ, ସିପିଆଇର ଯତୀନ ପାତ୍ର, ପିସିସି ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ପ୍ରଭାରୀ ବାଙ୍କନିଧି ବେହେରା, ଅସିତ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପିକେଟିଂ କରିଥିଲେ।

ଜଲେଶ୍ୱର/ଜଲେଶ୍ୱର ବ୍ଲକ: 'ଓଡିଶା ବନ୍ଦ'ର ପ୍ରଭାବ ଜଲେଶ୍ୱରରେ ମଧ୍ଯ ପ୍ରତିଫଳିତ ହେଇଥିଲା । ଜଲେଶ୍ୱରରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟ ର ସହଯୋଗୀ ଦଳ ମାନଙ୍କର କର୍ମୀ ମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦକୁ ସଫଳ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ରାଜୀବ ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ଗିରିଜା ଶଙ୍କର ଦାସ,ଜଲେଶ୍ୱର ଯୁବ କଂଗ୍ରେସ ସଭାପତି ସପନ ରାଉତ, ଯୁବ ନେତା ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ବରିଷ୍ଠ ନେତା ସତ୍ୟ ସୁନ୍ଦର ଦାସ, ଏସ କେ ଫରିଦ ଅହମ୍ମଦ,ଖଗେନ୍ଦ୍ର ନାଥ ସାମଲ, ଗୌରହରି ସାହୁ, ଜିତେନ୍ଦ୍ର ଦାସ ମହାପାତ୍ର,ଏସ କେ ସଇଫୁଲା, ଶିବ ଶଙ୍କର ଦାସ, ପାଣ୍ଡବ ସେନାପତି, ଏସ କେ ପୁନମ୍, ଜଗନ୍ନାଥ ଜେନା ପ୍ରମୁଖ ସାମିଲ ହୋଇଥିଲେ।

ସିମୁଳିଆ : ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥି ହିମାଂଶୁ ଶେଖର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସିମୁଳିଆ ବ୍ଲକ ସଭାପତି ରମେଶ କୁମାର ଦାଶ ଓ ସରପଞ୍ଚ ପ୍ରହ୍ଲାଦ ନାୟକଙ୍କ ନେତୃତରେ ଶତାଧିକ କଂଗ୍ରେସ କର୍ମୀ ପାଣ୍ଡବ ଚରଣ ନାୟକ, ପ୍ରଶାନ୍ତ ଗୋଛାୟତ, କୁନା ସିଂ, ସଂଜୀବ କୁମାର ପଟ୍ଟନାୟକ, ଅନିରୁଦ୍ଧ ବେହେରା, ସିଲୁ ମହାନ୍ତି, ଗୌରାଙ୍ଗ ବାରିକ ପ୍ରମୁଖ ବିଭିନ୍ନ ସ୍ଥାନରେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

ଲଙ୍ଗଳେଶ୍ୱର : ଆଜି ଚାରି ଦଫା ଦାବି ନେଇ ଜାତୀୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ବନ୍ଦ ଡାକରା ଲଙ୍ଗଳେଶ୍ୱରରେ ସଫଳ ହୋଇଛି। ବଣିଆ ଡିହା ପଞ୍ଚାୟତ ସଭାପତି କମଳା କାନ୍ତ ଦାସ, ଦଳୀୟ ନେତା ଜଗତ ଜୀବନ ଦାସ, ସରପଞ୍ଚ କାଳୀ ଚରଣ ଜେନା,ଚନ୍ଦନ ନାୟକ,ଅମୂଲ୍ୟ ପଟ୍ଟାୟତ, ପ୍ରଦିପ କୁମାର ଜେନା,ସର୍ତ୍ତୁକ୍ ରାଉଳ, ଏସ କେ ବାବୁ, ରଘୁନାଥ ସାମଲ,ରତ୍ନାକର ଜେନା, ସେକ କମ୍ରୁଦ୍ଦିନ, ସନିଆ ଜେନା, ମନୋରଞ୍ଜନ ପାତ୍ର, ସମେତ ବହୁ କର୍ମୀ ମାନେ ଯୋଗଦେଇଥିଲେ। ଏହାବ୍ୟତୀତ ମାନ୍ଧାତା ବଜାର, ବାଲିକୁଟି, ସୁନାରୁଇ ବଜାର, ଦେଉଳା ବଜାର, ପଞ୍ଚୁପାଲି ବଜାର, ଦ୍ୱାରିକା ବଜାର, ନୂଆଗାଁ ବଜାର, ଜମ୍ବିରାଇ, କୁଣ୍ଡୁଳି, ନିମପଦା ବଜାରରେ ସକାଳେ କଂଗ୍ରେସ ର କର୍ମୀ ମାନେ ପିକେଟିଙ୍ଗ କରି ବନ୍ଦ କରି ଦେଇଥିଲେ। ମଧ୍ୟାହ୍ନ ପରେ ଗାଡ଼ି ମଟର ଚଳା ଚଳ କରିବା ସହିତ ଦୋକାନ ବଜାର ଖୋଲା ହୋଇ ପରିସ୍ଥିତି ସ୍ୱାଭାବିକ ଥିଲା।

ନୀଳଗିରି : ନୀଳଗିରିର ସମସ୍ତ ଅଞ୍ଚଳ ରେ ସ୍ୱେଚ୍ଛାକୃତ ବନ୍ଦ ଦେଖିବାକୁ ମିଳିଥିଲା । ଏହି ବନ୍ଦକୁ ସଫଳ କରିବା ପାଇଁ ସିପିଆଇ ଦଳ ର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ବରିଷ୍ଠ ନେତୃତ୍ୱ କୈଳାଶ ଚନ୍ଦ୍ର ପଣ୍ଡା, ଜିଲ୍ଲା କମିଟି ସଦସ୍ୟ ହରେକୃଷ୍ଣ ପଣ୍ଡିତ, ନିହାର ଜେନା, ଗାୟତ୍ରୀ ପଣ୍ଡା, କଂଗ୍ରେସ ର ବାଲେଶ୍ୱର ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ଯଶୋଦା ନନ୍ଦନ ସିଂହ, ବିଶ୍ୱନାଥ ଦାସ, ବୀଣାପାଣି ପାତ୍ର, ରାଧାଶ୍ୟାମ ଦାସ, ସଦାଶିବ ରଥ, ପିତାମ୍ବର ସିଂ, ଉପେନ୍ଦ୍ର ବେହେରା, ସିପିଏମ ର ବିଜୟ ପାତ୍ର, ଯୋଗାନନ୍ଦ ଦାଶ, ଅମରେନ୍ଦ୍ର ନାୟକ, ଜ୍ୟୋତିର୍ମୟ ରାଉତ, ନାରାୟଣ ଧାମୁଡ଼ିଆ, ସମେତ ବହୁ କର୍ମୀ ପତାକା ଧରି ରାସ୍ତାରେ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ ଙ୍କ ନେତୃତ୍ୱରେ ନୀଳଗିରି ବ୍ଲକର ବରହମପୁର ଓ ଗରଡ଼ିହିରେ ବନ୍ଦ ପାଳନ ସଫଳ ହୋଇଛି। ବନ୍ଦ ପାଳନ ବେଳେ ସନ୍ତୋଷ ବେହେରା, ଦିଲ୍ଲୀପ ବେହେରା, ଜୟନ୍ତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ପଶା, କୈଳାଶ ପାତ୍ର, ଗିରିଜା ଶଙ୍କର ସାହୁ ଓ ଧୀରେନ୍ଦ୍ର ନାୟକ ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ଥିଲେ।

ସୋର : ଆଜି ଇଣ୍ଡିଆ ମେଣ୍ଟ ତରଫରୁ ଦିଆଯାଇଥିବା ଓଡିଶା ବନ୍ଦ ଡାକରା ସୋରରେ ଶାନ୍ତି ପୂର୍ଣ୍ଣ ଭାବେ ସଫଳ ହୋଇଛି। ଜାତୀୟ କଂଗ୍ରେସ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମୀ ମାନେ ୧୬ ନମ୍ବର ଜାତୀୟ ରାଜ ପଥ ଉତ୍ତରେଶ୍ୱର ଠାରେ ରାସ୍ତା ଅବରୋଧ କରିଥିଲେ।ଫଳରେ ଜରୁରୀ କାଳୀନ ଗାଡ଼ି ଗୁଡିକୁ ବାଦ ଦେଇ ଅନ୍ୟ ସମସ୍ତ ସାହସ୍ରାଧିକ ଯାନବାହାନ ଅଟକି ରହିଥିଲା।

ଧର୍ମଘଟର ନେତୃତ୍ୱ ଜାତୀୟ କଂଗ୍ରେସ ସୋର ବ୍ଲକ ସଭାପତି ଯୋଗେନ୍ଦ୍ର ଜେନା, ଜିଲ୍ଲା ଉପ ସଭାପତି ଶ୍ରୀକାନ୍ତ ଜେନା, ସୋର ନଗର ସଭାପତି ରାଜେନ୍ଦ୍ର ମହାନ୍ତି, ଯୁବ ନେତା ସୁବ୍ରତ ଧଡ଼ା, ରାଜେଶ ମହାପାତ୍ର, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ସହ ସମ୍ପାଦକ ମାୟାଧର ନାୟକ, ସୋର ଜୋନ ସମ୍ପାଦକ ଶଶିକାନ୍ତ ପଣ୍ଡା,ସହ ସମ୍ପାଦକ ସୁରେନ୍ଦ୍ର ମାହାନା, ପ୍ରଶାନ୍ତ ଦାସ, ଶିକ୍ଷକ ନେତା ସୁରେନ୍ଦ୍ର ବେହେରା, ପାରିଷଦ ନିଶାକର ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ମହାପାତ୍ର, ପାରିଷଦ ଅନିରୁଦ୍ଧ ମହାନ୍ତି, ପାରିଷଦ ଚିତ୍ତରଞ୍ଜନ ମହାପାତ୍ର, କଟି ପାଣିଗ୍ରହୀ, ଗଙ୍ଗାଧର ସାହୁ, ଭଗବାନ ପଣ୍ଡା, ନରେନ୍ଦ୍ର ସାହୁ, ଶଙ୍କର୍ଷଣ ନାୟକ, ରଜନୀକାନ୍ତ ପାତ୍ର,ବିଭୁତି ଦାସ, ଶରତ ଦଳେଇ ନେଇଥିଲେ।

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର: ସମଗ୍ର ରାଜ୍ୟରେ ଆଜି ଚାରି ଦଫା ଦାବି ନେଇ ଇଣ୍ଡିମେଣ୍ଟ ପକ୍ଷରୁ ବନ୍ଦ ଡାକରା ଭୋଗରାଇ ବ୍ଲକରେ ସଫଳ ହୋଇଛି। ୧୨ ଘଣ୍ଟା ଧରି ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ସହିତ ଅନ୍ୟ ସମସ୍ତ ରାସ୍ତା ଘାଟରେ ଗାଡ଼ି ଚଳାଚଳ ବନ୍ଦ ସହିତ ସମସ୍ତ ଦୋକାନ ବଜାର ଶାନ୍ତି ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଶହ ଶହ କର୍ମୀ ଓ ନେତାମାନେ ହାତରେ ଦଳୀୟ ପତାକା ଧରି ପିକେଟିଂ କରିଥିଲେ। ଏହି ବନ୍ଦକୁ ଭୋଗରାଇ ବାସୀ ସମର୍ଥନ କରିଥିବା ଜିଲ୍ଲା କଂଗ୍ରେସର ସଭାପତି ସତ୍ୟଶିବ ଦାସ କହିଥିଲେ। ଜିଲ୍ଲା ମହିଳା କଂଗ୍ରେସର ସମ୍ପାଦିକା ମମତା ସାହୁ, ସଂଖ୍ୟା ଲଘୁ ସେଲର ସମ୍ପାଦକ ସୁଦର୍ଶନ ଜେନା, ଗୋପବନ୍ଧୁ ମହାପାତ୍ର, ରାଜେନ୍ଦ୍ର ଦଳାଇ, ମାନସ ଚନ୍ଦ୍ର, ପ୍ରଶାନ୍ତ ଜେନା,କମଳ ମହାପାତ୍ର,କୃଷକ ନେତା ଶମ୍ଭୁନାଥ ସେଠୀ,ସିପିଏମ ନେତା ବିଶ୍ୱଜିତ ଦାସ, ଅଧିର ଗିରି, ଜଗନ୍ନାଥ ମାଇତି, ଅଜିତ୍ କାମିଲା, ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ଶଙ୍କର ଜେନା, ସୁକୁମାର ଜେନା, ସୁରେଶ ଜେନା, ହରିପଦ ସାହୁ ପ୍ରମୁଖ ଶହ ଶହ ନେତା ଓ କର୍ମୀ ସାମିଲ ଥିଲେ।

ଖଇରା: ଖଇରା ବ୍ଲକରେ ଓଡିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଖଇରା ବ୍ଲକ ଛକରେ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ମଧୁସୂଦନ ଜେନା, ପ୍ରଶାନ୍ତ ପାତ୍ର ଓ ବାମପନ୍ଥି ନେତା ଜଗତାନନ୍ଦ ମହାପାତ୍ର, ମାନସ ମହାପାତ୍ର, ପ୍ରଶାନ୍ତ ବାରିକ, ସନ୍ତୋଷ ସାହୁ, ଜନ୍ମେଜୟ ଶତପଥି, ଉତ୍ତମ ଦାସ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେହିଭଳି ଖଇରା ବ୍ଲକର ଗଣ୍ଡିବେଡ, ତୁଡିଗଡିଆ, କୁପାରୀ ଇତ୍ୟାଦି ବଜାରରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଛି।

ଜାତୀୟ ରାଜପଥରେ ଗୋରୁ ଚୋରି ଉଦ୍ୟମ

ବାଲେଶ୍ୱର ସଦର, ୮।୧୦ (ସମିସ): ଗତକାଲି ରାତି ପ୍ରାୟ୨ଟା ସମୟରେ ରାଜପଥ ଉପରେ ଦୁଇଟି ଷଣ୍ଢ ଶୋଇଥିବା ବେଳେ ସେମାନଙ୍କ ନିକଟରେ ଏକ ବୋଲେରୋ ଗାଡ଼ି ଲଗାଇ ଗାଡ଼ି ଭିତରୁ ଦୁଇ ଜଣ ଦୁର୍ବୃତ୍ତ ବାହାରକୁ ଆସି ଗୋଟିଏ ଷଣ୍ଢକୁ ବାନ୍ଧି ଗାଡ଼ିରେ ପୁରାଇବାକୁ ଉଦ୍ୟମ କରୁଥିଲେ। ସେହି ସମୟରେ ନିକଟରେ ଥିବା ଏକ ଘର ଭିତରୁ ଜଣେ ଯୁବକ ବାହାରକୁ ଉଠି ଏ ଦୃଶ୍ୟ ଦେଖି ଘର ଲୋକଙ୍କୁ ଡାକ ପକାଇଥିଲେ। ପାଟି ଶୁଣି ଆଖପାଖ ଲୋକ ବାହାରକୁ ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସୂଚନାଯୋଗ୍ୟ ଯେ,ଦୁଇ ଦିନ ତଳେ ସିଂଲା ପୁଲିସ ଏକ ବ୍ୟାଗ ଭର୍ତ୍ତି ଗୋମାଂସ ଜବତ କରିଥିବା ବେଳେ ରାତିରେ ଏଭଳି ଘଟଣା ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢ଼ାଇ ଦେଇଛି। କିଛିଦିନ ତଳେ ମଧ୍ୟ ନଳବାହାର ଫ୍ଲାଏଓଭର ଉପରେ ଶୋଇଥିବା ୯ଟି ଷଣ୍ଢ ମଧ୍ୟରୁ ୮ଟିକୁ ଦୁର୍ବୃତ୍ତମାନେ ନେଇଯାଇଥିଲେ। ସେଠାରେ ମଧ୍ୟ ଜଣେ ବ୍ୟକ୍ତି ଶୌଚ ପାଇଁ ବାହାରକୁ ଉଠିଥିବାବେଳେ ଘଟଣା ଦେଖି ପାଟି କରିବାରୁ ଦୁର୍ବୃତ୍ତମାନେ ଗୋଟିଏ ଷଣ୍ଢକୁ ନେଇପାରିନଥିଲେ। ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

କମର୍ଦ୍ଦା-ବାଲିଆପାଳ ରାସ୍ତାରେ ଚୋରା ବାଲି ଚାଲାଣ

ବାଲେଶ୍ୱର(ଉତ୍ତର), ୮।୧୦ (ସମିସ): ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବାଲି ମାଫିଆଙ୍କ ରାଜ୍। ସୁବର୍ଣ୍ଣରେଖା ଘାଟ ଏବଂ ବାଲିଆପାଳ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଚୋରା ବାଲି ବୋଝେଇ ଡମ୍ଫର ବେଆଇନ ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ବିନା କୌଣସି ଟି.ପି. କିମ୍ବା ବୈଧ କାଗଜପତ୍ରରେ ଏହି ଗାଡ଼ିଗୁଡ଼ିକ କମର୍ଦ୍ଦା -ବାଲିଆପାଳ ରାସ୍ତା ଦେଇ ପଶ୍ଚିମବଙ୍ଗ ସୀମାକୁ ସଂଯୋଗ କରୁଥିବା ବିଭିନ୍ନ ଗଳାବାଟ ଏବଂ ଉଦୟପୁର ସୀମା ଦେଇ ଦିନରାତି ପାର ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ସୁବର୍ଣ୍ଣରେଖା ନଦୀ ରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ପ୍ରତିଦିନ ଶହ ଶହ ଡମ୍ଫର ଏହି ରୁଟ୍ ଦେଇ ଯାଉଥିଲେ ହେଁ ଖଣି ବିଭାଗ ଏବଂ ପୋଲିସ ପ୍ରଶାସନ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ତାହାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି କମର୍ଦ୍ଦା ଥାନା ଆଗ ଦେଇ ରାସ୍ତାରେ ପ୍ରତିଦିନ ଗାଡ଼ି ଗୁଡ଼ିକ ଯାଉଥିଲା ବେଳେ ପୁଲିସର କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନି ।ଖୋଲାଖୋଲି ଭାବେ ଏଭଳି ବେଆଇନ ବାଲି ଚାଲାଣ ଚାଲିଥିଲେ ମଧ୍ୟ ପ୍ରଶାସନର ନିଷ୍କ୍ରିୟତା କାହା ଇଙ୍ଗିତରେ ଚାଲିଛି, ତାହାକୁ ନେଇ ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି ।ଆଗାମୀ ଦିନରେ ଯଦି ଏହି ବେଆଇନ ବାଲି ଚାଲାଣ ଉପରେ ଯଦି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ସେନେଇ ଚେତାବନୀ ଦିଆଯାଇଛି।

୬ ଔଷଧ ଦୋକାନକୁ ନୋଟିସ ସହ ବିକ୍ରୟ ସ୍ଥଗିତ

ବାଲେଶ୍ୱର, ୮।୧୦(ସମିସ): ନିଶା ମୁକ୍ତ ଓଡ଼ିଶା ଅଭିଯାନକୁ ଆହୁରି କଡ଼ାକଡ଼ି କରାଯାଇଛି। ବାଲେଶ୍ୱର ଡିଆଇଜି ଓ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱରରେ ଚଢାଉ କରାଯାଇଛି। ସେହି କ୍ରମରେ ସୋର ଓ ସବିରା ଅଞ୍ଚଳରେ ପୋଲିସ ଓ ଔଷଧ ନିୟନ୍ତ୍ରଣ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ବିଭିନ୍ନ ମେଡିସିନ୍ ଷ୍ଟୋରରେ ନିଶା ବଟିକା ଓ ନାର୍କୋଟିକ୍ ଔଷଧ ବେଆଇନ୍ ଭାବେ ବିକ୍ରି ହେଉଥିବା ଅଭିଯୋଗ ପରେ ଏହି ଚଢ଼ାଉ ହୋଇଛି। ଷ୍ଟକ୍ ରେଜିଷ୍ଟର, ବିଲ୍ ଓ ଡାକ୍ତରୀ ପ୍ରେସକ୍ରିପସନ୍ ବିନା ବିକ୍ରି ହେଉଥିବା ଔଷଧ ଯାଞ୍ଚ କରାଯାଇଥିଲା। ଏହି ଟିମ୍‌ରେ ଦ୍ୱିତୀୟ ରେଞ୍ଜ ଡ୍ରଗ୍ସ ଇନ୍ସପେକ୍ଟର ମୋନାଲିଶା ମଲ୍ଲିକ, ଅଫିସ୍ ଆସିଷ୍ଟାଣ୍ଟ ବିନୟ କୁମାର ସେନାପତି ଏବଂ ସୋର ପୋଲିସ ସାମିଲ ଥିଲେ। ଯାଞ୍ଚ ବେଳେ ୬ଟି ଦୋକାନରେ ଗମ୍ଭୀର ଅନିୟମିତତା ଦେଖିବାକୁ ମିଳିଥିଲା। ତୁରନ୍ତ ୬ଟି ଦୋକାନକୁ ଶୋ'କଜ୍ ନୋଟିସ୍ ଦିଆଯାଇ ବିକ୍ରୟ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲଗାଯାଇଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ବାଲେଶ୍ୱର, ୮।୧୦(ସମିସ): ସହର ଉପକଣ୍ଠ ବାଲିଆ ଠାରେ ଥିବା କପିଳ ମୁନି ବୃଦ୍ଧାଶ୍ରମରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଆଶ୍ରମର ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବାର୍ଦ୍ଧକ୍ୟରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଏକ ପରାମର୍ଶ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ଅରୂପ ଅଭିଷେକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନ୍ତେବାସୀମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପରିଦର୍ଶକ ସୁବ୍ରତ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅରୁନ୍ଧତୀ ପାଣିଗ୍ରାହୀ, ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତା ପ୍ରଧାନ, ସୁଚିସ୍ମିତା ଦାସ, ସ୍ୱର୍ଣ୍ଣପ୍ରଭା ମାଝୀ ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନ୍ତେବାସୀମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଓ ଫଳ ବଣ୍ଟନ କରାଯାଇଥିଲା। ବୃଦ୍ଧାଶ୍ରମର ମୁଖ୍ୟ ବଳରାମ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରେମୁଣା ବ୍ଲକ ଭୁଇଁପୁର ଠାରେ ଥିବା ଦିବ୍ୟ ମନ୍ଦିର ବୃଦ୍ଧାଶ୍ରମରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଅଣ-ସଂକ୍ରାମକ ରୋଗ ପ୍ରବନ୍ଧକ ମୌସୁମୀ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୬ ଜଣ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁମିତ୍ରା ଦେ, ନିଗମାନନ୍ଦ ରାଉତ ଓ ଅନୁଷ୍ଠାନର ମୁଖ୍ୟ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ଦୃଷ୍ଟି ଦିବସରେ ସଚେତନତା ପଦଯାତ୍ରା

ବାଲେଶ୍ୱର, ୮।୧୦(ସମିସ): ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସଚେତନତା ପଦଯାତ୍ରା ଓ ସଭା ଆୟୋଜିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ସଚେତନତା ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ତାଲିମ କେନ୍ଦ୍ର କକ୍ଷ ନିକଟରେ ସମାପ୍ତ ହୋଇଥିଲା ଓ ପରେ ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷବସ୍ତୁ 'ନିଜ ଆଖିକୁ ଭଲ ପାଆନ୍ତୁ, ଏବଂ ଏହାର ଯତ୍ନ ନିଅନ୍ତୁ' ଉପରେ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଉପସ୍ଥିତ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନଙ୍କୁ, ଆଖିର ଯତ୍ନ ନିମନ୍ତେ ସମସ୍ତେ ଦୀର୍ଘ ସମୟ ଧରି ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଉପଯୁକ୍ତ ଆଲୋକରେ ଅଧ୍ୟୟନ କରିବା ଏବଂ ସନ୍ତୁଳିତ ଆହାର ଖାଇବା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ୨୦ ମିନିଟ କୌଣସି ଜିନିଷ ଦେଖିବା ପରେ ୨୦ ଫୁଟ ଦୂରକୁ ଦେଖିବା, ୨୦ ସେକେଣ୍ଡ ପାଇଁ ଉପଦେଶ ଦେଇଥିଲେ। ଡାକ୍ତର ସଂଜୀବ କୁମାର ପ୍ରଧାନ, ଡାକ୍ତର ମନୋଜ ସାହୁ, ଚକ୍ରଧର ଜେନା (ଡ଼ିପିଏମ) ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରର ଅଧକ୍ଷ ଏହି ବିଶ୍ୱ ଦୃଷ୍ଟି ଦିବସ ଉପରେ ଗୃହରେ ମତାମତ ରଖିଥିଲେ। ଏହି ବୈଠକରେ ବିଶ୍ୱରଂଜନ ନାୟକ, ମନୋଜ ସାହୁ ଏବଂ ପୂର୍ଣ୍ଣ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁଜିତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

୩୧ରେ କବି ଚନ୍ଦ୍ରକୁମାର ମହାନ୍ତି ସ୍ମୃତି ସମାରୋହ

୨୦୨୬ ପାଇଁ 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ପାଇବେ ଯୁବକବି ଯୀଶୁ କ୍ରିଷ୍ଣ ଦାସ

ବାଲେଶ୍ୱର, ୮।୧୦ (ସମିସ): ବିଶିଷ୍ଟ କବି ଚନ୍ଦ୍ରକୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଗଠିତ ଚନ୍ଦ୍ରକୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହାର ଦଶମ ବାର୍ଷିକ ସ୍ମୃତି ସମାରୋହ ଆସନ୍ତା ଅକ୍ଟୋବର ୩୧ ତାରିଖ ସନ୍ଧ୍ୟା ୬.୩୦ରେ ଆତିଥ୍ୟ ଭବନ ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ୨୦୨୬ ବର୍ଷ ପାଇଁ ପ୍ରଦାନ କରାଯିବାକୁ ଥିବା "ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ଯୁବକବି ଯୀଶୁ କ୍ରିଷ୍ଣ ଦାସଙ୍କୁ ପ୍ରଦାନ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ ଘୋଷଣା କରାଯାଇଛି। ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ମାଧ୍ୟମରେ ପ୍ରତିବର୍ଷ ଓଡ଼ିଆ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ସର୍ଜନାତ୍ମକ ଅବଦାନ ରଖୁଥିବା ଜଣେ କବିଙ୍କୁ ଚୟନ କରି "ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର'ରେ ସମ୍ମାନିତ କରାଯାଉଛି। ଚଳିତ ବର୍ଷର ମନୋନୀତ ପ୍ରତିଭା ଯୀଶୁ କ୍ରିଷ୍ଣ ଦାସ ଓଡ଼ିଆ କବିତା ଜଗତରେ ନିଜସ୍ୱ ସୃଜନଶୀଳତା ଓ କାବ୍ୟଭାବନା ପାଇଁ ବେଶ୍ ପରିଚିତ। ଦଶମ ସ୍ମୃତି ସମାରୋହରେ ପୁରସ୍କୃତ କବି ଯୀଶୁ କ୍ରିଷ୍ଣ ଦାସଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯିବ। ଏହି ସାହିତ୍ୟ ସମାରୋହରେ ବିଶିଷ୍ଟ ଲେଖକ ଡକ୍ଟର ଗୌରହରି ଦାସ ଏବଂ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ ସମ୍ମାନନୀୟ ଅତିଥି ଭାବେ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସ୍ମୃତି ସମାରୋହରେ ସାହିତ୍ୟିକ ଆଲୋଚନା ଓ ଚନ୍ଦ୍ର କୁମାରଙ୍କ କବିତାକୁ କେନ୍ଦ୍ର କରି ବିଭିନ୍ନ କାର୍ଯ୍ୟକ୍ରମ ରହିବ। ଏହି ଅବସରରେ ଇଂରାଜୀ ଭାଷାରେ କବିତା ରଚନା କରୁଥିବା ନବପ୍ରଜନ୍ମର କବି ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ 'ଏ ସ୍ମାଇଲିଙ୍ଗ୍ ପେନ୍' ମଧ୍ୟ ଉନ୍ମୋଚିତ ହେବ। ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ମଧ୍ୟରେ ନୂଆ ପିଢ଼ିର ସୃଜନଶୀଳ ସ୍ୱରକୁ ସାମ୍ନାକୁ ଆଣିବାରେ ଏହି ପୁସ୍ତକ ଉନ୍ମୋଚନ ଅବସର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର ହେବ। ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଓ ଉତ୍ପଳ ମହାନ୍ତି ସାହିତ୍ୟପ୍ରେମୀ, କବି, ଲେଖକ ଓ ପାଠକମାନଙ୍କୁ ଏହି ଦଶମ ସ୍ମୃତି ସମାରୋହରେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି।

ନୀଳରକ୍ତ କଙ୍କଡ଼ା ମୃତ୍ୟୁହାର ହ୍ରାସ ପାଇଁ କାର୍ଯ୍ୟକ୍ରମ

ବାଲେଶ୍ୱର, ୮।୧୦(ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ତରଫରୁ ଜାତୀୟ ବନ୍ୟ ପ୍ରାଣୀ ସପ୍ତାହ ବଙ୍ଗୋପସାଗର କୂଳ ଓ ମହିଶାଳୀ ମୁହାଣରେ ପାଳିତ ହୋଇଛି। ସଂଗଠନ ସମ୍ପାଦକ ଅବନୀ କୁମାର ଜେନା ନେତୃତ୍ୱରେ ପ୍ରଥମ ପର୍ଯ୍ୟାୟରେ ଉପକୂଳରେ ଥିବା ଯୁବ ଅନୁଷ୍ଠାନମାନଙ୍କୁ ନେଇ ନେଇ କାର୍ଯ୍ୟକ୍ରମରେ ପରିବେଶ କର୍ମୀ ଉଦୟ ଭାନୁ ନାୟକ ଓ ସୁବ୍ରତ କୁମାର ବାରିକ ନୀଳରକ୍ତ କଙ୍କଡାର ଜୀବନ ଚକ୍ର ଓ ଚିକିତ୍ସା ଜଗତକୁ ସେମାନଙ୍କ ରକ୍ତର ଅବଦାନ ସମ୍ପର୍କରେ ଅବଗତ ହୋଇ ମଣିଷ କୃତ ମୃତ୍ୟୁ କିପରି କମାଯାଇ ପାରିବ ସେମାନଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ବୁଝାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହିଶାଳୀ ମୁହାଣରେ ଅତିଥି ଭାବେ ଲକ୍ଷ୍ମୀଧର ଜେନା ଭୁଟଭୁଟି ମାଲିକ ଓ କର୍ମଚାରୀଙ୍କୁ ପୃଥିବୀର ଜୀବନ୍ତ ବିସ୍ମୟ ନୀଳରକ୍ତ କଙ୍କଡାର ଜୀବନୀ ସମ୍ପର୍କରେ ଆଲୋଚନା କରି ମୃତ୍ୟୁର କାରଣ ଓ ଜୀବନ ରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୃତ୍ୟୁର କାରଣ ପାଇଁ ମୁହାଣକୁ ଛିଣ୍ଡା ଜାଲ ମୁକ୍ତ କରାଯାଇ ଜାଲରେ ଲାଗିଥିବା ନୀଳରକ୍ତ କଙ୍କଡା ଉଦ୍ଧାର କରି ସମୁଦ୍ରରେ ଛଡ଼ାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗଣେଶ ଜେନା, ଅଜିତ ଜେନା ଅଜିତ ବର୍ମାନ, ରାଜୁ କୋଇଲି, ଗୌର ପ୍ରଧାନ, ସୁବ୍ରତ ସାମଲ, ନିମାଇଁ ପ୍ରଧାନ ସୁବାସ ବର୍ମନ, ବିରଜା ପ୍ରସାଦ ନାୟକ ସହଯୋଗ କରିଥିଲେ।

ରୁଫ୍‌ଟପ୍ ସୋଲାର ପ୍ରୋତ୍ସାହନ ପାଇଁ ଟିପିଏନ୍‌ଓଡିଏଲ୍‌ର ସେବା ସେତୁ ଶିବିର

ବାଲେଶ୍ୱର,୮।୧୦(ସମିସ)

ରାଷ୍ଟ୍ରବ୍ୟାପୀ ଆୟୋଜିତ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଉତ୍ତର ଓଡ଼ିଶାରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ନେଇ ତୃଣମୂଳ ସ୍ତରରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଓ ବାଲିଆପାଳ ବ୍ଲକ୍, ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍ ଏବଂ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ୍‌ରେ ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଭୋକ୍ତାମାନେ ଟିପିଏନଓଡିଏଲ୍‌ର ସୋଲାର ସେଲ୍ କର୍ତ୍ତୃପକ୍ଷ, ଗ୍ରାହକ ସେବା ଅଧିକାରୀ, ସହଯୋଗୀ ବ୍ୟାଙ୍କ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ରୁଫ୍‌ଟପ୍ ସୋଲାର ପଞ୍ଜୀକରଣ, ଯୋଗ୍ୟତା, ସରକାରୀ ସବସିଡି ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଓ ଆବଶ୍ୟକ ସହାୟତା ପାଇଥିଲେ। ସୂଚନାଯୋଗ୍ୟ ଯେ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ତଥା ସେବା ସେତୁ ଶିବିର ମାଧ୍ୟମରେ ଗୋଟିଏ ଦିନରେ ଟିପିଏନ୍‌ଓଡିଏଲ୍ ରେ ପ୍ରାୟତଃ ୪୦୦ଜଣ ଉପଭୋକ୍ତା ଏହି ଯୋଜନା ନେଇ ପଞ୍ଜୀକରଣ କରିଛନ୍ତି ଓ ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, ରୁଫ୍‌ଟପ୍ ସୋଲାରର ବ୍ୟାପକ ସ୍ୱୀକୃତି ପାଇଁ ସଠିକ୍ ସୂଚନା ଓ ଆବଶ୍ୟକ ସହାୟତା ଗୁରୁତ୍ୱପୂର୍ଣ୍ଣ। ସେବା ସେତୁ ଶିବିର ଓ ସୋଲାର ରଥ ମାଧ୍ୟମରେ ସଂସ୍ଥା ଯୋଜନା ସମ୍ପର୍କିତ ମାର୍ଗଦର୍ଶନ ଓ ବୈଷୟିକ ସହାୟତା ଲୋକଙ୍କ ନିକଟରେ ପହଞ୍ଚାଉଛି। ଉତ୍ତର ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ସହ ଗୁଣାତ୍ମକ ବିଦ୍ୟୁତ ସେବା ନେଇ ଜିଲ୍ଲା ପ୍ରଶାସନ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଟିପିଏନଓଡିଏଲ୍ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରଖିଛି। ବାଲେଶ୍ୱରରେ 'ସେବା ସଂକଳ୍ପ ଯାତ୍ରା' ଉପଲକ୍ଷେ ସେବା ସେତୁ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ଆରଇସି ଲିମିଟେଡ୍‌ର ମୁଖ୍ୟ ପ୍ରୋଗ୍ରାମ୍ ମ୍ୟାନେଜର ଏ. ଶ୍ୟାମ ପ୍ରସାଦ ରାଓ ଓ ଗୁଲଶନ କୁମାରଙ୍କ ସମେତ ଟିପିଏନ୍‌ଓଡିଏଲ୍‌ର ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ଏବଂ ସୌର ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଶିବିର ପରିଦର୍ଶନ କରି ଉପଭୋକ୍ତାଙ୍କୁ ଯୋଜନା ସମ୍ପର୍କିତ ଲାଭ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ବାଲିଆପାଳ ଶିବିରରେ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବ୍ଲକ୍ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ ସ୍ଥାନୀୟ ପ୍ରତିନିଧି ଏବଂ ଟିପିଏନ୍‌ଓଡିଏଲ୍ ଅଧିକାରୀଙ୍କ ସହ ଯୋଗ ଦେଇ ଉପଭୋକ୍ତାମାନଙ୍କୁ ଯୋଜନାର ସୁବିଧା ସମ୍ପର୍କରେ ସଚେତନ କରାଇଥିଲେ। ସେହିପରି, ଠାକୁରମୁଣ୍ଡା ଓ ତିହିଡ଼ି ଶିବିରରେ ସ୍ଥାନୀୟ ଜନପ୍ରତିନିଧି, ସରକାରୀ ଅଧିକାରୀ ଏବଂ ଟିପିଏନ୍‌ଓଡିଏଲ୍‌ର ପ୍ରତିନିଧିମାନେ ଉପଭୋକ୍ତାଙ୍କ ସହ ବିସ୍ତୃତ ଆଲୋଚନା କରି "ପିଏମ୍ ସୂର୍ଯ୍ୟ ଘର: ମୁଫତ ବିଜୁଳି ଯୋଜନା' ଅଧୀନରେ ରୁଫ୍‌ଟପ୍ ସୋଲାର ସ୍ଥାପନର ଲାଭ ଏବଂ ବିଦ୍ୟୁତ ଦେୟରେ ହ୍ରାସ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ତର ଓଡିଶାରେ ପିଏମ୍ ସୂର୍ଯ୍ୟ ଘର: ମୁଫ ବିଜୁଳି ଯୋଜନା ସମ୍ପର୍କିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଫଳରେ ବହୁ ଉପଭୋକ୍ତା ରୁଫ୍‌ଟପ୍ ସୋଲାର ଆପଣାଇ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିପାରିଛନ୍ତି। ଯୋଜନାର ସୂଚନା ଓ ଆବେଦନ ସହାୟତା ଅଧିକ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ସେବା ସେତୁ ଶିବିରର ଆୟୋଜନ ଜାରି ରହିବ ବୋଲି ଟିପିଏନ୍‌ଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

ବିବାଦୀୟ ଜମିରେ ମୁଖ୍ୟମନ୍ତ୍ରୀ କୃଷି ଯୋଜନା

ସରକାରୀ ସବ୍‌ସିଡି ହାତେଇବା ପାଇଁ କସରତ

ଆନନ୍ଦପୁର, ୮।୧୦ (ସମିସ)

ଆନନ୍ଦପୁର ବ୍ଲକ ଅନ୍ତର୍ଗତ କନ୍ତୋ ମୌଜାର ଏକ ବିବାଦୀୟ ଜମିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ କରି ସରକାରୀ ସବସିଡିକୁ ହାତେଇବା ପାଇଁ ହେଉଥିବା କସରତ ଏବେ ପଦାରେ ପଡିଯାଇଛି। ଜମିର ମାଲିକଙ୍କ ଅଂଶୀଧାରୀର ଅନ୍ୟ ଏକ ଅଂଶୀଦାରଙ୍କ ଅଗୋଚରରେ ଗତ ୨୦୨୧ରେ ଏହି ଜମି ବିକ୍ରି ହୋଇଥିଲା। ଏନେଇ ୨୦୨୩ରେ ଆନନ୍ଦପୁର ବିଚାର ବିଭାଗୀୟ କୋର୍ଟରେ ମୋକଦମା ଚାଲିଥିବା ବେଳେ ଏହି ଜମିକୁ ଦର୍ଶାଇ ସରକାରୀ ଅର୍ଥ ଲୁଟିନେବା ଯୋଜନା ଏବେ ଉଦ୍ୟାନ ବିଭାଗରେ ଖୋଳତାଡ଼ ଆରମ୍ଭ ହୋଇଛି। ଜମି ମାଲିକଙ୍କ ଅଗୋଚରରେ ଜମିବିକ୍ରି ହୋଇଥିବାରୁ ଅଂଶୀଦାରଙ୍କ ସମେତ ୮ ଜଣଙ୍କୁ ଓକିଲ ନୋଟିସ ହେବା ଘଟଣାରେ ଉପନିବନ୍ଧକ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି। ଆନନ୍ଦପୁର ତହସିଲ କନ୍ତୋ ମୌଜାର ଖାତା ନଂ ୧୬୨ରେ ୬ଟି ପ୍ଲଟରେ ୯ ଏକର ୪ ଡିସିମିଲ ଜମି ତାଙ୍କ ଅଗୋଚରରେ ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟରେ ବିକ୍ରି କରିଦିଆଯାଇଛି। ଏନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, କଟକ ରେଜିଷ୍ଟ୍ରାର, କେନ୍ଦୁଝର ଏଡିଏମ୍, ଆନନ୍ଦପୁର ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଅବଗତ କରାଯାଇ ୧୫ ଦିନ ମଧ୍ୟରେ ବେଆଇନ ରେଜିଷ୍ଟ୍ରେସନକୁ ରଦ୍ଦକରାଯିବା ପାଇଁ ଅଂଶୀଦାର ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଆନନ୍ଦପୁର ଉଦ୍ୟାନ ଅଧିକାରୀ ମାସୁମ ମହାନ୍ତି ଏ ସମ୍ପର୍କରେ କହିଛନ୍ତି, ଏହି ଅଭିଯୋଗ ପାଇବା ପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ କାଗଜପତ୍ର ଯାଞ୍ଚ ପରେ ନିଷ୍ପତ୍ତି ନିଆଯିବ।

ଡେରା ପକାଇଛନ୍ତି ୨୬ ହାତୀ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖୁରେଟାଙ୍ଗିରୀ ସେକ୍ସନ କଣ୍ଟିଆପଡା ନିକଟରେ ୨୬ ଟିକିଆ ହାତୀପଲ ଥିବାରୁ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କରେ ଅବସ୍ଥାରେ ରହିଛନ୍ତି। ଏହି ହାତୀପଲ ଚମ୍ପୁଆ ରେଞ୍ଜରୁ ଆସି ପାଟଣା ରେଞ୍ଜକୁ ପ୍ରବେଶ କରିଥିଲେ। ହାତୀପଲ ରାତିସାରା ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରି ଦିଅନ୍ତେବେ। ସଦର ରେଞ୍ଜ ଅଞ୍ଚଳକୁ ଚାଲିଯାଉଥିଲେ। ଗୁରୁବାର ସନ୍ଧ୍ୟାରେ ଏହି ହାତୀପଲ କଣ୍ଟିଆପଡା ଗାଁ ନିକଟରେ ଡେରା ପକାଇଛନ୍ତି। ହାତୀପଲଙ୍କ ଉପଦ୍ରବ ଜାରି ରହିଥିବା ବେଳେ ବନ ବିଭାଗ ନଜର ରଖିଛି।

ଛତୁ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ବିଶୋଇ, ୮।୧୦(ସମିସ): ଛତୁ ଗୋଟାଇବା ପାଇଁ ଭୋରରୁ ଜଙ୍ଗଲକୁ ଯାଇ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତ ଅନ୍ତର୍ଗତ ଅର୍ଗଲବିନ୍ଧା ଗ୍ରାମର ରଲେ ସିଂଙ୍କ ପୁଅ ରବୀନ୍ଦ୍ର ସିଂ। ଗୁରୁବାର ଭୋର ସମୟରେ ରବୀନ୍ଦ୍ର ଗ୍ରାମ ନିକଟସ୍ଥ ବିଙ୍ଗବୁରୁ (ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲ)କୁ ଛତୁ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ ଦୁଇ ହାତରେ ଗଭୀର କ୍ଷତ ହୋଇଛଇ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ବିଶୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ଭାରପ୍ରାପ୍ତ ଅଧିକାରୀ ଯଶୋବନ୍ତ ମହାକୁଡ଼ ଓ ବନପାଳ ପ୍ରଭାତ ମହାନ୍ତ ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ବାର୍‌ହା ମାଂସ ଜବତ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ଅନ୍ତର୍ଗତ ବଣମହୁଲଡିହା ଗ୍ରାମରେ ବୁଧବାର ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ରନ୍ଧା ବାରହା ମାଂସ ସହ କଞ୍ଚା ମାଂସ ଏବଂ ୯ଟି ବୋମା ଉଦ୍ଧାର କରିଛି। ଦୁଇ ସନ୍ଦିଗ୍ଧ ଶିକାରୀ ଫେରାର ହୋଇଯାଇଥିବା ବେଳେ ବଣମହୁଲଡିହା ଗ୍ରାମର ମଙ୍ଗଳ ମୁଣ୍ଡା ଓ ସାଧୁ ମୁଣ୍ଡାଙ୍କ ଘରେ ଏହି ଚଢ଼ଉ କରାଯାଇଥିଲା। ଫେରାର ଦୁଇ ଶିକାରୀଙ୍କୁ ଧରିବା ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା କହିଛନ୍ତି। ପାଟଣା ବନପାଳ ନିରଞ୍ଜନ ସେଠୀ, ବନପାଳ ନିରଞ୍ଜନ ସେଠୀ ତୋଣ୍ଡ ବନରକ୍ଷୀ ରଞ୍ଜିତା ମହାନ୍ତଙ୍କ ସମେତ ବନ ବିଭାଗର ପାରା ଷ୍ଟାଫ୍ ଅଟଳ ସେଠୀ, କାର୍ତ୍ତିକ ମହାନ୍ତ, ରମା ମହାନ୍ତ, କୈଳାସ ମହାନ୍ତ ସାମିଲ ଥିଲେ।

ବେଆଇନ ମହୁଲପୋଚ ଓ ମଦ ନଷ୍ଟ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ବାଇଦବଜା ଅଞ୍ଚଳର ନାଳକୂଳରେ ମହୁଲି ମଦ ପ୍ରସ୍ତୁତ ସମୟରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ମହୁଲ ପୋଚ ସହ ମହୁଲି ମଦକୁ ନଷ୍ଟ କରାଯାଇଛି। ମାଫିଆମାନେ ନଦୀକୂଳରେ ଗାତ ଖୋଳି ମହୁଲ ପୋଚକୁ ଲୁଚାଇ ରଖିଥିଲେ। ଅବକାରୀ ବିଭାଗ ପକ୍ଷରୁ ୩ ହଜାର କେଜି ପୋଚ ସହ ମହୁଲିମଦକୁ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପାଟଣା ଅବକାରୀ ଅଧିକାରୀ ପଦ୍ମାବତୀ ମୁର୍ମୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ମାଫିଆ ଫେରାର ହୋଇଯାଇଥିବା ବେଳେ ରାସ୍ତାରେ କଣ୍ଟା ବିଛାଇଥିବାରୁ ଅବକାରୀ ବିଭାଗର ଗାଡିର ଚକ କଣା ହୋଇଯାଇଥିଲା। ପାଟଣା ଅବକାରୀ ଥାନାଧିକାରୀ ପଦ୍ମାବତୀ ମୁର୍ମୁ, ସୁନାରାମ ଟୁଡୁ, ସୁମନ୍ତ ବେହେରା ସାମିଲ ଥିଲେ।

ମାମୁଘରକୁ ବୁଲିବାକୁ ଆସି ନାବାଳକ ମୃତ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣାସ୍ଥିତ ମାମୁଘରକୁ ବୁଲିବାକୁ ଆସିଥିବା ନାବାଳକ(୧୪)ର ଗୁରୁବାର ମୃତ୍ୟୁ ଘଟିଛି। ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ଗ୍ରାମର ରଞ୍ଜନ ମୁଖିଙ୍କ ୧୪ ବର୍ଷୀୟ ପୁଅ ଗଣେଶ ମୁଖି ପାଟଣା ମୁଖ୍ୟାଳୟ ନିକଟସ୍ଥ କାମେଶ୍ୱରପୁର ଗ୍ରାମରେ ଥିବା ତାଙ୍କ ଅଜା ଅଶୋକ କାରୁଆଙ୍କ ଘରକୁ ଆସିଥିଲେ। ଗତ କିଛି ଦିନ ହେବ ସେ ପ୍ରବଳ ଜ୍ୱରରେ ପୀଡ଼ିତ ଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ବିଳମ୍ବିତ ରାତିରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଶିବ ମନ୍ଦିରରୁ ଚୋରି

ରାଇରଙ୍ଗପୁର, ୮।୧୦(ସମିସ): ବହଳଦା ଥାନା ଅନ୍ତର୍ଗତ ଶଶ ପଞ୍ଚାୟତର ଖେଜୁରୀତାଣ୍ଡିସ୍ଥ ଶିବ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ବିଭିନ୍ନ ପୂଜା ଉପକରଣ ସମେତ ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଗୁରୁବାର ସକାଳେ ଗ୍ରାମବାସୀ ମନ୍ଦିର ଦ୍ୱାର ଖୋଲିବା ବେଳକୁ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହଳଦା ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଚେକ୍ ବାଉନ୍ସ ମାମଲା

ଶିକ୍ଷକଙ୍କୁ ୬ ମାସ ଜେଲ୍, ୧୫ ଲକ୍ଷ ଜରିମାନା

ବାରିପଦା, ୮।୧୦(ସମିସ): ୧୪ ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ମାମଲାରେ ବାରିପଦା ଏସ୍‌ଡିଜେଏମ୍ ଅଦାଲତ ଶୁଳିଆପଦା ହାଇସ୍କୁଲର ସହକାରୀ ଶିକ୍ଷକ ଚନ୍ଦନ କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ୍ ଦଣ୍ଡ ସହ ୧୫ ଲକ୍ଷ ୨୬ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅତିରିକ୍ତ ୨ ମାସ ଜେଲ୍ ଭୋଗିବାକୁ ପଡ଼ିବ। ଜଣେ ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରଶେଖର ମହାପାତ୍ରଙ୍କଠାରୁ ଜମି କିଣିବା ଆଳରେ ଶ୍ରୀ ଜେନା ତାଙ୍କ ପେନସନ୍ ଅର୍ଥ ଧାର ନେଇଥିଲେ। ଟଙ୍କା ଫେରସ୍ତ ପାଇଁ ଦେଇଥିବା ୧୪ ଲକ୍ଷ ଟଙ୍କାର ଚେକ୍ ବ୍ୟାଙ୍କରେ ବାଉନ୍ସ ହେବା ଓ ବାରମ୍ବାର ନୋଟିସ୍ ସତ୍ତ୍ୱେ ଅର୍ଥ ପରିଶୋଧ ନ କରିବାରୁ ଏହି ମାମଲା ରୁଜୁ ହୋଇଥିଲା। ଏସ୍‌ଡିଜେଏମ୍ ଜୁଏଲ ପଟ୍ଟନାୟକ ପ୍ରମାଣ ଆଧାରରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ଆଦର୍ଶ ଶିକ୍ଷକଙ୍କ ପରଲୋକ

ତେଲକୋଇ, ୮।୧୦(ସମିସ): ତେଲକୋଇ ବ୍ଲକର ଜଣେ ଆଦର୍ଶ ତଥା ଦକ୍ଷ ଗଣିତ ଶିକ୍ଷକ ଭଗବାନ୍ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତରାତିରେ ପରଲୋକ

ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଧାର୍ମିଳା ଦାସ ଓ ୩ଜଣ ଝିଅ ଏବଂ ଜ୍ୱାଇଁ ଉପସ୍ଥିତ ଥିଲେ। ମୃତ ଶରୀରକୁ ଏକ ଅମ୍ବୁଲାନ୍ସ ଯୋଗେ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟକୁ ଅଣାଯାଇଥିଲା। ପ୍ରଧାନଶିକ୍ଷକ ଦିଲ୍ଲୀପ ପଇଦା, ଶିକ୍ଷକ ମନୋଜ ସାହୁ, ତନ୍ମୟ ରଞ୍ଜନ ସେଠୀ, ପ୍ରତାପଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ବନ୍ଦନା ମଝି ସାହୁ, କୌଶଲ୍ୟା ଜେନା, ପ୍ରଭାତୀ ମହାନ୍ତ, ତେଲକୋଇ ବ୍ଲକ୍ ଓଷ୍ଟା ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ଉପସଭାପତି ଅକ୍ଷୟ ବାରିକ, ସୁଜାତା ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ ବିଶ୍ୱାଳ, ଚନ୍ଦ୍ରଶେଖର ମହାନ୍ତ, ଅରବିନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ। ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ବାବୁଲାଲ ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ୍ ବାସୁଦେବ ମହାନ୍ତ, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ, ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ କୈଳାସଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ବିରଞ୍ଚି ବେହେରା ଓ ଅନୁକୂଳ ବିଶ୍ୱାଳ ଶେଷ ଦର୍ଶନ କରିଥିଲେ।

ସାମ୍ବାଦିକଙ୍କ ମାତୃ ବିୟୋଗ

ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ୪ ନଂ ୱାର୍ଡନିବାସୀ ସାମ୍ବାଦିକ ନିର୍ମଳଚନ୍ଦ୍ର ରାଉଳଙ୍କ ମା' ମନୋରମା ରାଉଳ (୭୬)ଙ୍କ

ଦେହାନ୍ତ ହୋଇଛି। ସ୍ୱର୍ଗତ ରାମଚନ୍ଦ୍ର ରାଉଳଙ୍କ ପତ୍ନୀ ମନୋରମା ନିଜ ବାସଭବନରେ ଚିକିତ୍ସାଧୀନ ଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ମୃତ୍ୟୁ ପରେ ପରିବାରର ସମେତ ସମସ୍ତ ବନ୍ଧୁ ଓ ପରିବାର ବର୍ଗ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଚାରି ପୁଅ, ବୋହୂ, ଝିଅ ଓ ଜ୍ୱାଇଁଙ୍କ ସମେତ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ବୈତରଣୀ କୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ମଝିଆ ପୁଅ ବ୍ରହ୍ମାନନ୍ଦ ରାଉଳ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଆନନ୍ଦପୁର ଅଞ୍ଚଳ ସମେତ ଦଳେଇସାହିର ସମସ୍ତ ବାସିନ୍ଦା ଗଭୀର ଶୋକ ପ୍ରକାଶ କରିଛନ୍ତି।

କପ୍ତିପଦା ଡିଗ୍ରୀ କଲେଜରେ ନବାଗତଙ୍କୁ ସ୍ୱାଗତ

କପ୍ତିପଦା,୮।୧୦(ସମିସ): ନୂଆସାହିସ୍ଥ କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟରେ +୩ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିବା ନବଗତଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ସ୍ୱାଗତ ଜଣାଇଥିଲେ। ଉତ୍ସବରେ ସମସ୍ତ ବିଭାଗର ଅଧ୍ୟାପକ/ଅଧ୍ୟାପିକା ଉପସ୍ଥିତ ରହି ମହାବିଦ୍ୟାଳୟର ଅତୀତର ଖ୍ୟାତି ଓ ବିଭିନ୍ନ କ୍ଷେତ୍ରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯେଉଁ ଯଶ ଆଣିଛନ୍ତି ସେ ବିଷୟରେ ଆଲୋକପାତ କରିଥିଲେ। ନୂତନ ଭାବେ ଖୋଲିଥିବା ଏଇଡିପି ପାଠ୍ୟକ୍ରମର ଆକର୍ଷଣୀୟ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

୧୩ରେ ଉପଖଣ୍ଡସ୍ତରୀୟ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା

ରାଇରଙ୍ଗପୁର, ୮।୧୦(ସମିସ): ସେବା ସଂକଳ୍ପ ଅଭିଯାନ ଅବସରରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତାକୁ ନେଇ ଏକ ଉପଖଣ୍ଡସ୍ତରୀୟ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ୧୩ ତାରିଖ ପୂର୍ବାହ୍ନ ୧୧ଟାରେ ମହୁଲଡିହାସ୍ଥ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତ୍ୟେକ ବିଦ୍ୟାଳୟରୁ ପ୍ରତି ପ୍ରତିଯୋଗିତା ନିମନ୍ତେ ଜଣେ ଲେଖାଏଁ (ସର୍ବାଧିକ ଦୁଇଜଣ) ଭାଗ ନେଇପାରିବେ। ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ଫର୍ମ ପୂରଣ କରି ତାହାକୁ ସ୍ୱାକ୍ଷର ଓ ମୋହର ସହ ଏଡିଡିଏଲଆରଟିଓ ରାଇରଙ୍ଗପୁର ଆର୍‌ଟିଓ ୟାହୋ ଡଟ୍ ଇନ୍ ଏୟୁସିଏଫ୍ ଜରିଆରେ ୧୨ ତାରିଖ ସୁଦ୍ଧା ପଠାଇବାକୁ କୁହାଯାଇଛି। ମନୋନୀତ ପ୍ରତିଯୋଗୀ ୧୩ ତାରିଖ ସକାଳ ୧୦ଟା ସୁଦ୍ଧା ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମହୁଲଡିହା ଥାନାରେ ରକ୍ତଦାନ ଶିବିର

ମହୁଲଡିହା/ଠାକୁରମୁଣ୍ଡା, ୮।୧୦(ସମିସ): ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନ ମହୁଲଡିହା ଥାନା ପକ୍ଷରୁ ଥାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ପାତ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ।

ଶିବିରରେ ପ୍ରଥମ ରକ୍ତଦାତା ଭାବେ ମହୁଲଡିହା ଥାନା ଆଇଆଇସି ବିରେନ୍ଦ୍ର ରାଉତ ରକ୍ତଦାନ କରିଥିଲେ। ପରେ ଥାନାର ଅନ୍ୟ କର୍ମଚାରୀ, ବନ ବିଭାଗ କର୍ମଚାରୀ, ସ୍ଥାନୀୟ ସେବା ମନୋଭାବ ରଖୁଥିବା ବିଭିନ୍ନ ସଂସ୍ଥାନରେ କାର୍ଯ୍ୟରତ ଯୁବକ/ଯୁବତୀ ଓ ମହିଳାମାନେ ରକ୍ତଦାନ କରିଥିଲେ। ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ସହ ମହୁଲଡିହା ସରପଞ୍ଚ ଚମ୍ପାବତୀ ଟୁଡୁ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିର ଶେଷରେ ଥାନା ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମମତା ସାହୁ ଶିବିରକୁ ସଫଳ କରିଥିବାରୁ ଥାନା ଅଧିକାରୀ ଶ୍ରୀ ରାଉତ ଓ ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏସ୍‌ୟୁସିଆଇର ପ୍ରତିବାଦ ସଭା

ଖୁଣ୍ଟ/ଯଶିପୁର, ୮।୧୦(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଯଶିପୁରରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍‌ଆଇଆର୍ ପ୍ରକ୍ରିୟା ରଦ୍ଦ, ଭୋଟର ତାଲିକାରୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ପଡ଼ିଥିବା ୧୪ କୋଟି ଭୋଟରଙ୍କ ନାମ ପୁନଃସଂଯୋଗ, ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ବାତିଲ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ପାଠ୍ୟପୁସ୍ତକ ପ୍ରତ୍ୟାହାର, ସରକାରୀ ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ବାତିଲ ଆଦି ଦାବି କରାଯାଇଥିଲା। ଦଳୀୟ କର୍ମୀ ଓ ସମର୍ଥକ ବିଭିନ୍ନ ଦାବି ସମ୍ବଳିତ ସ୍ଲୋଗାନ ଦେଇ ଯଶିପୁର ବଜାର ପରିକ୍ରମା କରିଥିଲେ। ପରେ ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଦସ୍ୟ ମନୋଜ ମହାନ୍ତ ସଭାପତିତ୍ୱ କରିଥିଲେ। ଅନ୍ୟତମ ଜିଲ୍ଲା କମିଟି ସଦସ୍ୟ ଲଳିତ ମହାନ୍ତ, ପ୍ରକାଶ ମଢ଼େଇ, ଦ୍ରୌପଦୀ ମହାନ୍ତ, ପ୍ରମୋଦ ମହାନ୍ତ ଓ ନୀଳାମ୍ବର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠକ ସୁଶାନ୍ତ ମୁର୍ମୁ, କଲ୍ୟାଣ ନାଏକ ଓ ସଞ୍ଜୟ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

यूनियन बैंक ऑफ इंडिया Union Bank of India — भारत सरकार का उपक्रम A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର

ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୯୬୬୮୩୭୬୪୧୧

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **୨୮.୧୦.୨୦୨୬ରିଖ** ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank

ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ମେସର୍ସ ଏସ୍.ଏମ୍. ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ୰ ଶଙ୍କର କୁମାର ଦାସ, ପିତା: ଶ୍ରୀ ଗୋଲକ ବିହାରୀ ଦାସ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀମତୀ ପ୍ରଭାତୀ ଦାସ,** ସ୍ୱାମୀ: ୰ ଶଙ୍କର କୁମାର ଦାସ, ଉଭୟଙ୍କ ଠିକଣା- ସା/ପୋ: ସୁକିନ୍ଦା, ଥାନା: ସୁକିନ୍ଦା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୮	ଟ.୧୫,୮୩,୮୨୦.୪୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୧: ୰ ଶଙ୍କର କୁମାର ଦାସ, ପିତା: ଶ୍ରୀ ଗୋଲକ ବିହାରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬୪/୧୧୪, ପ୍ଲଟ୍ ନଂ.: ୨୧୨୮/୩୧୩୧, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ମୌଜା: ମାଧପୁର, ଥାନା: ସୁକିନ୍ଦା (ଥାନା ନଂ.-୧୦୩), ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱରେ- ପୂର୍ବ: ସତ୍ୟନାରାୟଣ ମହାପାତ୍ର, ପଶ୍ଚିମ: ନିଜସ୍ୱ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୦,୬୦,୦୦୦.୦୦ / ଅମାନତ ଜମା ରାଶି: ଟ.୩,୦୬,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୦,୬୦୦.୦୦

ବରୁଆଁ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୯୪୪୯୦୦୮୨୫୨, ଇମେଲ: ubin0806633@unionbankofindia.bank

ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ମେସର୍ସ ମା ପ୍ୟାଡ଼ି ରାଇସ୍ ପ୍ରୋସେସିଙ୍ଗ ୟୁନିଟ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସରୋଜିନୀ ରାୟ, ସ୍ୱାମୀ: ୰ ବ୍ରଜ କିଶୋର ରାୟ / **କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକାଦାତାମାନେ: ୰ ବ୍ରଜ କିଶୋର ରାୟଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କମଳା ରାୟ,** ୰ ବ୍ରଜକିଶୋର ରାୟଙ୍କ ମାତା, **୨) ଶ୍ରୀମତୀ ସରୋଜିନୀ ରାୟ,** ସ୍ୱାମୀ: ୰ ବ୍ରଜ କିଶୋର ରାୟ, **୩) ଶ୍ରୀ ସତ୍ୟବ୍ରତ ରାୟ,** ପିତା: ୰ ବ୍ରଜ କିଶୋର ରାୟ, **୪) ଶ୍ରୀ ସୁବ୍ରତ ରାୟ,** ପିତା: ୰ ବ୍ରଜ କିଶୋର ରାୟ, ସମସ୍ତଙ୍କ ଠିକଣା- ସା/ପୋ: ରୁଦ୍ରପୁର, ଭାୟା: ବ୍ରହ୍ମବରଦା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୫	୧୨.୦୧.୨୦୨୬ ସୁଦ୍ଧା ଟ.୪,୧୨,୪୩୮.୭୮ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୨: ୰ ବ୍ରଜ କିଶୋର ରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୨୦, ପ୍ଲଟ୍ ନଂ.: ୨୩୭୭, କ୍ଷେତ୍ର: ଏକର୦.୦୩ ଡିସିମିଲି (କ୍ଷେତ୍ର ଏକର୦.୦୫ଡିସିମିଲିରୁ), ପ୍ଲଟ୍ ନଂ.: ୩୬୪୨, କ୍ଷେତ୍ର: ଏକର୧.୦୭ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧.୧୦ ଡିସିମିଲି,** ମୌଜା: ରୁଦ୍ରପୁର, ଏସ୍‌ଆରଓ: ବରୀ, ପୋ: ରୁଦ୍ରପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଖାଲି ଜମି, ପୂର୍ବ: ଖାଲି ଜମି, ପଶ୍ଚିମ: ଶ୍ରୀ ବାରିକଙ୍କ ଗୃହ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୬୨,୬୯୯.୭୫ / ଅମାନତ ଜମା: ଟ.୧,୦୬,୨୬୯.୯୭ / ବିଡ୍ ବୃଦ୍ଧି ରାଶି: ଟ.୧୦,୬୨୭.୦୦

ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank

ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ, ପିତା: ଶ୍ରୀ କୁଳମଣି ସେଠୀ, ସା: ଆମ୍ଭୋର, ପୋ: ଜଳସୁଆପାଟଣା, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରତ୍ନାକର ମହାରଣା,** ସା.: ଟୋଲକାନୀ, ପୋ.: ଚିତୀରି, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨	ଟ.୧୫,୩୯,୭୦୧.୮୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ

ସମ୍ପତ୍ତିର ବିବରଣୀ-୩: ଶ୍ରୀ ଶ୍ରୀକାନ୍ତ ସେଠୀ, ପିତା: ଶ୍ରୀ କୁଳମଣି ସେଠୀଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.: ୪୮, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ଆମ୍ଭୋର, ପୋ: ଜଳସୁଆପାଟଣା, ଥାନା: ଟମକା, ଥାନା ନଂ. ୬୭, ତହସିଲ: ଦାନଗଦି, ଜିଲ୍ଲା: କେନ୍ଦୁଝର, ଏହାର ଚରିପାର୍ଶ୍ୱରେ- ପୂର୍ବ: କୀର୍ତ୍ତନ ମହାପାତ୍ର, ପଶ୍ଚିମ: ପାଣୁ ସେଠୀ ଏବଂ ରାସ୍ତା, ଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ ଏବଂ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯,୪୧,୧୭୯.୫୦ / ଅମାନତ ଜମା ରାଶି: ଟ.୯୪,୧୧୮.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ,** ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯	୧୩.୧୧.୨୦୨୫ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୪: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍କନାଥ ସାହୁ, ଦକ୍ଷିଣ: ଅନାବାଦୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୮,୭୮,୦୫୦.୦୦ / ଅମାନତ ଜମା ରାଶି: ଟ.୮୭,୮୦୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୯୯୧୦୧୧୦୬୯୬, ଇମେଲ: ubin0933562@unionbankofindia.bank

ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ମେସର୍ସ ମା ବୁଢ଼ୀ ଜାଗୁଳାଇ ଭେରାଇଟି ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସସ୍ମିତା ମିଶ୍ର / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ମଧୁସୂଦନ ମହାରଣା, ଉଭୟଙ୍କ ଠିକଣା- ସା: ନୂଆ, ପୋ: ଅନ୍ତରା, ଭାୟା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୩୪	ଟ.୨୨,୨୬,୪୯୮.୭୮ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୫: ଶ୍ରୀ ମଧୁସୂଦନ ମହାରଣାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୩୨୦, ପ୍ଲଟ୍ ନଂ.:୧୬୩୪, କ୍ଷେତ୍ର: ଏକର୦.୦୮୦ଡିସିମିଲି, ପ୍ଲଟ୍ ନଂ.: ୧୬୩୬, କ୍ଷେତ୍ର: ଏକର୦.୦୨୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୬୩୭, କ୍ଷେତ୍ର: ଏକର୦.୦୮୦ ଡିସିମିଲି, ମୌଜା: ନୂଆ, ଥାନା: ସିମୁଳିଆ, ତହସିଲ: ଖଇରା ନଂ. ୩୪୯, ଜିଲ୍ଲା: ବାଲେଶ୍ୱର, ସମୁଦାୟ କ୍ଷେତ୍ର: ଏକର୦.୧୮୦ ଡିସିମିଲି, **ପ୍ଲଟ୍ ନଂ. ୧୬୩୪**ର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୩୩, ଦକ୍ଷିଣ: ପ୍ଲଟ୍ ନଂ. ୧୮୪୪, ପୂର୍ବ: ପ୍ଲଟ୍ ନଂ. ୧୬୫୦, ପଶ୍ଚିମ: ରାସ୍ତା, **ପ୍ଲଟ୍ ନଂ. ୧୬୩୬ ଏବଂ ୧୬୩୭**ର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୩୧ ଏବଂ ପ୍ଲଟ୍ ନଂ. ୧୬୩୮, ଦକ୍ଷିଣ: ପ୍ଲଟ୍ ନଂ. ୧୬୩୩ ଏବଂ ପ୍ଲଟ୍ ନଂ. ୧୬୩୫, ପୂର୍ବ: ପ୍ଲଟ୍ ନଂ. ୧୬୪୦, ପଶ୍ଚିମ: ପ୍ଲଟ୍ ନଂ. ୧୬୩୧ ଏବଂ ପ୍ଲଟ୍ ନଂ. ୧୬୩୨
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୯୩,୯୫୦.୦୦ / ଅମାନତ ଜମା: ଟ.୧,୦୯,୩୯୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୯୪୦.୦୦

ଯାଜପୁର ଟାଉନ୍-୨ ଶାଖା, ୟୁନିଟ୍-୮, ଜଗେଶ୍ୱରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୧, ମୋ.: ୯୯୧୮୫୦୧୧୯୯, ଇମେଲ: ubin0828271@unionbankofindia.bank

ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ଶ୍ରୀ ଭାବଗ୍ରାହୀ ପଣ୍ଡା, ପିତା: କେଦାରନାଥ ପଣ୍ଡା / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ କେଦାରନାଥ ପଣ୍ଡା,** ପିତା: ଅନାମ ଚରଣ ପଣ୍ଡା, ଉଭୟଙ୍କ ଠିକଣା- ସା: କମାରସାହି, କଟିକଟା, ରାମବାଗ, ମାଂସଡାବିନ୍ଧା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୪	୦୨.୦୨.୨୦୨୬ ସୁଦ୍ଧା ଟ.୪,୦୫,୬୫୮.୨୫ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୬: ଶ୍ରୀ କେଦାରନାଥ ପଣ୍ଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୯, ପ୍ଲଟ୍ ନଂ.: ୨୦, କ୍ଷେତ୍ର: ଏକର୦.୦୬ ଡିସିମିଲି, ମୌଜା: ମାଂସଡାବିନ୍ଧା, ତହସିଲ: ଦଶରଥପୁର ଏବଂ ତହସିଲ ନଂ. ୨୩୧, ଥାନା: ଯାଜପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଆଦିତ୍ୟ ପାଣିଗ୍ରାହୀ, ଦକ୍ଷିଣ: ବୈଷ୍ଣବ ପରିଡା ଏବଂ ରାସ୍ତା, ପଶ୍ଚିମ: ବିଷ୍ଣୁ ଚରଣ ପରିଡା ଏବଂ ଅନ୍ୟମାନେ, ପୂର୍ବ: ଆଦିତ୍ୟ ପାଣିଗ୍ରାହୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୨୬,୩୦୦.୦୦ / ଅମାନତ ଜମା ରାଶି: ଟ.୧,୪୨,୬୩୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୪,୨୬୩.୦୦

ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank

ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଜୀମୂତ କୁମାର ମିତ୍ର, ସାପୋ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରପଡା, ଓଡ଼ିଶା, ପିନ୍-୭୫୪୨୧୧, **ଆଇନଗତ ଉତ୍ତରାଧିକାରୀମାନେ: ୧) ଜ୍ୟୋତ୍ସ୍ନାରାଣୀ ମିତ୍ର, ୨) ପ୍ରଦୀପ କୁମାର ମିତ୍ର, ୩) ସନ୍ଦୀପ କୁମାର ମିତ୍ର, ୪) ହେମଦୀପ କୁମାର ମିତ୍ର, ୫) କୁଳଦୀପ କୁମାର ମିତ୍ର, ୬) ଚିନ୍ମୟୀ ସେନ୍, ୭) ପୂର୍ଣ୍ଣଶ୍ରୀ ଦାସ, ୮) ଇତିଶ୍ରୀ ଦେ,** ସମସ୍ତଙ୍କ ବାସସ୍ଥାନ ଠିକଣା- ପୁରୁଷୋତ୍ତମ ବିହାର, ପିଏଚ୍‌ଡି କଲୋନୀ, ଗ୍ରାମ: ସାମରାଏପୁର, ପୋ/ଥାନା/ଜିଲ୍ଲା: ଭଦ୍ରକ	୦୯.୦୬.୨୦୨୬ ସୁଦ୍ଧା ଟ.୯,୭୮,୩୯୫.୬୬ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୭: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଜୀମୂତ କୁମାର ମିତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨୧/୭୯୨, ପ୍ଲଟ୍ ନଂ.: ୪୭୨/୩୩୮୮, ସମୁଦାୟ କ୍ଷେତ୍ର: ଏକର୦.୧୪୦ଡିସିମିଲି, ମୌଜା: ସାମରାଏପୁର, ଥାନା: ଭଦ୍ରକ (ନଂ.-୮୬), ତହସିଲ: ଭଦ୍ରକ (ନଂ.-୨୫୯), ଜିଲ୍ଲା: ଭଦ୍ରକ, ଏହାର ଚରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୨୪୫୯, ପଶ୍ଚିମ: ରାସ୍ତା, ଉତ୍ତର: ବନମାଳୀ ଦାସ, ଦକ୍ଷିଣ: କାଳନ୍ଦୀ ବେହେରା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୩,୨୫,୮୪୫.୫୦ / ଅମାନତ ଜମା ରାଶି: ଟ.୪,୩୨,୫୮୪.୫୫ / ବିଡ୍ ବୃଦ୍ଧି ରାଶି: ଟ.୪୩,୨୫୮.୦୦

ମଙ୍ଗଳପୁର ଶାଖା, ଖୁଲଣା ଭବନ ରୋଡ୍, କନିକାପଡ଼ା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୧ ଫୋନ୍ ନଂ.: ୮୬୫୮୪୦୯୬୩୦, ଇମେଲ: ubin0573001@unionbankofindia.bank

ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା:	ବକେୟା ଦେୟ
ଋଣଗ୍ରହୀତା: ଶ୍ରୀମତୀ କବିତା ରାଣୀ ପଣ୍ଡା, ସ୍ୱାମୀ: ରମେଶ ପ୍ରସାଦ ପଣ୍ଡା / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରଘୁନାଥ ପଣ୍ଡା,** ପିତା: ବୀରଭଦ୍ର ପଣ୍ଡା, ଉଭୟଙ୍କ ଠିକଣା- ସା/ପୋ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୬	ଟ.୧୦,୦୪,୫୦୦.୭୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ

ସମ୍ପତ୍ତି ନଂ.-୮: ଶ୍ରୀ ରଘୁନାଥ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୭୭୮, ଖାତା ନଂ.: ୧୦୬୭, ଅନୁରୂପ ସାବିକ ପ୍ଲଟ୍ ନଂ.: ୧୭୪୨, ଖାତା ନଂ.: ୩୧୪, କ୍ଷେତ୍ର: ଏକର୦.୨୫ ଡିସିମିଲି, ମୌଜା: ଦଶରଥପୁର, ଏସ୍‌ଆରଓ: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶଙ୍କର୍ଷଣ ନାୟକ, ଦକ୍ଷିଣ: ରୁକ୍ମଣୀ ପାଣିଗ୍ରାହୀ, ପୂର୍ବ: ଅର୍ଜ୍ଜୁନ ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୨,୦୩,୬୦୦.୦୦ / ଅମାନତ ଜମା: ଟ.୧,୨୦,୩୬୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୨,୦୩୬.୦୦

ଇ-ନିଲାମ ତାରିଖ ଏବଂ ସମୟ: ୨୮.୧୦.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୦୮.୧୦.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ନାନାଙ୍କୁ ନମନ



ନାନା ପାଟେକର

୧୯୫୧-୨୦୨୬

ଭାରତୀୟ ସିନେମା ଜଗତର ସବୁଠାରୁ ପ୍ରଭାବଶାଳୀ ସ୍ୱର ଚିରକାଳ ପାଇଁ ନୀରବି ଯାଇଛି । ନିଜର ବିପ୍ଳବାତ୍ମକ ଅଭିନୟ, ସ୍ୱତନ୍ତ୍ର ସଂଳାପ ଶୈଳୀ ଏବଂ ସରଳ ମାନବିକତା ବଳରେ କୋଟି କୋଟି ଦର୍ଶକଙ୍କ ହୃଦୟରେ ରାଜ୍ କରିଥିବା ପ୍ରଖ୍ୟାତ ଅଭିନେତା ତଥା ମହାନ ସମାଜସେବୀ ନାନା ପାଟେକରଙ୍କର ଆଜି ୭୫ ବର୍ଷ ବୟସରେ ଗୋଆଠାରେ ପରଲୋକ ଘଟିଛି । 'ପରିନ୍ଦା'ର ଆନ୍ନା ହେଉ କି 'କ୍ରାନ୍ତିବୀର'ର ପ୍ରତାପ ତିଲକ କିମ୍ବା 'ୱେଲକମ୍'ର ଉଦୟ ଶେଟ୍ଟି ଭଳି ଭୂମିକା ମାଧ୍ୟମରେ ସେ ନିଜର ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ସୃଷ୍ଟି କରିଥିଲେ । କଳାଜଗତ ପ୍ରତି ତାଙ୍କର ଏହି ଅନନ୍ୟ ଅବଦାନ ପାଇଁ ତାଙ୍କୁ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସିନେମାର ଷ୍ଟାରଡମ୍ ମଧ୍ୟରେ ସୀମିତ ନ ରହି ସେ ବାସ୍ତବ ଜୀବନରେ ମଧ୍ୟ ହିରୋ ସାଜିଥିଲେ । ନିଜେ ଅତ୍ୟନ୍ତ ସରଳ ଜୀବନ ଜୀଇଁବା ସହ ମହାରାଷ୍ଟ୍ରର ମରୁଡ଼ି ପ୍ରଭାବିତ ଗରିବ ଚାଷୀମାନଙ୍କ କଲ୍ୟାଣ ପାଇଁ ସେ 'ନାମ ଫାଉଣ୍ଡେସନ' ମାଧ୍ୟମରେ ନିଜ ଜୀବନର ସର୍ବସ୍ୱ ଉତ୍ସର୍ଗ କରିଦେଇଥିଲେ । ତାଙ୍କର ଏହି ଆକସ୍ମିକ ବିୟୋଗ ବଲିଉଡ୍ ଏବଂ ମରାଠୀ ସିନେମା ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି । ନାନାଙ୍କ ବିୟୋଗରେ ସାରା ଦେଶ ତଥା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି । ସିନେମା ଜଗତର ଏହି ଅନନ୍ୟ 'କ୍ରାନ୍ତିବୀର'ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି 'ସକାଳ' ପରିବାର ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

ବିଶ୍ୱନାଥ ପାଟେକରରୁ ନାନା ପାଟେକର

ବିଶ୍ୱନାଥ ପାଟେକର (ନାନା ପାଟେକର) ଏକ ସାଧାରଣ ପରିବାରରୁ ଆସି ନିଜର ପରିଶ୍ରମ ବଳରେ ଭାରତୀୟ ସିନେମା ଜଗତର ଜଣେ ମହାନ କଳାକାର ହୋଇପାରିଥିଲେ । ନାନା ଚକ୍‌ଲେଟ୍ ହିରୋ କିମ୍ବା ଷ୍ଟାଇଲିଶ୍ ଲୁକ୍‌ର ଚେହେରା ପାଇ ନ ଥିଲେ ସତ କିନ୍ତୁ ନିଜର ଅସାଧାରଣ ଅଭିନୟ ଶୈଳୀ, ଦମ୍‌ଦାର ସଂଳାପ ଏବଂ ଜୀବନ୍ତ ଅଭିନୟ ବଳରେ ସେ ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ପ୍ରମାଣ କରିଦେଇଛନ୍ତି ଯେ, ସିନେମାରେ ସଫଳ ହେବା ପାଇଁ କେବଳ ସୁନ୍ଦର ଚେହେରା ନୁହେଁ, ବରଂ ପ୍ରତିଭାର ଆବଶ୍ୟକତା ସବୁଠାରୁ ଅଧିକ । ବଲିଉଡ୍ ଠାରୁ ମରାଠୀ ସିନେମା ପର୍ଯ୍ୟନ୍ତ ସବୁଥିରେ ସେ ତାଙ୍କ ଅଭିନୟର ଛାପ ଛାଡ଼ିଥିଲେ । ନାନାଙ୍କ ଜନ୍ମ ଜାନୁଆରୀ ୧, ୧୯୫୧ ରେ ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ମୁରୁଦ-ଜଞ୍ଜିରାରେ ହୋଇଥିଲା । ୧୯୭୮ ମସିହାରେ 'ଗମନ'ଚଳଚ୍ଚିତ୍ର ମାଧ୍ୟମରେ ସେ ହିନ୍ଦୀ ସିନେମାରେ ପାଦ ଥାପିଥିଲେ । ପ୍ରାରମ୍ଭରେ, ସେ ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ କାମ କରିଥିଲେ । ୧୯୮୯ ମସିହାରେ 'ପରିନ୍ଦା' ଚଳଚ୍ଚିତ୍ର ତାଙ୍କ କ୍ୟାରିୟରରେ ଏକ ପ୍ରମୁଖ ମୋଡ଼ ଦେଇଥିଲା । 'ପରିନ୍ଦା'ରେ ଜଣେ ମାନସିକ ବିକୃତ ଅଣ୍ଡରୱାର୍ଲଡ୍ ଡନ୍ 'ଆନ୍ନା' ଭୂମିକାରେ ତାଙ୍କର ଅଭିନୟ ତାଙ୍କୁ ବଡ଼ ସଫଳତା ଦେଇଥିଲା । ଏହାପରେ 'କ୍ରାନ୍ତିବୀର' ରେ ତାଙ୍କର ଦେଶପ୍ରେମୀ ଅଭିନୟ ତଥା ଦମ୍‌ଦାର୍ ଡାଇଲଗ୍ ତାଙ୍କୁ ବଲିଉଡ୍‌ର ସୁପରଷ୍ଟାର ପରିଚୟ ଦେଇଥିଲା । ତାଙ୍କର ସର୍ବୋତ୍ତମ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ 'ଅଙ୍କୁଶ', 'ପ୍ରତିଘାତ', 'ପ୍ରହାର', 'ତିରଙ୍ଗା', 'କ୍ରାନ୍ତିବୀର', 'ଖାମୋଶୀ: ଦି ମ୍ୟୁଜିକାଲ୍', 'ଅବ ତକ୍ ଛପ୍ପନ', 'ଅପହରନ୍', 'ରାଜନୀତି', 'ୱେଲକମ୍' ଏବଂ 'ୱେଲକମ୍ ବ୍ୟାକ୍' ଆଦି ରହିଛି । ସିନେମା ଜଗତକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୧୩ରେ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ସେ ନିଜର ଦମଦାର୍ ଅଭିନୟ ପାଇଁ ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୫ଟି ଫିଲ୍ମଫେୟାର ପୁରସ୍କାର ଜିତିଥିଲେ ।

ସଂଳାପର ସମ୍ରାଟ୍

ନାନା ପାଟେକର ଯେତେବେଳେ ପରଦାକୁ ଆସୁଥିଲେ, ତାଙ୍କ କହିବାର ସ୍ୱତନ୍ତ୍ର ଅନ୍ଦାଜ, ସ୍ୱରର ଗାମ୍ଭୀର୍ଯ୍ୟ ଏବଂ ଚେହେରାର ଆକ୍ରୋଶ ସିନେମା ହଲ୍‌ରେ କରତାଳିର ଝଡ଼ ସୃଷ୍ଟି କରୁଥିଲା । ତାଙ୍କର କିଛି ଏମିତି ଦମ୍‌ଦାର୍ ଡାଏଲଗ୍, ଯାହା ଆଜି ବି ପ୍ରତିଟି ସିନେପ୍ରେମୀଙ୍କ ମନରେ ସତେଜ ରହିଛି...

- "ଆ ଗୟେ ମେରୀ ମୌତ୍ କା ତମାସା ଦେଖ୍‌ନେ"(କ୍ରାନ୍ତିବୀର)
- "ୟେ ମୁସଲମାନ କା ଖୁନ୍, ୟେ ହିନ୍ଦୁ କା ଖୁନ୍..." (କ୍ରାନ୍ତିବୀର)
- "ଏକ୍ ମଚ୍ଛର୍ ଆଦ୍‌ମୀ କୋ..."(ୟଶୱନ୍ତ)
- "ମରାଠା ମରତା ହୈ ୟା ମାରତା ହୈ"(ତିରଙ୍ଗା)
- "କଣ୍ଟ୍ରୋଲ୍ ଉଦୟ କଣ୍ଟ୍ରୋଲ୍..."(ୱେଲକମ୍)

ନିରାଡ଼ମ୍ବର ଜୀବନ

ସିନେମା ଜଗତରେ ବଡ଼ ବଡ଼ ସୁପରଷ୍ଟାର୍‌ମାନେ ଆଲିସାନ ବଙ୍ଗଳା ଓ ବ୍ରାଣ୍ଡେଡ୍ ଗାଡ଼ିର ଚମକରେ ରହୁଥିବାବେଳେ, ନାନା ଏକ ବ୍ୟତିକ୍ରମ ଥିଲେ । କୋଟି କୋଟି ଟଙ୍କାର ସମ୍ପତ୍ତି ଥାଇ ମଧ୍ୟ ମୁମ୍ବାଇରେ ସେ ଏକ ସାଧାରଣ ୱାନ୍ ବିଏଚ୍‌କେ ଫ୍ଲାଟ୍‌ରେ ନିଜ ମା'ଙ୍କ ସହ ରହୁଥିଲେ । ସେ ସବୁବେଳେ କହୁଥିଲେ ଯେ, "ମଣିଷକୁ ଶୋଇବା ପାଇଁ କେବଳ ଗୋଟିଏ ବିଛଣା ଦରକାର, ବଡ଼ ପ୍ରାସାଦ ନୁହେଁ ।"

ଚାଷୀର ଚଳଣି ଓ ରୋଷେଇ ସଉକ

ଫିଲ୍ମ ଦୁନିଆର ଚାକଚକ୍ୟ ଓ ମହଙ୍ଗା ବ୍ରାଣ୍ଡେଡ୍ ପୋଷାକଠାରୁ ନାନା ସମ୍ପୂର୍ଣ୍ଣ ଦୂରେଇ ରହୁଥିଲେ । ସେ ସର୍ବଦା ଧଳା କୁର୍ତ୍ତା-ପାଇଜାମା କିମ୍ବା ଖଦି ସାର୍ଟ ଓ ଜିନ୍ସ ପିନ୍ଧିବାକୁ ପସନ୍ଦ କରୁଥିଲେ । ନାନା ପାଟେକର ରୋଷେଇ କରିବାକୁ ବହୁତ ଭଲ ପାଉଥିଲେ । ସେ ଏକ ସାକ୍ଷାତକାରରେ ମଜାରେ କହିଥିଲେ, "ମୁଁ ଜଣେ ଅଭିନେତା ଅପେକ୍ଷା ଜଣେ ଭଲ ରୋଷେୟା" । ଚଳଚ୍ଚିତ୍ର ସୁଟିଂ ସମୟରେ ସେ ପ୍ରାୟତଃ ନିଜେ ରୋଷେଇ କରି ସେଟ୍‌ର ସମସ୍ତ ସଦସ୍ୟଙ୍କୁ ଖୁଆଉଥିଲେ ।

ଅଧୁରା ପ୍ରେମ

ନାନା ପାଟେକର ଯେତିକି ତାଙ୍କର ଦମ୍‌ଦାର୍ ଅଭିନୟ ଏବଂ ସମାଜସେବା ପାଇଁ ଜଣାଶୁଣା, ସେତିକି ତାଙ୍କର ବ୍ୟକ୍ତିଗତ ଜୀବନ ଓ ପ୍ରେମ ସମ୍ପର୍କକୁ ନେଇ ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଛନ୍ତି । ପତ୍ନୀ ନୀଳକାନ୍ତି ପାଟେକରଙ୍କଠାରୁ ଅଲଗା ରହିବା ପରେ ବଲିଉଡ୍‌ର କିଛି ଅଭିନେତ୍ରୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ହୁଏ । ୧୯୯୬ ମସିହାରେ 'ଅଗ୍ନି ସାକ୍ଷୀ' ଏବଂ 'ଖାମୋଶୀ: ଦ ମ୍ୟୁଜିକାଲ୍' ଚଳଚ୍ଚିତ୍ରର ସୁଟିଂ ସମୟରେ ନାନା ଓ ଅଭିନେତ୍ରୀ ମନୀଷା କୋଇରାଲାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା । ମନୀଷାଙ୍କ ପୋଷାକ ତଥା ଅନ୍ୟ ଅଭିନେତାଙ୍କ ସହ ଅନ୍ତରଙ୍ଗ ଦୃଶ୍ୟକୁ ନେଇ ନାନା ଆପତ୍ତି କରୁଥିଲେ । ଅନ୍ୟପକ୍ଷରେ ମନୀଷା ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ, ମାତ୍ର ନାନା ପୂର୍ବରୁ ବିବାହିତ ଥିବାରୁ ଏବଂ ନିଜ ପତ୍ନୀଙ୍କୁ ଆଇନଗତ ଛାଡ଼ପତ୍ର ଦେବାକୁ ମନା କରିବାରୁ ଦୁହିଁଙ୍କ ମଧ୍ୟରେ ଦୂରତା ବଢ଼ିଥିଲା । ନାନା ଏବଂ ମନୀଷାଙ୍କ ସମ୍ପର୍କ ଭାଙ୍ଗିବା ପଛରେ ସେ ସମୟର ଲୋକପ୍ରିୟ ଅଭିନେତ୍ରୀ ଆଏଶା ଜୁଲ୍‌କାଙ୍କ ନାମ ସାମ୍ନାକୁ ଆସିଥିଲା । କିଛି ରିପୋର୍ଟ ଅନୁଯାୟୀ, ୨୦୦୩ ମସିହାରେ 'ଆଞ୍ଚ' ଚଳଚ୍ଚିତ୍ର ସୁଟିଂ ସମୟରେ ନାନା ଓ ଆଏଶାଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା । ଥରେ ମନୀଷା ଉଭୟଙ୍କୁ ଏକାଠି ଦେଖିବା ପରେ ଖୁବ୍ ରାଗିଯାଇଥିଲେ ଏବଂ ଏହି ଘଟଣା ପରେ ନାନାଙ୍କ ସହ ତାଙ୍କର ବ୍ରେକଅପ୍ ହୋଇଥିଲା । ନାନାଙ୍କ ପ୍ରେମ ଜୀବନ ଅନେକ ଉତ୍ଥାନ-ପତନ ଏବଂ ବିବାଦ ମଧ୍ୟ ଦେଇ ଗତି କରିଥିଲେ ସୁଦ୍ଧା ଏହି ସମ୍ପର୍କଗୁଡ଼ିକ କେବେ ବିବାହର ରୂପ ନେଇପାରି ନ ଥିଲା ।

ସଂଘର୍ଷପୂର୍ଣ୍ଣ ଜୀବନ

ନାନା ପାଟେକରଙ୍କ ଜନ୍ମ ମହାରାଷ୍ଟ୍ରର ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା । ତାଙ୍କ ପିତା ଦିନକର ପାଟେକର ଜଣେ କପଡ଼ା ବ୍ୟବସାୟୀ ଥିଲେ ଏବଂ ମାତା ସଞ୍ଜନାବାଇ ପାଟେକର ଗୃହିଣୀ ଥିଲେ । ନାନାଙ୍କର ଅଶୋକ ପାଟେକର ଏବଂ ଦିଲୀପ ପାଟେକର ନାମକ ଦୁଇଜଣ ଭାଇ ଅଛନ୍ତି । ନାନାଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିବା ସମୟରେ ତାଙ୍କ ପିତାଙ୍କ ବ୍ୟବସାୟରେ ବଡ଼ କ୍ଷତି ହୋଇଥିଲା । ଏହି କଠିନ ପରିସ୍ଥିତିରେ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ଏବଂ ଦୁଇ ଓଳି ଖାଇବା ପାଇଁ ସେ ମାତ୍ର ୧୩ ବର୍ଷ ବୟସରୁ କାମ କରିବା ଆରମ୍ଭ କରିଦେଇଥିଲେ । ନାନା ୧୯୭୮ ମସିହାରେ ନୀଳକାନ୍ତି ପାଟେକରଙ୍କୁ ବିବାହ କରିଥିଲେ । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ମନୋମାଳିନ୍ୟ ଯୋଗୁଁ ଦୁହେଁ ପରସ୍ପରଠାରୁ ଅଲଗା ରହିବାକୁ ନିଷ୍ପତ୍ତି ନେଇଥିଲେ । ନୀଳକାନ୍ତି ଓ ନାନା ଅଲଗା ରହୁଥିଲେ ମଧ୍ୟ ସେମାନେ ଆଇନଗତ ଭାବେ ଛାଡ଼ପତ୍ର ନେଇନଥିଲେ । ନାନା ଓ ନୀଳକାନ୍ତିଙ୍କର ଦୁଇଟି ପୁଅ- ଦୁର୍ବାସା ଓ ମଲ୍ହାର । ପ୍ରଥମ ପୁଅ ଦୁର୍ବାସା ମାତ୍ର ଦୁଇ ବର୍ଷର ହୋଇଥିବାବେଳେ ଆଖି ବୁଜିଦେଇଥିଲେ । ମଲ୍ହାର ପ୍ରଯୋଜନାକୁ କ୍ୟାରିୟର କରିଛନ୍ତି ।

ନିଶବ୍ଦରେ ସମାଜସେବା

ନାନା ପାଟେକର କେବଳ ଜଣେ ମହାନ ଅଭିନେତା ନ ଥିଲେ, ବରଂ ଜଣେ ଅସାଧାରଣ ସମାଜସେବୀ ଥିଲେ । ସେ ତାଙ୍କ ରୋଜଗାରର ପ୍ରାୟ ୯୦% ଭାଗ ଗରିବ ଏବଂ ଚାଷୀମାନଙ୍କ କଲ୍ୟାଣ ପାଇଁ ଦାନ କରିଦେଉଥିଲେ । ମହାରାଷ୍ଟ୍ରର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଚାଷୀମାନଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ଆଘାତ ଦେଇଥିଲା । ସେଥିପାଇଁ ସେ ନିଜେ 'ନାମ ଫାଉଣ୍ଡେସନ' ଗଠନ କରିଥିଲେ । ଏହା ମାଧ୍ୟମରେ ସେ ନିଜେ ଗାଁ ଗାଁ ବୁଲି ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ପହଞ୍ଚାଉଥିଲେ । ତାଙ୍କ ଫାଉଣ୍ଡେସନ ମାଧ୍ୟମରେ ମରୁଡ଼ି ପ୍ରପୀଡ଼ିତ ଗାଁଗୁଡ଼ିକରେ ନଦୀର ପୁନରୁଦ୍ଧାର, କୂଅ ଖୋଳାଯିବା ଏବଂ ଚାଷୀଙ୍କ ପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଥିଲା । କୌଣସି ପ୍ରଚାର ବା ପବ୍ଲିସିଟି ବିନା ସେ ଏହି ସବୁ କାମ କରୁଥିଲେ ।

କାର୍ଗିଲ ଯୁଦ୍ଧରେ ଯୋଗଦାନ

କାର୍ଗିଲ ଯୁଦ୍ଧ ସମୟରେ ନାନା ଅଭିନୟ ଛାଡ଼ି ଦେଶ ପାଇଁ ଲଢ଼ିବାକୁ ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କଠାରୁ ବିଶେଷ ଅନୁମତି ଆଣିଥିଲେ । ସେ ଯୁଦ୍ଧ ସମୟରେ ପ୍ରାୟ ୬୦ ଦିନ ସୀମାରେ ସୈନିକମାନଙ୍କ ସହ କାଟିଥିଲେ । ସେ କୁପୱାଡା, ବାରାମୂଲା, ଦ୍ରାସ ଓ ସୋପୋର ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳରେ 'କ୍ୱିକ୍ ରିଆକ୍ସନ ଟିମ୍'ର ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ସେନା ହସ୍ପିଟାଲରେ ମଧ୍ୟ ସାହାଯ୍ୟ କରିଥିଲେ ।

ସାମରିକ ପ୍ରେମ

ଅଭିନେତା ନାନା ପାଟେକର କେବଳ ଚଳଚ୍ଚିତ୍ର ପରଦାରେ ନୁହେଁ, ବରଂ ବାସ୍ତବ ଜୀବନରେ ମଧ୍ୟ ଭାରତୀୟ ସେନା ସହିତ ଗଭୀର ଭାବେ ଜଡ଼ିତ ଥିଲେ । ୧୯୯୧ ମସିହାରେ ମୁକ୍ତିଲାଭ କରିଥିବା ତାଙ୍କର ସୁପରହିଟ୍ ଫିଲ୍ମ 'ପ୍ରହାର: ଦ ଫାଇନାଲ ଆଟାକ' ରେ ଜଣେ ସେନା ଅଫିସର ଭୂମିକାରେ ଅଭିନୟ କରିବା ପାଇଁ ସେ 'ମରାଠା ଲାଇଟ୍ ଇନଫାଣ୍ଟ୍ରି' ସହିତ ପ୍ରାୟ ୩ ବର୍ଷ ଧରି କଠିନ ମିଲିଟାରୀ ଓ କମାଣ୍ଡୋ ଟ୍ରେନିଂ ନେଇଥିଲେ । ସେନା ପ୍ରତି ତାଙ୍କର ନିଷ୍ଠା ଦେଖି ୧୯୯୦ ମସିହାରେ ତାଙ୍କୁ ଭାରତୀୟ ସେନା ପକ୍ଷରୁ ସମ୍ମାନଜନକ କ୍ୟାପଟେନ୍ ପଦବୀ ଦିଆଯାଇଥିଲା ।

"ନାନାଜୀଙ୍କ ସ୍ୱର, ଅଭିନୟର ତୀବ୍ରତା ଓ ପ୍ରତ୍ୟେକ ପ୍ରଦର୍ଶନରେ ଥିବା ସଚ୍ଚୋଟତା ତାଙ୍କୁ ସମସ୍ତଙ୍କଠାରୁ ସ୍ୱତନ୍ତ୍ର କରିଥିଲା । 'ୱେଲକମ୍' ଓ 'ହାଉସ୍‌ଫୁଲ୍ ୫' ରେ ତାଙ୍କ ସହ କାମ କରିଥିବା ସ୍ମୃତି ସବୁବେଳେ ମୋ ସହ ରହିବ । ନାନାଜୀ ସତରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ।

ଅକ୍ଷୟ କୁମାର

ନାନା ଜଣେ ସରଳ ଓ ମାଟି ସହ ଯୋଡ଼ି ରହିଥିବା ମଣିଷ ଥିଲେ । ମରାଠୀ ହେଉ କି ହିନ୍ଦୀ-ସେ ଯେଉଁ ଚରିତ୍ରରେ ଅଭିନୟ କରୁଥିଲେ, ସେଥିରେ ଏକ ବାସ୍ତବତା ଆଣିଦେଉଥିଲେ । ତାଙ୍କ ଅଭିନୟରେ ଥିବା ସଚ୍ଚୋଟତା ସବୁବେଳେ ମନେ ରହିବ ।

ସଚିନ ତେନ୍ଦୁଲକର

ମୋ ପ୍ରିୟ ବନ୍ଧୁ ନାନାଜୀ ଆଉ ଆମ ମଧ୍ୟରେ ନାହାନ୍ତି । ଏହା ବିଶ୍ୱାସ କରିବା ମୋ ପାଇଁ କଷ୍ଟକର ।

ରଜନୀକାନ୍ତ

ମିସ୍ ୟୁ, ମୋ ପ୍ରିୟ ନାନାଜୀ । ଆମେ ଏକାଠି କାଟିଥିବା ସମୟ, କଥାବାର୍ତ୍ତା, ଯୁକ୍ତିତର୍କ, ଆପଣ ରାନ୍ଧିଥିବା ଖାଦ୍ୟ ଓ ଆପଣ ଦେଇଥିବା ଜ୍ଞାନକୁ ସବୁବେଳେ ସାଇତି ରଖିବି ।

ପ୍ରକାଶ ରାଜ"

ବିନୁ ମଙ୍କଡ଼ ଟ୍ରଫିରୁ ଅରୁଣାଞ୍ଚଳ ଯୁବ ଖେଳାଳି ବଞ୍ଚିତ

ଇଟାନଗର, ୮।୧୦ (ଏଜେନ୍ସି): ବିସିସିଆଇ ପକ୍ଷରୁ ଆରମ୍ଭ ହୋଇଥିବା ଘରୋଇ କ୍ରିକେଟ ସିଜନରେ ଅରୁଣାଞ୍ଚଳର ଯୁବ ଖେଳାଳିମାନେ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିନୁ ମଙ୍କଡ଼ ଟ୍ରଫିରେ ସିକିମ ସହ ଅରୁଣାଞ୍ଚଳର ମୁକାବିଲା ଭୁବନେଶ୍ୱର କିଟ୍ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହି ମ୍ୟାଚ୍ ଲାଗି ଅରୁଣାଞ୍ଚଳ କୌଣସି ଟିମ୍ ପଠାଇ ନ ଥିଲା। ଯାହା ଫଳରେ ଯୁବ ଖେଳାଳିମାନେ ଏହି ମୁକାବିଲାରୁ ବଞ୍ଚିତ ହୋଇଛନ୍ତି। ନିକଟରେ ଅରୁଣାଞ୍ଚଳ ପ୍ରଦେଶ କ୍ରିକେଟ ସଂଘରେ ହୋଇଥିବା ଅନିୟମିତତା ନେଇ ଏକ ମକଦ୍ଦମା ଗୌହାଟୀ ହାଇକୋର୍ଟର ଇଟାନଗର ଶାଖାରେ ଚାଲିଛି। ଯାହା ଫଳରେ ବର୍ତ୍ତମାନ ସଂଘ କୌଣସି ଟିମ୍ ଚୟନ କରିପାରିବ ନାହିଁ ବୋଲି ହାଇକୋର୍ଟ ପକ୍ଷରୁ ବାରଣ କରାଯାଇଛି। ଯେଉଁଥି ପାଇଁ ଏଭଳି ସ୍ଥିତି ଉପୁଜିଛି। ଏ ସମ୍ପର୍କରେ ଆମେ ଅବଗତ ଅଛୁ ଓ ଖୁବ୍ ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

ହୋଜ୍ସ ଓ ହାଡିନ୍ ପଞ୍ଜାବ କୋଚ୍ ଦାୟିତ୍ୱ ଛାଡ଼ିଲେ

ମୋହାଲି, ୮।୧୦ (ଏଜେନ୍ସି): ଆଇପିଏଲ୍ ଟିମ୍ ପଞ୍ଜାବ କିଙ୍ଗ୍‌ର ବୋଲିଂ କୋଚ୍ ଜେମ୍ସ ହୋଜ୍ସ ଓ ଫିଲ୍ଡିଂ କୋଚ୍ ବ୍ରାଡ ହାଡିନ୍ ସେମାନଙ୍କ ଦାୟିତ୍ୱରୁ ଓହରିଯାଇଛନ୍ତି। ଉଭୟ ଖେଳାଳି ଅଷ୍ଟ୍ରେଲିଆର ଓ ସେମାନେ ଘରୋଇ କ୍ରିକେଟରେ କୋଚିଂ ଦେବାର ସୁଯୋଗ ପାଇବା ପରେ ଆଇପିଏଲ୍ ଦାୟିତ୍ୱ ଛାଡିଦେଇଛନ୍ତି।

ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ ଟିମ୍ କ୍ୱିନ୍ସଲାଣ୍ଡ ଓ ବିବିଏଲ୍ ଟିମ୍ ବ୍ରିସ୍‌ବେନ୍ ହିଟ୍ସର ହେଡ୍ କୋଚ୍ ଭାବେ ହୋଜ୍ସ ନିଯୁକ୍ତ ହୋଇଛନ୍ତି। ସେହିପରି ହାଡିନଙ୍କୁ ନ୍ୟୁ ସାଉଥୱେଲ୍ସ ହେଡ କୋଚ ଦାୟିତ୍ୱ ମିଳିଛି। ଯାହା ଫଳରେ ସେମାନେ ନିଜ ଦେଶରେ କୋଚିଂ ଦେବା ଲାଗି ବିଦେଶର କୋଚିଂ ଦାୟିତ୍ୱ ଛାଡିଦେଇଛନ୍ତି। ସାଇରାଜ ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍ ଭାବେ ନିଯୁକ୍ତ ହେବା ପରେ ଏବେ ପଞ୍ଜାବ କିଙ୍ଗ୍‌ସର ୩ଜଣ କୋଚ୍ ପଦବୀ ଖାଲି ପଡ଼ିଛି।

କୁଶାଲ ମେଣ୍ଡିସ୍‌ଙ୍କୁ ନେତୃତ୍ୱ

କଲମ୍ବୋ, ୮।୧୦ (ଏଜେନ୍ସି): କୁଶାଲ ମେଣ୍ଡିସ୍ ଶ୍ରୀଲଙ୍କାର ନୂଆ ଟେଷ୍ଟ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଟେଷ୍ଟ ଅଧିନାୟକ ଦାୟିତ୍ୱରୁ

ଧନଞ୍ଜୟ ଡି ସିଲଭା ଓହରିଯିବାରୁ ତାଙ୍କ ସ୍ଥାନରେ କୁଶାଲ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ନଭେମ୍ବର ମାସରେ ପାକିସ୍ତାନ ସହ ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଏହି ସିରିଜ୍‌ରେ କୁଶାଲ ପ୍ରଥମଥର ଟେଷ୍ଟ ଦଳର ନେତୃତ୍ୱ ନେବେ। ଫେବୃଆରୀ ୨୦୨୪ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଧନଞ୍ଜୟ ୧୮ଟି ଟେଷ୍ଟରେ ଶ୍ରୀଲଙ୍କାର ନେତୃତ୍ୱ ନେଇଥିଲେ। ଦଳ ବାରମ୍ବାର ବିଫଳ ହେବା ପରେ ତାଙ୍କୁ ନେତୃତ୍ୱରୁ ହଟିବାକୁ ପଡ଼ିଥିଲା। ଦିନିକିଆ ଦଳର ନେତୃତ୍ୱ ନେଉଥିବା କୁଶାଲ ମେଣ୍ଡିସ୍ ଏବେ ଦଳର ସର୍ବାଧିକ ଅଭିଜ୍ଞ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାକୁ ମନୋନୀତ ହୋଇଛନ୍ତି। ଅଧିନାୟକ ପଦ ଛାଡିଥିଲେ ମଧ୍ୟ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଧନଞ୍ଜୟ ଉପଲବ୍ଧ ହେବେ ବୋଲି କୁହାଯାଉଛି।

■ ଫିଫା ର୍‌ୟାଙ୍କିଙ୍ଗ୍

ପଞ୍ଚମକୁ ଉଠିଲା ପର୍ତ୍ତୁଗାଲ

ଜୁରିକ୍, ୮।୧୦(ଏଜେନ୍ସି): ଫିଫା ପୁରୁଷ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ପର୍ତ୍ତୁଗାଲର ଉନ୍ନତି ହୋଇଛି। ପର୍ତ୍ତୁଗାଲ ଦୁଇଟି ପାହାଚ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛି। ଫଳରେ ବ୍ରାଜିଲ ଷଷ୍ଠ ଓ ମୋରୋକ୍କୋ ସପ୍ତମ ସ୍ଥାନକୁ ଖସିଛନ୍ତି। ବିଶ୍ୱ ଚାମ୍ପିଅନ୍ ସ୍ପେନ୍ ଶୀର୍ଷସ୍ଥାନକୁ ଆହୁରି ମଜବୁତ କରିଛି। ୨୦୨୬ ବିଶ୍ୱକପ୍‌ର ରନର୍ସଅପ୍ ଆର୍ଜେଣ୍ଟିନା ଦ୍ୱିତୀୟ ଓ ଫ୍ରାନ୍ସ ତୃତୀୟ ସ୍ଥାନରେ ରହିଛି। ସ୍ପେନ୍ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରାୟ ୪୦ ପଏଣ୍ଟର ତଫାତ ରହିଛି। ଟପ୍-୨୦ରେ ସ୍ୱିଜରଲ୍ୟାଣ୍ଡ ଦୁଇଟି ସ୍ଥାନ ଉନ୍ନତି କରି ୧୨ତମ ସ୍ଥାନକୁ ଉଠିଛି। ଜର୍ମାନୀ ୧୩ତମ ଓ କ୍ରୋଏସିଆ ୧୪ତମ ସ୍ଥାନରେ ରହିଛନ୍ତି। ଉଭୟ ପର୍ତ୍ତୁଗାଲ ଓ ସ୍ୱିଜରଲ୍ୟାଣ୍ଡ ନେସନ୍ସ ଲିଗ୍‌ରେ ଚାରିଟି ଲେଖାଏଁ ବିଜୟ ହାସଲ କରିଛନ୍ତି। ଟପ୍-୫୦ରେ ଗ୍ରୀସ୍ ୪୧ତମ, ମାଲି ୪୭ତମ ଓ ଦକ୍ଷିଣ ଆଫ୍ରିକା ୪୮ତମ ସ୍ଥାନରେ ରହିଛନ୍ତି। ମାଲି ଓ ଦକ୍ଷିଣ ଆଫ୍ରିକା ଛଅଟି ସ୍ଥାନ ଉପରକୁ ଉଠିଛନ୍ତି। ଆଫ୍ରିକା କପ୍ ଯୋଗ୍ୟତା ପର୍ଯ୍ୟାୟର ପରିଣାମ ସ୍ୱରୂପ ର୍‌ୟାଙ୍କିଙ୍ଗ୍‌ରେ ଏହି ପରିବର୍ତ୍ତନ ଆସିଛି। ଅପରପକ୍ଷରେ ଭାରତୀୟ ଦଳ ପୂର୍ବଭଳି ୧୩୮ତମ ସ୍ଥାନରେ ରହିଛି।

ରାଞ୍ଚିରେ ଦ୍ୱିତୀୟ ଟି-୨୦ ଆଜି

ସିରିଜ୍ ଅଗ୍ରଣୀ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାଞ୍ଚି, ୮।୧୦ (ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସ୍ଥାନୀୟ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ ଲକ୍ଷ୍ନୌରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୮ୱିକେଟରେ ଜିତି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏଠାରେ ମଧ୍ୟ ବିଜୟଧାରା ଜାରି ରଖି ଟିମ୍ ଇଣ୍ଡିଆ ସିରିଜ୍ ୨-୦ରେ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛି। ବ୍ୟାଟିଂ ହେଉ କିମ୍ବା ବୋଲିଂ ଭାରତ ପ୍ରଥମ ଟି-୨୦ରେ ବେଶ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଏହି ଦଳକୁ ଅଟକାଇବାକୁ ହେଲେ ୱେଷ୍ଟଇଣ୍ଡିଜ୍‌କୁ ତାହାର ଖେଳରେ ଯଥେଷ୍ଟ ଉନ୍ନତି ଆଣିବାକୁ ହେବ। ନଚେତ ଆୟର୍ଲାଣ୍ଡ ଓ ଇଂଲଣ୍ଡଠାରୁ ସିରିଜ୍ ହାରିବା ପରେ ଭାରତର କ୍ରମାଗତ ବିଜୟ ସଂଖ୍ୟା ୧୧ରେ ପହଞ୍ଚିବ।

ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଶ୍ରେୟସ ଆୟରଙ୍କ ଟିମ୍ ଭାରତରେ ପହଞ୍ଚି ମାତ୍ର ୩ ଦିନରେ ଦମ୍‌ଦାର ଖେଳିଥିଲା। ନିଜେ ଆୟର ଅପରାଜିତ ଶତକ ହାସଲ କରିବା ସହ ୩୨ଟି ବଲ ଓ ୮ୱିକେଟ ବାକିଥାଇ ଭାରତକୁ ଜିତାଇଥିଲେ। ସମସ୍ତ ଫର୍ମାଟରେ ଶତକ ହାସଲ କରିବାରେ ମାତ୍ର ତୃତୀୟ ଖେଳାଳି ଭାବେ ଆୟର ଏବେ ଭଲ ଫର୍ମରେ ଅଛନ୍ତି। ସେ ରାଞ୍ଚିରେ ଏହାକୁ ପୁଣିଥରେ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଦଳର ୩ ଜଣ ପ୍ରମୁଖ ଟି-୨୦ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଉନ୍ନତ ପ୍ରଦର୍ଶନ କରିଛି। ଯଶପ୍ରୀତ୍ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀଙ୍କ ଅନୁପସ୍ଥିତି ଦଳର ପ୍ରଦର୍ଶନରେ କିଛି ପ୍ରଭାବ ପକାଇନାହିଁ। ଅକ୍ଷର ପଟେଲଙ୍କ ନେତୃତ୍ୱରେ ସ୍ପିନ୍ ବାହିନୀ ବେଶ ସୁନ୍ଦର ବୋଲିଂ କରୁଛି। ୱେଷ୍ଟଇଣ୍ଡିଜ୍ ଏହି ବୋଲିଂର ମୁକାବିଲା କରିବାକୁ ନିଶ୍ଚିତ କିଛି ଯୋଜନା କରିବାକୁ ପଡ଼ିବ। ପ୍ରଥମ ମ୍ୟାଚରେ ପେସ୍ ବୋଲର ମୟଙ୍କ ଯାଦବ ପ୍ରଭାବ ବିସ୍ତାର କରିପାରି ନାହାନ୍ତି। ତାଙ୍କ ସ୍ଥାନରେ ଫିଟ୍ ହୋଇଥିବା ପ୍ରିନ୍ସ ଯାଦବଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିପାରେ।

ରାଞ୍ଚିରେ ପହଞ୍ଚିବା ପରେ ଇଶାନ କିଶାନ ଓ ସଞ୍ଜୁ ସାମ୍‌ସନ୍

ଏହା ବ୍ୟତୀତ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା କମ୍। ଏହାର ଅର୍ଥ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜ୍‌ରେ ଏତେ ଶୀଘ୍ର ସୁଯୋଗ ମିଳିବ ନାହିଁ।

ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ପ୍ରଥମ ମ୍ୟାଚ୍‌ରେ କେବଳ ଦୁଇଜଣ ବ୍ୟାଟର ଭଲ କରିଥିଲେ। ଅଧିନାୟକ ସାଇ ହୋପ୍ ଓ ଶେରଫାନ ରଦରଫୋର୍ଡ ଅର୍ଦ୍ଧଶତକ ହାସଲ କରିଥିଲେ। ଦଳର ବ୍ୟାଟିଂକୁ ମଜଭୁତ କରିବା ଲାଗି ଦିନିକିଆ ସିରିଜ୍‌ରେ ସଫଳତା ପାଇଥିବା ଅମିର ଜାଙ୍ଗୁଙ୍କୁ ଖେଳିବାର ସୁଯୋଗ ଦେଇପାରେ। ଦଳରେ କେବଳ ପଦାର୍ପଣକାରୀ କାମିଲ ପୂରନଙ୍କୁ ବାଦ୍ ଦେଲେ ଅନ୍ୟ କେହି ଦଳରେ ବଦଳିବାର ସମ୍ଭାବନା ନାହିଁ। ରାଞ୍ଚିର ଫ୍ଲଡ୍ ଲାଇଟ୍‌ରେ ନିୟମିତ ମ୍ୟାଚ୍ ଆୟୋଜିତ ହେଉନାହିଁ। ୨୦୨୩ରେ ଶେଷଥର ଏଠାରେ ମ୍ୟାଚ୍ ଖେଳାଯାଇଥିଲା। ସେହିପରି ଏଠାରେ ଖେଳାଯାଇଥିବା ଟି-୨୦ ମ୍ୟାଚ୍‌ରେ ଥରେମାତ୍ର ୨୦୦ ରନ୍ ସ୍କୋର ହୋଇଥିଲା।

ସମ୍ଭାବ୍ୟ ଦଳ

ଭାରତ - ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ଇଶାନ କିଶାନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ନମନ ଧୀର, ଅକ୍ଷର ପଟେଲ, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ମୟଙ୍କ ଯାଦବ/ ପ୍ରିନ୍ସ ଯାଦବ।

ୱେଷ୍ଟଇଣ୍ଡିଜ୍ - ସାଇ ହୋପ୍ (ଅଧିନାୟକ), କାମିଲ ପୂରନ/ ଆମିର ଜାଙ୍ଗୁ, ସିମରନ ହେଟମାୟର, ରୋଭମାନ ପାୱେଲ, ଶେରଫାନ ରଦରଫୋର୍ଡ, ରୋଷ୍ଟୋନ ଚେଜ୍, ରୋମାରିଓ ସେଫର୍ଡ, ମାଥ୍ୟୁ ଫୋର୍ଡ, ସାମର ସ୍ପ୍ରିଙ୍ଗର, ଆକିଲ ହୋସେନ, ସାମରା ଯୋଶେଫ।

ଖେଳ ସମୟ- ରାତି ୭ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।

ମୁଖ୍ୟମନ୍ତ୍ରୀ ସାଇନିଙ୍କ ହେଲିକପ୍ଟର ଯୋଗୁଁ ଖେଳାଳିଙ୍କ ଅଭ୍ୟାସ ବାଧାପ୍ରାପ୍ତ

ଗୁରୁଗ୍ରାମ, ୮।୧୦(ଏଜେନ୍ସି): ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ସରକାରୀ ହେଲିକପ୍ଟର ଗତ ୪ ଦିନ ଧରି ଗୁରୁଗ୍ରାମର ତାଉ ଦେବୀଲାଲ ଷ୍ଟାଡିୟମରେ ରହିଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ହେଲିକପ୍ଟରଟି ଷ୍ଟାଡିୟମରେ ରହିଥିଲା। ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଆଥଲେଟିକ୍ସ ଟ୍ରାକ୍ ଓ ଭିତର ସିନ୍ଥେଟିକ୍ ଗ୍ରାଉଣ୍ଡକୁ ବନ୍ଦ ରଖାଯାଇଥିଲା। ଫଳରେ ପ୍ରତିଦିନ ଅଭ୍ୟାସ କରୁଥିବା ଶତାଧିକ ଖେଳାଳି ଅଭ୍ୟାସରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଭାବକ ଓ ପ୍ରଶିକ୍ଷକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲିକପ୍ଟର ପାଇଁ ପୃଥକ ସ୍ଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଷ୍ଟାଡିୟମକୁ ହେଲିକପ୍ଟର ଅବତରଣ ଓ ପାର୍କିଂ ପାଇଁ ବ୍ୟବହାର କରାଯିବା ନୂଆ ଘଟଣା ନୁହେଁ।

୨୦୨୦ରେ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ହେଲିକପ୍ଟର ପାଇଁ ଷ୍ଟାଡିୟମରେ କ୍ରିକେଟ୍ ଅଭ୍ୟାସ ବନ୍ଦ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ମିଡିଆ ପରାମର୍ଶଦାତା ରାଜୀବ ଜୈତଲୀ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହେଲିକପ୍ଟରଟି ୪ ଦିନ ଧରି ସେଠାରେ ରହିଥିଲା। ସାଧାରଣତଃ ଏହା ଷ୍ଟାଡିୟମରେ ଅଧିକ ସମୟ ରହେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେମିରେ ମାନୁସ-ମାନବ

ବେଜିଂ, ୮।୧୦ (ଏଜେନ୍ସି): ଭାରତର ମାନୁସ ଶାହ ଓ ମାନବ ଠାକ୍କରଙ୍କ ଯୋଡି ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି ଚାଇନା ସ୍ମାଶ୍ ଟିଟି ଚାମ୍ପିଅନସିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାର ମାନୁସ-ମାନବଙ୍କ ଯୋଡି ୩-୦ ସେଟ୍‌ରେ ଚୀନ୍‌ର ଲିଆଙ୍ଗ ଜିଙ୍ଗକୁନ ଓ ଜିଆଙ୍ଗ ପେଙ୍ଗ୍‌ଙ୍କ ଯୋଡିକୁ ହରାଇ ସେମିକୁ ଉନ୍ନୀତ ହୋଇଥିଲେ। ସେମିଫାଇନାଲରେ ଏହି ଯୋଡିଙ୍କର ମୁକାବିଲା ଅନ୍ୟ ଏକ କ୍ୱାର୍ଟରଫାଇନାଲ ବିଜେତାଙ୍କ ସହ ହେବ। ଏହି କ୍ୱାର୍ଟରଫାଇନାଲଟି ସ୍ୱିଡେନର ଆଣ୍ଟନ କଲବର୍ଗ ଓ କ୍ରିଷ୍ଟିଆନ କାର୍ଲସନ ବନାମ ଦକ୍ଷିଣ କୋରିଆର ଲିମ୍ ଜଙ୍ଗହୁନ ଓ ଓ ଜୁନସୁଙ୍ଗଙ୍କ ଯୋଡି ମଧ୍ୟରେ ହେବ। ଏଠାରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ଭାରତୀୟ ଯୋଡିଙ୍କୁ କ୍ୱାର୍ଟର ଫାଇନାଲ ମୁକାବିଲା ଜିତିବାକୁ ମାତ୍ର ୧୯ ମିନିଟ୍ ସମୟ ଲାଗିଥିଲା। ଅନ୍ୟ ପକ୍ଷରେ ମାନୁସ ଓ ଦିୟା ଚିତାଲେଙ୍କ ଯୋଡି ମିକ୍ସଡ ଡବଲ୍ସ ସେମିଫାଇନାଲରେ ଚାଇନିଜ ତାଇପେଙ୍କ ଯୋଡିଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

ସିନ୍ଧୁ କ୍ୱାର୍ଟରରେ; ତନଭୀଙ୍କ ଅଭିଯାନ ଶେଷ

ହେଲସିଙ୍କି, ୮।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଫିନଲାଣ୍ଡରେ ଚାଲିଥିବା ଆର୍କଟିକ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ଧୁ ୨୧-୧୫, ୨୧-୧୫ ସିଧାସଳଖ ଗେମରେ ଜାପାନର ରିକୋ ଗୁଞ୍ଜିଙ୍କୁ ପରାସ୍ତ କରିଥିଲେ। ଷଷ୍ଠ ସିଡ୍

ମାନ୍ୟତା ସିନ୍ଧୁଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ମାତ୍ର ୪୯ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଥାଇଲାଣ୍ଡର ରାଚାନୋକ ଇଣ୍ଟାନନଙ୍କୁ ଭେଟିବେ। ଟପ୍ ସିଡ୍ ଇଣ୍ଟାନନ ଅନ୍ୟ ଏକ ପ୍ରି-କ୍ୱାର୍ଟରରେ ୨୧-୧୮, ୨୧-୭ ଗେମରେ ଭାରତୀୟ ସଟଲର୍ ତନଭୀ ଶର୍ମାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଇଣ୍ଟାନନଙ୍କ ବିପକ୍ଷରେ ମଧ୍ୟ ସିନ୍ଧୁଙ୍କ ରେକର୍ଡ ମଧ୍ୟ ନୈରାଶ୍ୟଜନକ ରହିଛି। ସିନ୍ଧୁ ଓ ଇଣ୍ଟାନନ ମୋଟ୍ ଉପରେ ୧୪ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଇଣ୍ଟାନନ ୧୦ଥର ଓ ସିନ୍ଧୁ ୪ଥର ବିଜୟୀ ହୋଇଛନ୍ତି।

ରଣଜୀ ଟ୍ରଫି

ଓଡ଼ିଶା ଦଳର ଅହମ୍ମଦାବାଦ ଗସ୍ତ

ଭୁବନେଶ୍ୱର, ୮।୧୦ (ସମିସ): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ୯୨ତମ ସଂସ୍କରଣ ଅକ୍ଟୋବର ୧୧ (ରବିବାର)ରୁ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଗୁରୁବାର ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରିଛି। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଘରୋଇ ଗୁଜରାଟ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।

ଭାରତର ସର୍ବାଧିକ ଦର୍ଶକ କ୍ଷମତାବିଶିଷ୍ଟ ଷ୍ଟାଡିୟମ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏଥିଲାଗି ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ୧୭ ଜଣିଆ ଓଡ଼ିଶା ଦଳ ନିକଟରେ ଘୋଷଣା କରାଯାଇଥିଲା। ଗତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବିପ୍ଳବ ସାମନ୍ତରାୟଙ୍କୁ ଏଥର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଘୋଷିତ ଦଳରେ ସ୍ଥାନ ମିଳିନାହିଁ। ତେଣୁ ଜଣେ ଦକ୍ଷ ଓ ଅଭିଜ୍ଞ ଅଲ୍‌ରାଉଣ୍ଡରଙ୍କ ବିନା ଯୁବ ଖେଳାଳି କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଭଞ୍ଜନ ମଲ୍ଲିକଙ୍କ ପାଇଁ ମଧ୍ୟ ଏହା ପ୍ରଥମ ପରୀକ୍ଷା ହେବାକୁ ଯାଉଛି।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶୀର୍ବାଦ ସ୍ୱାଇଁ, ଦୀନେଶ ମାଝୀ (ଉଭୟ ୱିକେଟକିପର), ନିନାଦ ରାଓଭ, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ସୌମ୍ୟ ଲେଙ୍କା, ସମ୍ବିତ ବେଜ, ସୟଦ ତୁଫେଲ ଅହମ୍ମଦ ଓ ବାଦଲ ବିଶ୍ୱାଳ। ମୁଖ୍ୟକୋଚ୍-ପ୍ରଭଞ୍ଜନ ମଲ୍ଲିକ।

ହକି ଇଣ୍ଡିଆ ଲିଗ୍‌କୁ ନେଇ ଅନିଶ୍ଚିତତା

ସମାଧାନ ପାଇଁ ଭିନୀଲ କ୍ରିଷ୍ଣାଙ୍କ ନେତୃତ୍ୱରେ କମିଟି ଗଠିତ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି)

ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ)କୁ ନେଇ ଅନିଶ୍ଚିତତା ଜାରି ରହିଛି। ଏଭଳି ସମୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଚଆଇଏଲ୍‌କୁ ଜାରି ରଖିବା ସହ ଗଭର୍ନାନ୍ସ ଷ୍ଟ୍ରକଚର ଓ ଆଗକୁ ବଢ଼ିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଏକ ୭ଜଣିଆ କମିଟି ଗଠନ କରିଛି। ଓଡ଼ିଶାର ପୂର୍ବତନ କ୍ରୀଡ଼ା ସଚିବ ତଥା ବର୍ତ୍ତମାନ ଖେଲୋ ଇଣ୍ଡିଆ'ର ଯୁଗ୍ମ ସଚିବ ଥିବା ଆର. ଭିନୀଲ କ୍ରିଷ୍ଣାଙ୍କୁ ଏହି କମିଟିର ଅଧ୍ୟକ୍ଷ ରଖାଯାଇଛି। ସରକାରଙ୍କ ପ୍ରତିନିଧି ଭାବରେ ଭିନୀଲଙ୍କ ନେତୃତ୍ୱରେ ଏହି କମିଟିରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଭୋଳାନାଥ ସିଂହ ଏବଂ କୋଷାଧ୍ୟକ୍ଷ ସେକର ଜେ. ମନୋହରନଙ୍କୁ ସାମିଲ କରାଯାଇଛି। ସେହିଭଳି ଏଚଆଇଏଲ୍ ଫ୍ରାଞ୍ଚାଇଜ୍ ମଧ୍ୟରୁ ନାମିତ ତିନିଜଣ ପ୍ରତିନିଧିଙ୍କୁ ମଧ୍ୟ ଏହି କମିଟିରେ ରଖାଯାଇଛି। ସେମାନେ ହେଲେ ଜେଏସଡବ୍ଲ୍ୟୁ ସ୍ପୋର୍ଟ୍ସର ସିଇଓ ଦିବ୍ୟାଂଶୁ ସିଂହ, ଏସଜି ପାଇପର୍ସର ସିଇଓ ମହେଶ ଭୂପତି ଏବଂ ହାଇଦ୍ରାବାଦ ତୁଫାନ୍ସର ମାଲିକ ଆଲୋକ ସାଂଘି।

ଏଚଆଇଏଲ୍‌ରେ ଲାଗି ରହିଥିବା ଅଚଳାବସ୍ଥା ଏବଂ ଅନିଶ୍ଚିତତାର ସମାଧାନ ଖୋଜିବା ସହ ଲିଗ୍ ପାଇଁ ଶାସନ ଏବଂ ଆର୍ଥିକ ମଡେଲ ପ୍ରସ୍ତୁତ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତିର୍କୀ ଏବଂ ଭୋଳାନାଥ ସମେତ ଅନ୍ୟ ଏଚଆଇ ଅଧିକାରୀଙ୍କ ଭିତରେ ବଢ଼ୁଥିବା ବିବାଦ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ହାଓ'କୁ ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପ୍ରଶାସନିକ କାର୍ଯ୍ୟରେ ଗୁରୁତର ତ୍ରୁଟି ଅଭିଯୋଗରେ ହକି ଆସୋସିଏସନ ଅଫ୍ ଓଡ଼ିଶା (ହାଓ)କୁ ହକି ଇଣ୍ଡିଆ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାର ମାନ୍ୟତାକୁ 'ସ୍ଥାୟୀ ସଦସ୍ୟ'ରୁ 'ସହଯୋଗୀ ସଦସ୍ୟ'କୁ ହ୍ରାସ କରିବା ପାଇଁ ଏହି ନୋଟିରେ ପ୍ରସ୍ତାବ ଦିଆଯାଇଛି। ଭୋଟର ତାଲିକା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜଣେ ନିର୍ବାଚନ ଅଧିକାରୀ ଆପତ୍ତି ଉଠାଇବା ପରେ ଅକ୍ଟୋବର ୩ରେ ହେବାକୁ ଥିବା ହାଓ'ର ନିର୍ବାଚନ ସ୍ଥଗିତ ରଖାଯାଥିଲା। ଏହାପରେ ଅକ୍ଟୋବର ୬ରେ ଅନୁଷ୍ଠିତ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଆଠଟି ମୁଖ୍ୟ କାରଣ ଦର୍ଶାଇଛି। ଯେଉଁଥିରେ ହାଓ ଅଧୀନରେ ଥିବା ୩୦ଟି ଜିଲ୍ଲା ଶାଖାରେ ନିୟମରେ ଘୋର ଉଲ୍ଲଂଘନ ହୋଇଥିବା ନେଇ ଗୁରୁତ୍ୱ ଦିଆଯାଇଛି। ବିଶେଷ ଭାବରେ ପ୍ରତ୍ୟେକ ଜିଲ୍ଲାରେ ସଭାପତି ଓ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ବଦଳରେ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳଙ୍କ ଭଳି ପ୍ରଶାସନିକ ଅଧିକାରୀମାନେ ପଦାଧିକାରୀ ଭାବେ ସମ୍ଭାଳୁଛନ୍ତି। ଏହା ବ୍ୟତୀତ କେବେ ନିର୍ବାଚନ ହୋଇଥିଲା ତାର ପ୍ରମାଣ ସ୍ୱରୂପ କୌଣସି ରେକର୍ଡ ୩୦ଟି ଜିଲ୍ଲା ସଂସ୍ଥା ମଧ୍ୟରୁ କେହି ଦେଖାଇପାରି ନାହାନ୍ତି। ବୈଧ ନିର୍ବାଚନ ରେକର୍ଡ ଏବଂ କାଗଜପତ୍ର ଦାଖଲ କରିବା ପାଇଁ ହାଓକୁ ଦୁଇ ସପ୍ତାହ ସମୟ ଦିଆଯାଇଛି।

ଏସିଆନ ଚାମ୍ପିଅନ୍ସ ଟ୍ରଫିରୁ ପାକିସ୍ତାନ ବାଦ୍

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ଏସିଆନ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣ ଅକ୍ଟୋବର ୨୭ ତାରିଖରୁ ପଞ୍ଜାବର ଜଳନ୍ଧର ଏବଂ ମୋହାଲିରେ ଆରମ୍ଭ ହେବ। ତେବେ ଏହି ସମ୍ମାନଜନକ ପ୍ରତିଯୋଗିତା ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପାକିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯାଇଛି। ଏହା ବଦଳରେ ବାଂଲାଦେଶକୁ ସାମିଲ କରାଯାଇଛି।

ପୂର୍ବରୁ ଛଅ ଦଳୀୟ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସାମିଲ ଥିଲା। କିନ୍ତୁ ପାକିସ୍ତାନ ହକି ମହାସଂଘ ଏହାର ମ୍ୟାଚଗୁଡ଼ିକୁ ଏକ ନିରପେକ୍ଷ ସ୍ଥାନରେ ସ୍ଥାନାନ୍ତର କରିବାକୁ ଏସୀୟ ହକି ମହାସଂଘକୁ ଅନୁରୋଧ କରିଥିଲା। ତେବେ ହକି ଇଣ୍ଡିଆର ସମ୍ପାଦକ ତଥା ଏସୀୟ ହକି ମହାସଂଘର ଉପାଧ୍ୟକ୍ଷ ଥିବା ଭୋଳାନାଥ ସିଂ ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ। ସଦ୍ୟ ହକି ଇଣ୍ଡିଆ ପକ୍ଷରୁ ଅଂଶଗ୍ରହଣକାରୀ ଦଳଙ୍କ ସମ୍ପର୍କରେ ଏକ ରିଲିଜ ଜାରି କରାଯାଇଛି। ଯେଉଁଥିରେ ପାକିସ୍ତାନର ନାମ ନ ଥିବା ଜଣାପଡ଼ିଛି। ଅଂଶଗ୍ରହଣକାରୀ ଛଅ ଦଳ ମଧ୍ୟରେ ଜାପାନ, ଚୀନ୍, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ସହ ଆୟୋଜକ ଭାରତ ସାମିଲ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ମୋହାଲିରେ ଟୁର୍ଣ୍ଣାମେଣ୍ଟ ସୂଚୀ ଘୋଷଣା କରିଥିଲେ। ଏଥିରେ ପାକିସ୍ତାନର ଅଂଶଗ୍ରହଣକୁ ନିଶ୍ଚିତ କରାଯାଇଥିଲା। ତେବେ କୌଣସି ଦଳ ପ୍ରତ୍ୟାହାର କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବାଂଲାଦେଶ ଏବଂ ଓମାନକୁ ରିଜର୍ଭ ଦଳ ଭାବରେ ରଖାଯାଇଥିଲା। ୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଏବଂ ପାକିସ୍ତାନ ଦ୍ୱିପାକ୍ଷିକ ହକି ଖେଳିନାହାଁନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY